ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ...

ବାଲେଶ୍ୱର ❑ ମଙ୍ଗଳବାର ୧୫ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 15 September 2026
Vol.No. 36 ■ No.243 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସନ୍ତ ସାମ୍ନା, ବାଲେଶ୍ୱର
website : sagarika.in.net

## ଦିଶା ସାଲିଆନ୍ ମୃତ୍ୟୁ ମାମଲାରେ ସିବିଆଇର ବଡ଼ ପଦକ୍ଷେପ:

## ଆଦିତ୍ୟ ଠାକରେ, ଉଦ୍ଧବ ଓ ରିଆ ଚକ୍ରବର୍ତ୍ତୀଙ୍କ ସମେତ ବହୁ ବଡ଼ ବଡ଼ ନାଁ ବିରୋଧରେ ଏତଲା



ନୂଆଦିଲ୍ଲୀ,୧୪/୯ : ଦିବଂଗତ ବଲିଉଡ୍ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ପୂର୍ବତନ ମ୍ୟାନେଜର ଦିଶା ସାଲିଆନଙ୍କ ମୃତ୍ୟୁ ରହସ୍ୟ ଏବେ ଏକ ନୂଆ ମୋଡ଼ ନେଇଛି। ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ) ଏହି ଘଟଣାରେ ଏକ ନୂତନ ଏତଲା ରୁଜୁ କରିଛି । ଏହି ଏତଲାରେ ରାଜନୀତି, ବଲିଉଡ୍ ଏବଂ ପୁଲିସ ପ୍ରଶାସନର ଏକାଧିକ ହେଭିୱେଟ୍‌ଙ୍କ ନାମ ସାମିଲ ହେବା ପରେ ସାରା ଦେଶରେ ଚାଞ୍ଚଲ୍ୟ ଖେଳିଯାଇଛି । ସିବିଆଇ ପକ୍ଷରୁ ରୁଜୁ ହୋଇଥିବା ମାମଲାରେ ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକରେ, ତାଙ୍କ ପିତା ତଥା ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ଏବଂ ପୂର୍ବତନ ଗୃହମନ୍ତ୍ରୀ ଅନୀଲ ଦେଶମୁଖଙ୍କ ନାମ ରହିଛି । ଏହା ବ୍ୟତୀତ ଅଭିନେତା ଡିନୋ ମୋରିଆ, ସୂରଜ ପାଞ୍ଚୋଲି, ରୋହନ ରୟ, ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀ, ତାଙ୍କ ଭାଇ ଶୋଭିକ୍ ଚକ୍ରବର୍ତ୍ତୀ, ପୂର୍ବତନ ମୁମ୍ବାଇ ପୁଲିସ କମିସନର ପରମ ବୀର ସିଂହ, ପୂର୍ବତନ ପୁଲିସ ଅଧିକାରୀ ସଚିନ ଭାଜେ ଓ ଡିସିପି ବିଶାଲ ଠାକୁରଙ୍କ ସମେତ ଅନେକ ବ୍ୟକ୍ତିଙ୍କ ନାମ ତଦନ୍ତ ପରିସରଭୁକ୍ତ କରାଯାଇଛି। ଏତଲାରେ ଉଲ୍ଲେଖ କରାଯାଇଛି ଯେ ତତ୍କାଳୀନ ସରକାରୀ ବ୍ୟବସ୍ଥାରେ ଥିବା ପ୍ରଭାବଶାଳୀ ବ୍ୟକ୍ତିମାନେ ଷଡ଼ଯନ୍ତ୍ର କରି ତଥ୍ୟ ଓ ପ୍ରମାଣ ଲୁଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ମାମଲା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଫାଇଲ୍ ତଥା ସରକାରୀ ରେକର୍ଡ ନଷ୍ଟ କରିବା, ମିଥ୍ୟା ଦସ୍ତାବିଜ୍ ପ୍ରସ୍ତୁତ କରିବା ଏବଂ ଅପରାଧୀମାନଙ୍କୁ ସୁରକ୍ଷା ଦେବା ◆◆ପୃଷ୍ଠା ୭

## ବଙ୍ଗୋପସାଗରରେ ଲଘୁଚାପର ଲହରୀ: ରାଜ୍ୟରେ ପୁଣି ବଢ଼ିବ ବର୍ଷା



ଭୁବନେଶ୍ୱର, ୧୪/୯ (ନି.ପ୍ର): ବଙ୍ଗୋପସାରଗରେ ପଛକୁ ପଛ ଆସୁଛି ଲଘୁଚାପ। ଗୋଟିଏ ଲଘୁଚାପ ଦୁର୍ବଳ ହେଲାବେଳକୁ ତା ପଛକୁ ଆସୁଛି ଆଉ ଗୋଟିଏ। ମୌସୁମୀ ଆସିବା ପରଠାରୁ ଚଳିତ ବର୍ଷ ବାରମ୍ବାର ଦେଖିବାକୁ ମିଳିଛି ଏମିତି ବିଚିତ୍ର ସ୍ଥିତି। ଉତ୍ତରଓଡ଼ିଶା ଭଳି ନିର୍ଦ୍ଦିଷ୍ଟ ଅଂଚଳକୁ ଆକ୍ରାମାକ୍ତ କରୁଛି। ସମାନ ଢ଼ଂଗରେ ଆଗକୁ ଆଉ ଏକ ଲଘୁଚାପ ଆସୁଥିବା ଆକଳନ କରିଛି ପାଣିପାଗ ବିଭାଗ। ବଙ୍ଗୋପସାଗରରେ ଆସୁଛି ପୁଣି ଏକ ଲଘୁଚାପ। ସେପ୍ଟେମ୍ବର ୨୦ରୁ ୨୩ ମଧ୍ୟରେ ଉତ୍ତର ଆଣ୍ଡାମାନ ସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ, ପରେ ଏହା ଲଘୁଚାପର ରୂପ ନେଇପାରେ। ଏହାର ଗତିପଥ ଓ ପ୍ରଭାବ ଉପରେ ଏବେଠାରୁ ନଜର ରହିଛି। ସମ୍ଭାବ୍ୟ ଲଘୁଚାପଟି ପ୍ରାୟ ୨୨ ସେପ୍ଟେମ୍ବର ବେଳକୁ ଦକ୍ଷିଣ ଓଡ଼ିଶା–ଉତ୍ତର ଆନ୍ଧ୍ର ଉପକୂଳ ନିକଟକୁ ଆସିପାରେ। ଏହା କେତେ ଶକ୍ତିଶାଳୀ ହେବ ଓ କେଉଁ ଦିଗକୁ ଗତି କରିବ, ତାହା ଏବେଠାରୁ ସ୍ପଷ୍ଟ ହେଇନାହିଁ। ତେବେ ସିଷ୍ଟମ୍‌ଟି ଲଘୁଚାପରେ ପରିଣତ ହେଲେ ଓଡ଼ିଶାରେ ବର୍ଷା ବଢ଼ିପାରେ। ଏପଟେ ରାଜ୍ୟରେ ଜାରି ରହିଛି ମୌସୁମୀ ବର୍ଷା। ଆସନ୍ତା ୨୪ ଘଣ୍ଟାରେ କିଛି ସ୍ଥାନରେ ବର୍ଷା ସହ ବଜ୍ରପାତ ହୋଇପାରେ। ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜକୁ ଭାରି ବର୍ଷା ପାଇଁ ହଳଦିଆ ସତର୍କତା ଜାରି ହୋଇଛି। ତେବେ ନଜର ଏବେ ବଙ୍ଗୋପସାଗରର ସମ୍ଭାବ୍ୟ ନୂଆ ଲଘୁଚାପ ଉପରେ। ସିଷ୍ଟମ୍ ସୃଷ୍ଟି ହେବା ପରେ ହିଁ ଓଡ଼ିଶା ଉପରେ ଏହାର ପ୍ରକୃତ ପ୍ରଭାବ ସ୍ପଷ୍ଟ ହେବ। ◆◆ପୃଷ୍ଠା ୭

## ଗଣେଶ ପୂଜାରେ ଉତ୍ସବମୁଖର ସାରା ଓଡ଼ିଶା



ଭୁବନେଶ୍ୱର, ୧୪/୯ (ନି.ପ୍ର): ଉତ୍ତରରୁ ଦକ୍ଷିଣ, ଉପକୂଳରୁ ଉପାନ୍ତ । ଅଗ୍ରପୂଜ୍ୟଙ୍କ ଆବାହନ ପାଇଁ ଉତ୍ସବ ମୁଖର ଓଡ଼ିଶା । ସହର ବଜାର, ଶିକ୍ଷାନୁଷ୍ଠାନରୁ ଘରୋଇ ଆୟୋଜନ । ସବୁଠି ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଛି ଗଣପତିଙ୍କ ପୂଜାର୍ଚ୍ଚନା । ତେବେ କିଛି ସ୍ଥାନରେ ନିଆରା ମୂର୍ତ୍ତି ଓ ସାଜସଜ୍ଜା ଶ୍ରଦ୍ଧାଳୁଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ, ରାଜଧାନୀରେ ସୁଉଚ୍ଚ ପ୍ରତିମା ପାଇଁ ଯେପରି ଏବର୍ଷ ପ୍ରତିଯୋଗିତା ଲାଗିଛି । ସୁନାରେ ସଜ୍ଜିତ ଗଣେଶ, ଚାନ୍ଦି ଆଭୂଷିତ ଗଣେଶ, ଲଡ୍ଡୁ ଗଣେଶ, ବୁଢ଼ା ଗଣେଶ, ଗଛରେ ଗଣେଶ ଓ ଧାରଣାସ୍ଥଳରେ ବି ଗଣେଶ । କେଉଁଠି ମନ୍ଦିରରେ, କେଉଁଠି ମଣ୍ଡପରେ । ଚାରିଆଡ଼େ ବିଦ୍ୟମାନ ◆◆ପୃଷ୍ଠା ୭

## ହୁତି କବ୍‌ଜାରେ ମାୟୁନ୍ ଦ୍ୱୀପ: ଆମେରିକାର ଆଫ୍ରିକାସ୍ଥିତ ସାମରିକ ଘାଟି ଉପରେ ବଢ଼ିଲା ବିପଦ



ନୂଆଦିଲ୍ଲୀ,୧୪/୯ : ୟେମେନ୍‌ର ଇରାନ୍ ସମର୍ଥିତ ହୁତି ବିଦ୍ରୋହୀମାନେ ରେଡ୍ ସି’ର ଗୁରୁତ୍ୱପୂର୍ଣ୍ଣ ବାବ୍ ଅଲ୍-ମନ୍ଦେବ୍ ଜଳପଥ ମଝିରେ ଥିବା ମାୟୁନ୍ ଦ୍ୱୀପକୁ ଦଖଲ କରିନେଇଛନ୍ତି। ଏହାର ଗୋଟିଏ ଦିନ ପୂର୍ବରୁ ସେମାନେ ରେଡ୍ ସି’ କୂଳର ଐତିହାସିକ ମୋଚା ବନ୍ଦରକୁ ମଧ୍ୟ ନିଜ ନିୟନ୍ତ୍ରଣକୁ ନେଇଥିଲେ। ଏହା ଫଳରେ ଏସିଆ ଓ ୟୁରୋପ୍ ମଧ୍ୟରେ ଜାହାଜ ଚଳାଚଳ ଏବଂ ତୈଳ ବାଣିଜ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏହି ଜଳପଥ ଉପରେ ହୁତିଙ୍କ ପ୍ରଭାବ ବଢ଼ିଛି। ମାୟୁନ୍‌କୁ ପେରିମ୍ ମଧ୍ୟ କୁହାଯାଏ। ଏହା ବାବ୍ ଅଲ୍-ମନ୍ଦେବ୍‌ର ମଝିରେ ଥିବା ଏକ ଛୋଟ ଆଗ୍ନେୟଗିରି ଦ୍ୱୀପ। ଏହି ଜଳପଥ ଏହାର ସଂକୀର୍ଣ୍ଣ ସ୍ଥାନରେ ପ୍ରାୟ ୨୯ କିମି ଚଉଡ଼ା। ମାୟୁନ୍ ଦଖଲ କରିବା ପରେ ହୁତିମାନେ ଜିବୁତି ଉପକୂଳଠାରୁ ପ୍ରାୟ ୩୨ କିମି ଦୂରରେ ପହଞ୍ଚିଛନ୍ତି। ସେମାନଙ୍କ ନିୟନ୍ତ୍ରଣରେ ଥିବା ଅଞ୍ଚଳ ଆମେରିକାର ଆଫ୍ରିକାସ୍ଥିତ ପ୍ରମୁଖ ସାମରିକ ଘାଟି କ୍ୟାମ୍ପ ଲେମୋନିଅରଠାରୁ ୧୩୦ କିମିରୁ କମ୍ ଦୂରରେ ରହିଛି। କ୍ୟାମ୍ପ ଲେମୋନିଅର ଆମେରିକାର ଆଫ୍ରିକା ମହାଦେଶର ଏକମାତ୍ର ସ୍ଥାୟୀ ସାମରିକ ଘାଟି। ଏଠାରେ ୪,୦୦୦ରୁ ଅଧିକ ସାମରିକ ଓ ବେସାମରିକ କର୍ମଚାରୀ ରହିଛନ୍ତି। ଆତଙ୍କବାଦ ବିରୋଧୀ ଅଭିଯାନ, ଡ୍ରୋନ୍ ଓ ସାମୁଦ୍ରିକ ସୁରକ୍ଷା କାର୍ଯ୍ୟକଳାପ ପାଇଁ ଏହି ଘାଟି ବ୍ୟବହାର ହୋଇଥାଏ। ◆◆ପୃଷ୍ଠା ୭

## ତୈଳ ଦର ବୃଦ୍ଧି ପାଇଁ ଜେଲେନସ୍କିଙ୍କୁ ଦାୟୀ କଲେ ଟ୍ରମ୍ପ

ନୂଆଦିଲ୍ଲୀ,୧୪/୯ : ଆମେରିକାରେ ଡିଜେଲ୍ ଦରରେ ଦ୍ରୁତ ବୃଦ୍ଧି ମଧ୍ୟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଥିପାଇଁ ୟୁକ୍ରେନ୍ର ରାଷ୍ଟ୍ରପତି ଭ୍ଲାଦିମିର ଜେଲେନସ୍କିଙ୍କୁ ଦାୟୀ କରିଛନ୍ତି। ରୁଷିଆର ତୈଳ ବିଶୋଧନାଗାର ଓ ଇନ୍ଧନ ପ୍ରତିଷ୍ଠାନଗୁଡ଼ିକ ଉପରେ ୟୁକ୍ରେନ୍ର କ୍ରମାଗତ ଆକ୍ରମଣ ଯୋଗୁଁ ବିଶ୍ୱ ଇନ୍ଧନ ବଜାର ଉପରେ ଚାପ ବଢ଼ୁଛି ବୋଲି ଟ୍ରମ୍ପ ଅଭିଯୋଗ କରିଛନ୍ତି ।ରୁଷିଆର ଅନ୍ତର୍ଜାତୀୟ ସମ୍ବାଦ ଟେଲିଭିଜନ ନେଟୱର୍କ ରଶିଆ ଟୁଡେ (ଆର୍ଟି) ଅନୁଯାୟୀ, ଆମେରିକାରେ ଡିଜେଲ୍ର ଜାତୀୟ ହାରାହାରି ଦର ଏହି ସପ୍ତାହରେ ପ୍ରଥମ ଥର ପାଇଁ ପ୍ରତି ଗ୍ୟାଲନ୍ ୬ ଡଲାରରୁ ଅଧିକ ହୋଇଛି। ଶୁକ୍ରବାର ଦର ୬ ଡଲାରରୁ ଅଧିକ ରେକର୍ଡ ହୋଇଥିବା ବେଳେ ଏକ ସପ୍ତାହ ପୂର୍ବରୁ ଏହା ◆◆ପୃଷ୍ଠା ୭

## ନନ୍ଦନକାନନରେ ଓରାଙ୍ଗଉଟାନ୍ ଶାବକଙ୍କ ସ୍ୱାସ୍ଥ୍ୟ ସ୍ଥିର: ନିୟମିତ ନଜର ରଖିଛନ୍ତି ଡାକ୍ତରୀ ଟିମ୍

ଭୁବନେଶ୍ୱର, ୧୪/୯ (ନି.ପ୍ର): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ କ୍ୱାରେଣ୍ଟାଇନରେ ରହୁଥିବା ୫ଟି ଓରାଙ୍ଗଉଟାନ୍ ଶାବକଙ୍କ ସ୍ୱାସ୍ଥ୍ୟାବସ୍ଥା ସନ୍ତୋଷଜନକ ଓ ସ୍ଥିର ରହିଛି । ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ସମସ୍ତ ଶାବକ ସ୍ୱାଭାବିକ ଭାବେ ଖାଦ୍ୟ ଗ୍ରହଣ କରୁଛନ୍ତି ଏବଂ ସେମାନଙ୍କ ସକ୍ରିୟତାରେ ସୁଧାର ଆସିଛି । ନିକଟରେ ବାଲେଶ୍ୱରର ବିଚିତ୍ରପୁର ଜଙ୍ଗଲରୁ ଉଦ୍ଧାର କରାଯାଇଥିବା ଏହି ଶାବକମାନଙ୍କୁ ସେପ୍ଟେମ୍ବର ୮ ତାରିଖରୁ ନନ୍ଦନକାନନର ସ୍ୱତନ୍ତ୍ର କ୍ୱାରେଣ୍ଟାଇନ ଏନକ୍ଲୋଜରରେ ରଖାଯାଇଛି । ଶାବକମାନଙ୍କ ସ୍ୱାସ୍ଥ୍ୟର ◆◆ପୃଷ୍ଠା ୭

15001/97/2627



ନୂଆଁଖାଇ-୨୦୨୬ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଏହା ଏକ କୃଷିଭିତ୍ତିକ ପର୍ବ । ଏହି ପରିପ୍ରେକ୍ଷୀରେ ମୁଁ ରାଜ୍ୟର କୃଷକ ଭାଇଭଉଣୀ ତଥା ରାଜ୍ୟବାସୀଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

OIPR: 15001/15001/2/26-27/0097

15001/97/2627



ନୂଆଁଖାଇ ତିହାର୍ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଁଖାଇ ଜୁହାର୍!

ପବିତ୍ର ନୂଆଁଖାଇ ତିହାର୍‌ର ଉଧେ ସମ୍‌କୁ ମୋର୍ ଅଭିନନ୍ଦନ୍ ଆର୍ ଜୁହାର୍ ।

ନୂଆଁ ଧାନ୍ ଘରକେ ଆନିକରି ନିଜର ଇଷ୍ଟ ଦେବାଦେବୀଙ୍କୁ ପୂଜା କରି, ସଭେ ମିଶିକରି ନୂଆଁ ଖାଏବାର୍ ଇ ମହାନ୍ ପରମ୍ପରା- ଆମର୍ ସଂସ୍କୃତି, ଭାଇଚାରା ଆର୍ ଏକତାର୍ ସବୁନୁ ବଡ଼ ପ୍ରତୀକ୍ ଆଏ । ନୂଆଁ ଆଶା, ନୂଆଁ ସପନ୍ ଆର୍ ବହୁତ୍ ଖୁସି ନେଇକରି ଆସିଥିବାର୍ ଇ ମହାନ ତିହାର୍ ସମକର୍ ଜୀବନ୍ କେ ସୁଖ୍, ଶାନ୍ତି ଆର୍ ସମୃଦ୍ଧିଥି ଭରି ଦଉ- ମାଁ ସମଲେଇଙ୍କର ପାହାତଲେ ଇଟା ହିଁ ଗୁହାରି କରୁଛେଁ ।

ସମକର ନୂଆଁଖାଇ ଭଲ୍ ସେ କଟୁ, ମାଁ ସମଲେଇ ସମକୁ ଭଲ୍ ସେ ରଖୁନ୍!

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/15001/2/26-27/0097

# କୋମନା ଜମି ଜାଲିଆତି ମାମଲା: ୩ ଜମି ଦଲାଲ ଗିରଫ, କୋର୍ଟ ଚାଲାଣ କଲା ପୁଲିସ




କୋମନା,୧୪/୦୯ (ନି.ପ୍ର): କୋମନା ତହସିଲରେ ହୋଇଥିବା ବହୁଚର୍ଚ୍ଚିତ ଜମି ଜାଲିଆତି ମାମଲାରେ କୋମନା ପୁଲିସ ଜମି ଦଲାଲଙ୍କୁ ଗିରଫ କରିଛି । କୋମନା ତହସିଲ ଅଧୀନରେ ଥିବା ଜମି ମାଲିକ ସତ୍ୟନାରାୟଣ ପ୍ରଧାନୀ ଓ ଭଉଣୀ କୁମଦିନ ପ୍ରଧାନୀଙ୍କ ନାମରେ ଥିବା ୪ ଏକର ୪୦ ଡିସମିଲ୍ ଜମିକୁ କୋମନା ନକଲି ଜମି ମାଲିକ ସାଜି ସବ ରେଜିଷ୍ଟ୍ରର ଅଫିସରେ ଜାଲିଆତି କରି ବିକ୍ରି କରିଥିଲେ । ଧାନ ବିକିବା ପାଇଁ ରେଜିଷ୍ଟ୍ରେସନ କରିବା ସମୟରେ ଅସଲି ଜମି ମାଲିକ ତାଙ୍କ ନାମରେ କୋଣସି ଜମି ନଥିବା ଜାଣି କୋମନା ତହସିଲ ଅଫିସ ସବ ରେଜିଷ୍ଟ୍ରର ଅଫିସରେ ଜଣାଇବା ପରେ ଏହି ଘଟଣାକୁ ନେଇ ରାଜ୍ୟରେ ଚହଳ ପଡିଥିଲା । ଫଳରେ ଜିଲ୍ଲା ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱ ଦେଇ ତଦନ୍ତ କରିଥିଲା ଓ ଏଥିରେ ସମ୍ପୃକ୍ତ ଥିବା ଜଣେ କର୍ମଚାରୀଙ୍କୁ ନିଲମ୍ବିତ କରି ଅନ୍ୟ ଜଣକୁ ଅନ୍ୟତ୍ର ବଦଳି କରିଥିଲେ । ରାଜ୍ୟ ସରକାରଙ୍କ ତରଫରୁ ତହସିଲଦାରଙ୍କୁ ନିଲମ୍ବିତ କରିଥିଲେ । ପୁଲିସ କାର୍ଯ୍ୟାନୁଷ୍ଠାନ ନେଇ ପ୍ରଥମେ ନକଲି ସତ୍ୟ ନାରାୟଣ ପ୍ରଧାନୀ ( ଡୁମାଲ ରଣା) ଙ୍କୁ ପୀଡ଼ିତ ପରିବାର ତରଫରୁ ଛତିଶଗଡ ଅଂଚଳରୁ ଠାବ କରି ପୁଲିସକୁ ସୁଚନା ଦେଇଥିଲେ । ଏହାପରେ ପୁଲିସ ଗିରଫ କରି କୋର୍ଟ ଚାଲାଣ କରି କିଛିଦିବ ପରେ ନକଲି କୁମଦିନ ପ୍ରଧାନୀ ( ଦେଓମତି ମାଝୀ ) ଅନ୍ୟ ଦୁଇ ଅଭିଯୁକ୍ତ ୨ ଦୁର୍ଲ୍ଲଭ ନିଆଲ, ଓ ତୁଳସୀ ରଣାକୁ ଗୁରଫ କରିଥିବା ବେଳେ ରବିବାର ବିଳମ୍ବିତ ରାତିରେ ଅସଲି ଜମି ଦଲାଲ କୋମନା ଥାନା ପେଣ୍ଡରାବନ୍ଦ ସନ୍ତୋଷ ଦୁରିଆ, ବୋଡ଼େନ ଥାନା କରଙ୍ଗାମାଳର ରାମ ଲାଲ ପଣ୍ଡା ଓ ଠୋଙ୍ଗ ଗାଁର ଯାକ୍ସନ ବାଗକୁ ଗିରଫ କରି କୋର୍ଟ ଚାଲାଣ କରିଥିବା କୋମନା ଥାନା ଆଇଆଇସି ଶ୍ରୀବଲ୍ଲଭ ସାହୁ ସୁଚନା ଦେଇଛନ୍ତି ।

# ୨୦୩୬ର ଓଡ଼ିଶା ଗଠନରେ ଗଜପତି ମହାରାଜାଙ୍କ ଆଦର୍ଶ ହେଉ ପ୍ରେରଣା




ପାରଳାଖେମୁଣ୍ଡି ,୧୪/୦୯ (ନି.ପ୍ର): ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନରେ ପାରଳା ମାଟିର ଅବଦାନ ଯେତିକି ଗୁରୁତ୍ୱପୂର୍ଣ୍ଣ, ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ଭୂମିକା ମଧ୍ୟ ସେତିକି ଅବିସ୍ମରଣୀୟ । ଓଡ଼ିଶା ଗଠନ ସହ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ବ୍ୟବସ୍ଥା ଓ ରାଜ୍ୟର ସାମଗ୍ରିକ ବିକାଶ ପାଇଁ ମହାରାଜା ଯେଉଁ ଦୂରଦୃଷ୍ଟିର ପରିଚୟ ଦେଇଥିଲେ, ତାହା ଆଜିର ପିଢ଼ି ପାଇଁ ମଧ୍ୟ ପ୍ରେରଣାଦାୟକ । ତାଙ୍କ ପଦାଙ୍କ ଅନୁସରଣ କରି 'ବିକଶିତ ଓଡ଼ିଶା-୨୦୩୬'ର ସ୍ୱପ୍ନକୁ ସାକାର କରାଯାଉ ବୋଲି ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି । ଭାଷା ଆନ୍ଦୋଳନ, ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ 'ଶବ୍ଦସ୍ପର୍ଶ'ର ମିଳିତ ଆନୁକୂଲ୍ୟରେ ଦୁଇଦିନ ଧରି ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ୧୨ ଓ ୧୩ ତାରିଖରେ ଆୟୋଜିତ କାର୍ଯ୍ୟକ୍ରମରେ ଗଜପତି ମହାରାଜାଙ୍କ କୀର୍ତ୍ତି ଓ କୃତିତ୍ୱ ସମ୍ପର୍କରେ ଆଲୋଚନା ସହ ତାଙ୍କ ସ୍ମୃତି ସହ ଜଡ଼ିତ ବିଭିନ୍ନ ସ୍ଥାନ ଓ କୀର୍ତ୍ତି ପରିଦର୍ଶନ, କର୍ମଶାଳା ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୂତି ଭୂଷଣ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରକୁ ବିଶିଷ୍ଟ ଶିକ୍ଷାବିତ୍ ତଥା ପ୍ରଫେସର ଦାସ ବେନହୁର ଉଦ୍‌ଘାଟନ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପଛରେ ଗଜପତି ମହାରାଜାଙ୍କ ଅବଦାନ ସମ୍ପର୍କରେ ସେ ଆଲୋକପାତ କରିଥିଲେ । କେବଳ ଓଡ଼ିଶା ଗଠନ ନୁହେଁ, ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ସହ ସାମାଜିକ ପରିବର୍ତ୍ତନ ଦିଗରେ ମଧ୍ୟ ମହାରାଜାଙ୍କ ଅବଦାନ ଅତୁଳନୀୟ ବୋଲି ସେ କହିଥିଲେ । ଭାଷା ଆନ୍ଦୋଳନର ଆବାହକ ସ୍ୱାଗତ ଭାଷଣରେ କହିଥିଲେ ଯେ, ମହାରାଜାଙ୍କ କୀର୍ତ୍ତି ଓ କୃତିତ୍ୱକୁ କେବଳ ପାରଳାଖେମୁଣ୍ଡି ମଧ୍ୟରେ ସୀମିତ ନରଖି ସମଗ୍ର ଓଡ଼ିଶାରେ ପହଞ୍ଚାଇବା ଆବଶ୍ୟକ । ଏଥିପାଇଁ ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ କର୍ମଶାଳା ଓ ଆଲୋଚନାଚକ୍ର ଆୟୋଜନ କରାଯିବ । ଏହା ମାଧ୍ୟମରେ ମହାରାଜାଙ୍କ ଅବଦାନ ସମ୍ପର୍କରେ ଯୁବପିଢ଼ି ମଧ୍ୟରେ ସଚେତନତା ସୃଷ୍ଟି କରାଯିବ ବୋଲି ସେ କହିଥିଲେ । ମୁଖ୍ୟ ଅତିଥି 'ଉପାନ୍ତ ପ୍ରହରୀ'ର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମହାରାଜାଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଅବଦାନ ଅନୁରୂପ ଯଥୋଚିତ ସରକାରୀ ସମ୍ମାନ ମିଳିନଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ । ଭାଜପା ମୁଖପାତ୍ର ତଥା ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଯୋଗଦେଇ ଗଜପତି ମହାରାଜାଙ୍କ ଅନୁକରଣୀୟ ଜୀବନୀକୁ ପାଠ୍ୟକ୍ରମରେ ସ୍ଥାନ ଦେବା ଦିଗରେ ପ୍ରୟାସ କରାଯିବ ବୋଲି ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ପ୍ରଫେସର ଉଦୟନାଥ ସାହୁ ସ୍ୱତନ୍ତ୍ର ଓଡ଼ିଶା ଗଠନର ଇତିହାସ ଏବଂ ଆଧୁନିକ ଓଡ଼ିଶା ନିର୍ମାଣରେ ଗଜପତି ମହାରାଜାଙ୍କ ଭୂମିକାର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ସ୍ତମ୍ଭକାର ନଟବର ଖୁଣ୍ଟିଆ, ଗବେଷକ ସତ୍ୟନାରାୟଣ ମହାପାତ୍ର, ଭାଷାବିତ୍ ଦେବାଶିଷ ମହାପାତ୍ର, ପ୍ରାଧାପିକା ବିଜୟଲକ୍ଷ୍ମୀ ଦାସ, ଶର୍ମିଷ୍ଠା ମହାପାତ୍ର ଓ ଅଧାପକ କଚ୍ଛତରୁ ନାୟକ ପ୍ରମୁଖ ଯୋଗଦେଇ ମହାରାଜାଙ୍କ ଐତିହାସିକ ଅବଦାନ ଉପରେ ମତ ରଖିଥିଲେ । ଆଲୋଚନାଚକ୍ରରେ ମହାରାଜାଙ୍କ ଭୂମିକାକୁ ନେଇ ସଚିତ୍ର ପୁସ୍ତକ ପ୍ରକାଶନ, ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ସଂଖ୍ୟକ ଓଡ଼ିଆ ଶିକ୍ଷକ ନିଯୁକ୍ତି, ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାରପ୍ରସାର ଏବଂ ବିକୃତ ବା ଅତିରଞ୍ଜିତ ଇତିହାସର ପୁନଃଲିଖନ ଭଳି ଏକାଧିକ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ଅବସରରେ ୮୭୮ ଦିନର କଳାପତାକା ଅଭିଯାନରେ ସାମିଲ ହୋଇଥିବା ୫୦ରୁ ଅଧିକ ଭାଷା ଯୋଦ୍ଧା, ଶିକ୍ଷାବିତ୍ ଏବଂ 'ପାରଳା ଗଜପତି ବିକାଶ ମଞ୍ଚ'କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାଗର ରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିବାବେଳେ ରାଜକିଶୋର ପାଣିଗ୍ରାହୀ ଓ ସାରଦା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଇ.ଡି.ର ପତ୍ରିକା 'ପ୍ରବର୍ତ୍ତନ ସନ୍ଦେଶ'କୁ ମିଳିଲା ରାଜଭାଷା କୀର୍ତ୍ତୀ ପୁରସ୍କାର

ମୁମ୍ବାଇ,୧୪/୦୯ (ନି.ପ୍ର): ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସରକାରୀ ଭାଷା ବିଭାଗ ପ୍ରବର୍ତନ ନିର୍ଦ୍ଦେଶାଳୟ(ଇଡି)ର ହିନ୍ଦୀ ହୋମ୍ ମାଗାଜିନ୍ 'ପ୍ରବର୍ତନ ସନ୍ଦେଶ'କୁ ଚଳିତ ବର୍ଷ ପାଇଁ ସମ୍ମାନଜନକ 'ରାଜଭାଷା କୀର୍ତି ପୁରସ୍କାର' ('ଏ' କ୍ଷେତ୍ରରେ ଦ୍ୱିତୀୟ ପୁରସ୍କାର) ପ୍ରଦାନ କରିଛି । ମୁମ୍ବାଇରେ ଆୟୋଜିତ 'ହିନ୍ଦୀ ଦିବସ-୨୦୨୬' ଏବଂ ଷଷ୍ଠ ସର୍ବଭାରତୀୟ ସରକାରୀ ଭାଷା ସମ୍ମିଳନୀ ଅବସରରେ କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ବି. ସଞ୍ଜୟ କୁମାର ଏବଂ ନିତ୍ୟାନନ୍ଦ ରାୟଙ୍କ ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଅଧ୍ୟକ୍ଷତା କରିଥିଲେ ।
ଇଡି ଅନୁଯାୟୀ, ପ୍ରବର୍ତନ ସନ୍ଦେଶ ହେଉଛି ଏଜେନ୍ସିର ଆଭ୍ୟନ୍ତରୀଣ ହିନ୍ଦୀ ପତ୍ରିକା, ଯାହା ମାଧ୍ୟମରେ ନିର୍ଦ୍ଦେଶାଳୟର କ୍ଷେତ୍ର ସହିତ ଜଡ଼ିତ ଜଟିଳ ଆଇନଗତ, ଆର୍ଥିକ ଏବଂ ଅନୁସନ୍ଧାନକାରୀ ବୈଷୟିକ ବିଷୟ ତଥା ରାଜଭାଷା ହିନ୍ଦୀ ସମ୍ବନ୍ଧୀୟ କାର୍ଯ୍ୟକଳାପକୁ ଏକ ସରଳ, ସ୍ୱଚ୍ଛାତ ଏବଂ ପ୍ରଭାବଶାଳୀ ଭାଷାରେ ଉପସ୍ଥାପନ କରାଯାଏ । ଏହି ପତ୍ରିକାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନିର୍ଦ୍ଦେଶାଳୟର ବହୁମୁଖୀ କାର୍ଯ୍ୟକୁ ସାଧାରଣ ଜନତା ଏବଂ ଅଧିକାରୀମାନଙ୍କ ସମ୍ମୁଖରେ ହିନ୍ଦୀରେ ଆଣିବା ସହିତ ସରକାରୀ କାର୍ଯ୍ୟରେ ସରକାରୀ ଭାଷାର ପ୍ରଗତିଶୀଳ ବ୍ୟବହାରକୁ ସଶକ୍ତ କରିବା ।
୨୦୨୫-୨୬ ବର୍ଷରେ ପ୍ରକାଶିତ ପତ୍ରିକାର ୯ମ ସଂସ୍କରଣର ମୁଖ୍ୟ ବିଷୟବସ୍ତୁ ଥିଲା 'ଆତଙ୍କବାଦୀ ପାଣ୍ଠି ଯୋଗାଣ ବିରୁଦ୍ଧରେ ଇଡି ଅଭିଯାନ' । ଏଥିରେ ଆତଙ୍କବାଦ ପାଇଁ ପାଣ୍ଠି ଯୋଗାଣ, ଆର୍ଥିକ ଅପରାଧ ଏବଂ ଦେଶର ଆର୍ଥିକ ଓ ଜାତୀୟ ସୁରକ୍ଷା ସହ ଜଡ଼ିତ ସମ୍ବେଦନଶୀଳ ଦିଗଗୁଡ଼ିକ ବିରୋଧରେ ଏଜେନ୍ସିର କାର୍ଯ୍ୟାନୁଷ୍ଠାନ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଥିଲା । ସଂଖ୍ୟା-୧୦ର କେନ୍ଦ୍ରୀୟ ବିଷୟବସ୍ତୁ ଥିଲା 'ଜନସ୍ୱାର୍ଥରୁ ଦେଶ ସ୍ୱାର୍ଥ ପର୍ଯ୍ୟନ୍ତ: ଇଡି' ର ପୀଡ଼ିତ-କୈନ୍ଦ୍ରିକ କାର୍ଯ୍ୟାନୁଷ୍ଠାନ ଏବଂ ରିଲିଫ୍' । ଆର୍ଥିକ ଠକେଇର ଶିକାର ହୋଇଥିବା ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା, ଅପରାଧର ଆୟର ସନ୍ଧାନ କରିବା, ଜବତ କରିବା ଏବଂ ସମ୍ପତିର ଚୂଡ଼ାନ୍ତ ଫେରସ୍ତ ସୁନିଶ୍ଚିତ କରିବା ଦିଗରେ ଇଡି-ର ନ୍ୟାୟିକ-କୈନ୍ଦ୍ରିକ କାର୍ଯ୍ୟଶୈଳୀ ଉପରେ ଏହା ଆଲୋକପାତ କରିଥିଲା ।

# ଜମି ବିବାଦକୁ କେନ୍ଦ୍ର କରି ଉତ୍ତେଜନା: ମାଡ଼ମାରି, ଘର ଭଙ୍ଗାରୁଜା ଓ ଧମକ ଅଭିଯୋଗ

ଭଦ୍ରକ,୧୪/୦୯ (ନି.ପ୍ର): ଜମିକୁ କେନ୍ଦ୍ର କରି ଏକ ପରିବାର ଓ ଅନ୍ୟପକ୍ଷ ମଧ୍ୟରେ ଦୀର୍ଘଦିନ ଧରି ଚାଲିଥିବା ବିବାଦକୁ ନେଇ ଉତେଜନା ଦେଖାଦେଇଛି । ରାସ୍ତା ନିର୍ମାଣ ପାଇଁ ତାଙ୍କ ଜମି ଉପରେ ଜବରଦସ୍ତି ରାସ୍ତା ନେବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ କରିଛନ୍ତି ବରାଙ୍ଗ ଅଂଚଳର ଶକୁନ୍ତଳା ପଲେଇ । ଏହାକୁ ବିରୋଧ କରିବାରୁ ତାଙ୍କ ପରିବାର ଉପରେ ମାଡ଼ମାରି କରାଯାଇଥିବା ସେ ଅଭିଯୋଗ କରିଛନ୍ତି । ଶକୁନ୍ତଳା ଙ୍କ କହିବା ଅନୁସାରେ, ଘଟଣାକୁ ନେଇ ପ୍ରାୟ ଏକ ବର୍ଷ ହେବ ସେ ଆଇନର ଆଶ୍ରୟ ନେଇଛନ୍ତି । ମାମଲା ଏବେ ମଧ୍ୟ କୋର୍ଟରେ ବିଚାରାଧୀନ ଥିବା ସେ କହିଛନ୍ତି । ଏହା ସତ୍ତ୍ୱେ ମଧ୍ୟ ତାଙ୍କ ପରିବାରକୁ ହଇରାଣ କରାଯାଉଥିବା ଏବଂ ଧମକ ଦିଆଯାଉଥିବା ନେଇ ସେ ଅଭିଯୋଗ ଉଠାଇଛନ୍ତି । ତାଙ୍କ ଅଭିଯୋଗ ଅନୁସାରେ, ଗତକାଲି ରାତିରେ ଘଟଣାକୁ ନେଇ ସେ ସାବରଙ୍ଗ ଥାନାରେ ଯାଇ ଅଭିଯୋଗ କରିଥିଲେ । ପରଦିନ ସକାଳେ ଅଭିଯୋଗ ଦିଆଯାଇଥିବା ଖବର ପାଇ କିଛି ବ୍ୟକ୍ତି ତାଙ୍କ ଘରକୁ ଆସି ପରିବାର ସଦସ୍ୟଙ୍କ ସହ ଗଣ୍ଡଗୋଳ କରିଥିବା ସେ କହିଛନ୍ତି । ଶକୁନ୍ତଳା ଙ୍କ ଅଭିଯୋଗ ହେଉଛି, ଘଟଣା ସମୟରେ ତାଙ୍କୁ ଧକ୍କା ମାରିବା ସହ ତାଙ୍କ ମୋବାଇଲ ଫୋନ ଛଡ଼ାଇ ନିଆଯାଇଥିଲା । ଏଥିସହ ଘରର ଦୁଆର, କାଚ ଓ ସିସିଟିଭି କ୍ୟାମେରା ଆଦି ଭଙ୍ଗାରୁଜା କରାଯାଇଥିବା ନେଇ ସେ ଅଭିଯୋଗ କରିଛନ୍ତି । ଏହି ଘଟଣାରେ ଅରୁଣ ସାହୁ, ଗୁଡୁ, ବଙ୍କୁ ସାହୁ, ଦୀପା ସାହୁଙ୍କ ସମେତ ଅନ୍ୟ କିଛି ବ୍ୟକ୍ତି ଓ ମହିଳାଙ୍କ ସମ୍ପୃକ୍ତି ଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି । ତେବେ ଏହି ଅଭିଯୋଗଗୁଡ଼ିକର ସ୍ୱାଧୀନ ଭାବେ ସତ୍ୟତା ଯାଂଚ ହୋଇନାହିଁ । ଶକୁନ୍ତଳା ଙ୍କ ଅଭିଯୋଗ ଅନୁସାରେ, ଘଟଣା ସମୟରେ ପରିବାରକୁ ଘରେ ରହିବାକୁ ଦିଆଯିବ ନାହିଁ ଏବଂ ଘରେ ନିଆଁ ଲଗାଇଦେବା ଭଳି ଧମକ ମଧ୍ୟ ଦିଆଯାଇଥିଲା । ଏହାକୁ ନେଇ ପରିବାରରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଥିବା ସେ କହିଛନ୍ତି । ଜମି ସମ୍ପର୍କିତ ମାମଲା କୋର୍ଟରେ ବିଚାରାଧୀନ ଥିବାବେଳେ ଆଇନକୁ ହାତକୁ ନନେଇ ଶାନ୍ତି ରକ୍ଷା କରିବାକୁ ସେ ଦାବି କରିଛନ୍ତି । ଏଥିସହ ତାଙ୍କ ପରିବାରର ସୁରକ୍ଷା ସୁନିଶ୍ଚିତ କରିବା, ଘଟଣାର ନିରପେକ୍ଷ ତଦନ୍ତ କରିବା ଏବଂ ଦୋଷୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବାକୁ ସେ ପୁଲିସ ଓ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# କଟକରେ ଚାନ୍ଦା ଆଦାୟକାରୀଙ୍କୁ ପୁଲିସର ଝଟ୍‌କା: ଜୋର୍ ଜବରଦସ୍ତି ଚାନ୍ଦା ମାଗି ୩ ଗିରଫ




କଟକ ,୧୪/୦୯ (ନି.ପ୍ର): ପୂଜା ପୂର୍ବରୁ ଜୋର୍ ଜବରଦସ୍ତି ଚାନ୍ଦା ଆଦାୟ ଉପରେ କଟକ କମିସନରେଟ୍ ପୁଲିସର କଡ଼ା ଆକ୍ସନ୍ । ବଳପୂର୍ବକ ଚାନ୍ଦା ଆଦାୟ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି ପୁଲିସ । ମର୍କତନଗର ଥାନା ୨ ଜଣଙ୍କୁ ଏବଂ ଜଗତପୁର ଥାନା ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଆଗକୁ ଦଶହରା, କାଳୀପୂଜା ଓ କାର୍ତ୍ତିକେଶ୍ୱର ପୂଜା ଥିବାରୁ ଚାନ୍ଦା ଆଦାୟ ନାଁରେ ଦାଦାବଟିକୁ ନେଇ ପୁଲିସ ଆକ୍ସନ୍ ଆହୁରି କଡ଼ା ହେବ । ବଳପୂର୍ବକ ଚାନ୍ଦା ଆଦାୟ ବିରୋଧରେ କଟକ କମିସନରେଟ୍ ପୁଲିସର ବଡ଼ କାର୍ଯ୍ୟାନୁଷ୍ଠାନ । ଜୋର୍ ଜବରଦସ୍ତି ଚାନ୍ଦା ଆଦାୟ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି ପୁଲିସ । ମର୍କତନଗର ଥାନା ୨ ଜଣଙ୍କୁ ଏବଂ ଜଗତପୁର ଥାନା ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ରାସ୍ତାରେ ଗାଡ଼ି ଅଟକାଇ ଚାନ୍ଦା ମାଗିବା ଏବଂ ବ୍ୟବସାୟୀଙ୍କୁ ଜୋର୍ ଜବରଦସ୍ତି ଚାନ୍ଦା ମାଗିବା ନେଇ ସେମାନଙ୍କ ବିରୋଧରେ ଅଭିଯୋଗ ହୋଇଥିଲା । ପୂଜା ସମୟରେ ଏଭଳି ଅଭିଯୋଗ ବଢୁଥିବାରୁ ଏହାକୁ ନେଇ ପୁଲିସ ପକ୍ଷରୁ କଡ଼ା ନଜର ରଖାଯାଉଛି । ଦାଦାବଟି କିମ୍ବା ଜୋର୍ ଜବରଦସ୍ତି ଚାନ୍ଦା ଆଦାୟ ହେଉଥିଲେ ୧୧୨ କିମ୍ବା ପୁଲିସ ପକ୍ଷରୁ ଜାରି ହୋଇଥିବା ୮୨୮୦୩୩୮୩୦୩ ନମ୍ବରରେ ସୂଚନା ଦେବାକୁ କହିଛନ୍ତି କଟକ ଡିସିପି । ଆଗକୁ ଦଶହରା, କାଳୀପୂଜା ଓ କାର୍ତ୍ତିକେଶ୍ୱର ପୂଜା ଥିବାରୁ ଜୋର୍ ଜବରଦସ୍ତି ଚାନ୍ଦା ଆଦାୟ ଏବଂ ଦାଦାବଟି ବିରୋଧରେ ପୁଲିସ ଆକ୍ସନ୍ ଆହୁରି କଡ଼ାକଡ଼ି ହେବ ।

# ଭକ୍ତି, ପରମ୍ପରା ଓ ପରିବେଶ ଚେତନାର ଅନନ୍ୟ ସମନ୍ୱୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଶ୍ରୀଗଣେଶ ପୂଜା



ବାଲେଶ୍ୱର,୧୪/୦୯ (ନି.ପ୍ର): ଭାଦ୍ରବ ଶୁକ୍ଲପକ୍ଷ ଚତୁର୍ଥୀ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବିଦ୍ୟା ଓ ବୁଦ୍ଧିର ଦେବତା ଶ୍ରୀଗଣେଶଙ୍କ ପୂଜା ଭକ୍ତିମୟ ଓ ଉତ୍ସାହପୂର୍ଣ୍ଣ ପରିବେଶରେ ପାଳିତ ହୋଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ବୈଦିକ ମନ୍ତ୍ରୋଚ୍ଚାରଣ, ହୋମ-ଯଜ୍ଞ ଓ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜା ସମ୍ପନ୍ନ ହୋଇଥିଲା । ବିଭିନ୍ନ ବିଭାଗର ଅଧ୍ୟାପକ-ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ଶତାଧିକ ଛାତ୍ରଛାତ୍ରୀ ପୁଷ୍ପାଞ୍ଜଳି ଅର୍ପଣ କରିବା ସହ ପ୍ରସାଦ ସେବନ କରିଥିଲେ । ପ୍ରକାଶ ଯୋଗ୍ୟ, ରାସାୟନିକ ରଙ୍ଗ ଓ ପ୍ରଦୂଷଣକାରୀ ସାମଗ୍ରୀର ବ୍ୟବହାରକୁ ସମ୍ପୂର୍ଣ୍ଣ ବର୍ଜନ କରି ବିଶ୍ୱବିଦ୍ୟାଳୟ ପରିବେଶ ସୁରକ୍ଷାର ଏକ ସକାରାତ୍ମକ ବାର୍ତ୍ତା ନେଇ, ପ୍ରତିବର୍ଷ ବିଶ୍ୱବିଦ୍ୟାଳୟ ପରିସରରେ ସ୍ଥାପିତ ଶ୍ରୀଗଣେଶଙ୍କ ଶିଳାମୂର୍ତ୍ତି ପୂଜନ କରାଯାଇଥାଏ । ଏହି ଉତ୍ସବ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭକ୍ତି, ସାମୁହିକତା ଓ ପରିବେଶ ସଚେତନତାର ଭାବନାକୁ ଅଧିକ ସୁଦୃଢ଼ କରିଛି ।

# କ୍ୟାରିୟର ବାଛିବାରେ ଆଉ ନୁହେଁ ଦ୍ୱନ୍ଦ୍ୱ, ଦିଗ ଦେଖାଇବ 'ପଦ୍ଧତି'




ଭୁବନେଶ୍ୱର,୧୪/୦୯ (ନି.ପ୍ର): ଭୁବନେଶ୍ୱରରେ ଶୁଭାରମ୍ଭ ହେଲା ନୂଆ ଏଡୁକେସନ୍ ଓ କ୍ୟାରିୟର ଗାଇଡାନ୍ସ ପ୍ଲାଟଫର୍ମ । ଶିକ୍ଷା ଓ କ୍ୟାରିୟର ବାଛିବା ସମୟରେ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ ଥିବା ଦ୍ୱନ୍ଦ୍ୱକୁ ଦୂର କରି ସଠିକ୍ ଦିଗ ଦେଖାଇବା ପାଇଁ ଭୁବନେଶ୍ୱରରେ ଆରମ୍ଭ ହୋଇଛି ଏକ ଅଭିନବ ଏଆଇ ପ୍ଲାଟଫର୍ମ, 'ପଦ୍ଧତି' । ଛାତ୍ରଛାତ୍ରୀଙ୍କ ରୁଚି, ଦକ୍ଷତା ଓ ଆକାଂକ୍ଷାକୁ ଆଧାର କରି ଉପଯୁକ୍ତ କ୍ୟାରିୟର ପଥ ଚିହ୍ନଟ କରିବା ଏହି ପ୍ଲାଟଫର୍ମର ମୂଳ ଲକ୍ଷ୍ୟ । ଆଜିର ସମୟରେ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ପାଇଁ ଶିକ୍ଷା ଓ କ୍ୟାରିୟର କ୍ଷେତ୍ରରେ ବିକଳ୍ପ ବଢ଼ିବା ସହିତ ସଠିକ୍ ବିକଳ୍ପ ଚୟନ କରିବା ଏକ ବଡ଼ ଆହ୍ୱାନ ପାଲଟିଛି । 'ପଦ୍ଧତି' ଏହି ସମସ୍ୟାର ସମାଧାନ ଭାବେ ମାର୍ଗଦର୍ଶନ, ତଥ୍ୟ, ସୁଯୋଗ ଓ ପ୍ରଯୁକ୍ତିକୁ ଏକତ୍ର କରି ଛାତ୍ରଛାତ୍ରୀଙ୍କୁ ନିଜ ସମ୍ଭାବନା ଅନୁଧ୍ୟାନ କରିବାର ସୁଯୋଗ ଦେବ । ପ୍ଲାଟଫର୍ମର ଲଞ୍ଚ ଅବସରରେ ଓଡ଼ିଶାର ଲୋକପ୍ରିୟ ଅଭିନେତ୍ରୀ ଶୀତଲ ପାତ୍ର, ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ବରିଷ୍ଠ ସାମ୍ବାଦିକ ସଂଗ୍ରାମ କେଶରୀ ଷଡ଼ଙ୍ଗୀ, କୂଟନୀତିଜ୍ଞ ସଞ୍ଜୟ ପଣ୍ଡା, ସଙ୍ଗୀତ ନିର୍ଦ୍ଦେଶକ ବାବୁ, ମିଡିଆ ପ୍ଲାନର ପ୍ରଣୟ ଜେଠୀ, ଆଇଆଇଟିଆନ ତୃପ୍ତି ଆଚାର୍ଯ୍ୟ ଓ ହୋଷ୍ଟ ଅମୃତା ରଥଙ୍କ ସମେତ ବହୁ ଅତିଥି ଯୋଗଦେଇଥିଲେ । ଅଭିନେତ୍ରୀ ସୁଚରିତା ସ୍ୱାଇଁ, ପାୟଲିଆ ଓ ଅର୍ପିତା ମଧ୍ୟ ଉପସ୍ଥିତ ଥିଲେ । 'ପଦ୍ଧତି'ର ଫାଉଣ୍ଡର ଦୀପ୍ତି ଆଚାର୍ଯ୍ୟ ଓ କୋ-ଫାଉଣ୍ଡର ମଧୁସ୍ମିତା ଦାଶ ଏହି ପ୍ଲାଟଫର୍ମକୁ ଛାତ୍ରଛାତ୍ରୀଙ୍କ ଦ୍ୱନ୍ଦ୍ୱକୁ ସ୍ପଷ୍ଟତାରେ ଏବଂ ସ୍ୱପ୍ନକୁ ସଠିକ୍ ଦିଗରେ ପରିଣତ କରିବାର ଏକ ପ୍ରୟାସ ବୋଲି କହିଛନ୍ତି ।

## ପୂଜା ମଣ୍ଡପ ବୁଲିଲେ ବିଜେପି ନେତା

ଭଦ୍ରକ,୧୪/୦୯ (ନି.ପ୍ର): ଭଦ୍ରକ ଜିଲା ବନ୍ତ ବ୍ଲକର ଗୋପିନାଥପୁର ଓ ଚାରିଗାଁ ପଚାଂୟତର ବିଭିନ୍ନ ଗଣେଶ ପୂଜା ମଣ୍ଡପ ବୁଲିଲେ ବିଜେପି ଭଣ୍ଡାରିପୋଖରୀ ବିଧାନସଭା ନେତା ଡ. ସୁଧାଂଶୁ ଶେଖର ନାୟକ । ଚାରିଗାଁ ପଚାଂୟତ ଇଟୁଆ ଗ୍ରାମର ଗଣେଶ ମଣ୍ଡପ ପୂଜା କମିଟି, ଗଣେଶ ଉତ୍ସବ ସମିତି, ଜେନାସାହି ମଙ୍ଗଳା କ୍ଲବ, ବେହେରା ପରିବାର ପକ୍ଷରୁ ଆୟୋଜିତ ଗଣେଶ ପୂଜା ମଣ୍ଡପ ବୁଲିବା ସହ ଠାକୁରଙ୍କ ଆଶିଷ ଲାଭ କରିଥିଲେ ।

# ମଦ ମାଫିଆଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିଲେ ବ୍ଲକ୍ ଅଧ୍ୟକ୍ଷା

ଜୟପୁର,୧୪/୦୯ (ନି.ପ୍ର): ଜୟପୁରରେ ମଦ କାରବାରକୁ ନେଇ ଉଠିଛି ବଡ଼ ପ୍ରଶ୍ନ । ଯେଉଁଠି ଅବକାରୀ ବିଭାଗ ଓ ପୋଲିସର ନଜର ଏଡ଼ାଇ ବେଧଡ଼କ ଚାଲିଥିଲା ମଦ କାରବାର, ସେଠାରେ ମଦ ମାଫିଆଙ୍କୁ ଧରିବାକୁ ନିଜେ ମଇଦାନକୁ ଓହ୍ଲାଇଲେ କୁନ୍ଦୁରା ବ୍ଲକ୍ ଅଧ୍ୟକ୍ଷା । ମଦ ମାଫିଆଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିବାର ଘଟଣା ଏବେ ଚର୍ଚ୍ଚାର ବିଷୟ । କୁନ୍ଦୁରା ବ୍ଲକ୍ ଅଞ୍ଚଳରେ ଦିନକୁ ଦିନ ବଢୁଛି ବେଆଇନ ମଦ କାରବାର । ଅଭିଯୋଗ ଅନୁସାରେ, ଗାଁ ଗାଁରେ ଚାଲିଛି ଚୋରା ମଦ ବିକ୍ରି । ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଥିଲେ ମଧ୍ୟ ପୋଲିସ ଓ ଅବକାରୀ ବିଭାଗର ଭୂମିକାକୁ ନେଇ ଉଠିଛି ପ୍ରଶ୍ନ । ଏଭଳି ସମୟରେ ମଦ ମାଫିଆଙ୍କ ବିରୋଧରେ ନିଜେ ଆଗକୁ ଆସିଛନ୍ତି କୁନ୍ଦୁରା ବ୍ଲକ୍ ଅଧ୍ୟକ୍ଷା । ମଦ କାରବାର ଚାଲିଥିବା ଖବର ପାଇବା ପରେ ଘଟଣାସ୍ଥଳରେ ପହଞ୍ଚିଥିଲେ । ଆଉ ମଦ ମାଫିଆଙ୍କୁ ଧରିବା ପାଇଁ ଆରମ୍ଭ ହୋଇଥିଲା ଗୋଡ଼ାଗୋଡ଼ି । ଏଠି ପ୍ରଶ୍ନ ଉଠୁଛି, ଯେଉଁ କାମ ପୋଲିସ ଓ ଅବକାରୀ ବିଭାଗ କରିବା କଥା, ସେହି କାମ ପାଇଁ କାହିଁକି ଜଣେ ଜନପ୍ରତିନିଧିଙ୍କୁ ରାସ୍ତାକୁ ଓହ୍ଲାଇବାକୁ ପଡ଼ିଲା ? ଅଞ୍ଚଳରେ ଏତେ ପରିମାଣରେ ବେଆଇନ ମଦ କାରବାର ଚାଲିଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ନଜର କାହିଁକି ପଡୁନଥିଲା ? ମଦ ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ନା ଘଟଣାଟି କେବଳ ଧରାପଡ଼ିବାରେ ସୀମିତ ରହିଯିବ—ତାହା ଉପରେ ଏବେ ସମସ୍ତଙ୍କ ନଜର ।

# ପଞ୍ଚପଡା ଶିଶୁ ବିକାଶ ବିଦ୍ୟାମନ୍ଦିରରେ ଶ୍ରୀ ଗଣେଶ ପୂଜା ଉତ୍ସବ ପାଳିତ

ଝାରସୁଗୁଡ଼ା,୧୪/୦୯ (ନି.ପ୍ର): ସୋମବାର ଭବ୍ୟ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପଞ୍ଚପଡା ଶିଶୁ ବିକାଶ ବିଦ୍ୟାମନ୍ଦିରରେ ଶତାଧିକ ଶିଶୁଙ୍କ ମେଳରେ ଶ୍ରୀ ଗଣେଶ ପୂଜା ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି । ପୂଜକ ଫକୀର ମିଶ୍ର, କର୍ତ୍ତା ହିମାଂଶୁ ଓରାମ ପୂଜାର ଆୟୋଜକ ସମ୍ପାଦକ ଦିଗାମ୍ବର ମାଝୀ, ୱାର୍ଡ-୯ ର କାଉନସିଲର ପ୍ରତିମା ଭୈଷାଲ, ସୂଚୀସ୍ମିତା ସାହୁ, ପ୍ରଧାନ ଆଚାର୍ଯ୍ୟା ମମତା ସିଂହ, ମନ୍ଦାକିନୀ ମାକର, କୋଷାଧକ୍ଷା ପ୍ରିୟଙ୍କା ସାହୁ, ଲିପିକା ସାହୁ ପୂଜା ମଣ୍ଡପରେ ଉପସ୍ଥିତ ରହି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ହୋମରେ ଘିଅ ଅର୍ପଣ କରିଥିଲେ । ନିମନ୍ତ୍ରିତ ଅତିଥି, ଅଭିଭାବକ /ଅଭିଭାବିକା, ସମସ୍ତ ଗୁରୁଜୀ ଗୁରୁମା ଶତାଧିକ ଭାବରେ ଉପସ୍ଥିତ ରହି ପୂଜାକୁ ସାକାର କରିଥିଲେ ।

# ନବାନ୍ନ ଓ ନାରୀ ଚେତନା



## ଡ଼ଃ. ଅରୁନ୍ଧତୀ ଦେବୀ

ବେଦ ଉଦ୍‌ଘୋଷଣ କରେ "ଅନ୍ନମ ବ୍ରହ୍ମ" । ଅର୍ଥାତ୍ ସଚାରାଚର ବିଶ୍ୱବ୍ରହ୍ମାଣ୍ଡରେ ସମସ୍ତ ଜଗତ୍‌ମୟ ସମାଜକୁ ସୃଷ୍ଟି କର୍ତ୍ତା ଯେଉଁ ଅନ୍ନ ଯୋଗାଇ ଥାନ୍ତି ତା ହେଉଛି ବ୍ରହ୍ମ । ଯଥାର୍ଥରେ 'ତୈତ୍ତିରୀୟ ଉପନିଷଦ'ରେ ବର୍ଣ୍ଣନା ରହିଛି-

"ଅନ୍ନଂ ବ୍ରହ୍ମେତି ବ୍ୟଜାନାତ୍
ଅନ୍ନାଦେବ ଖଲ୍ୱିମାନି ଭୂତାନି ଜାୟନ୍ତେ
ଅନ୍ନେନ ଜାତାନି ଜୀବନ୍ତି ଅ ନ୍ନ ଂ
ପ୍ରୟନ୍ତ୍ୟଭିସଂବିଶନ୍ତୀତି ।"

ଅର୍ଥାତ୍ ଅନ୍ନ ହେଉଛି ସ୍ୱୟଂ ବ୍ରହ୍ମ । ଶ୍ରୀମତ୍ ଗୀତାରେ ଶ୍ରୀକୃଷ୍ଣ ମଧ୍ୟ ଅର୍ଜୁନକୁ କର୍ମଯୋଗରେ ସବିଶେଷ ଭାବରେ ଅନ୍ନ ବିଷୟରେ ବ୍ୟାଖ୍ୟାନ କରିଛନ୍ତି । ଓଡ଼ିଶାପରି କୃଷିପ୍ରଧାନ ରାଜ୍ୟରେ ନୂଆଖାଇ ବା ନବାନ୍ନର ଯଥେଷ୍ଟ ଗୁରୁତ୍ୱ ରହିଛି । କେବଳ ପଶ୍ଚିମ ଓଡ଼ିଶାରେ ଏହା ବିଶେଷ ଭାବେ ପାଳିତ ହେଉଥିଲେ ମଧ୍ୟ ସଂପ୍ରତି ଏହା ରାଜ୍ୟର ବିଭିନ୍ନ ଜିଲ୍ଲାରେ ଭକ୍ତିପୂତ ପରିବେଶରେ ଅନୁଷ୍ଠିତ ହେଉଛି । କେବଳ ସେତିକି ନୁହଁ ରାଜ୍ୟ ବାହାରେ ମଧ୍ୟ ପ୍ରବାସୀ ଓଡ଼ିଆମାନେ ଏହାକୁ ଆନନ୍ଦର ସହ ପାଳନ କରୁଛନ୍ତି ।

ଶସ୍ୟପୂଜା ହେଉଛି ନବାନ୍ନର ମୂଳଭିତ୍ତି । ତୈତ୍ତିରୀୟ ଉପନିଷଦରେ ଲେଖା ଅଛି - 'ଅନ୍ନଂ ବ୍ରହ୍ମେତି ବ୍ୟଜାନାତ୍ ଅନ୍ନାଦେବ ଖଲ୍ୱିମାନି ଭୁତାନି ଜାୟନ୍ତେ, ଅନ୍ନେନ ଜାତାନି ଜୀବନ୍ତି, ଅନ୍ନଂ ପ୍ରୟନ୍ତ୍ୟଭିସଂବିଶନ୍ତୀତି ।' ଏହାର ମୂଳ ଅର୍ଥ ହେଉଛି ଅନ୍ନ ବା ଖାଦ୍ୟ ହେଉଛି ଈଶ୍ୱର । ଜୀବନର ପ୍ରତିଟି ପର୍ଯ୍ୟାୟରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଓଡ଼ିଆର ଚିନ୍ତା ଚେତନାରେ ନବାନ୍ନ ବା ନୂଆଖାଇର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ତତୋଧିକ ଆଧାତ୍ମିକ ଭାବଧାରାରେ ପରିପୂର୍ଣ୍ଣ । ପଶ୍ଚିମ ଓଡ଼ିଶାରେ ସ୍ୱତନ୍ତ୍ର ରୀତିନୀତିରେ ପାଳିତ ହେଉଥିବା ନୂଆଖାଇରେ ସ୍ୱତନ୍ତ୍ରତା ରହିଛି । ନୂଆଖାଇ ସମଗ୍ର ପଶ୍ଚିମାଞ୍ଚଳ ପାଇଁ ମହାପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ । ନବାନ୍ନର ମୁହୂର୍ତ୍ତ ନିର୍ଣ୍ଣୟ କରିବାର ପଦ୍ଧତି ମଧ୍ୟ ପ୍ରାଚୀନ ଓ ପରମ୍ପରାରେ ପରିପୂର୍ଣ୍ଣ । ନବାନ୍ନର ଯଥେଷ୍ଟ ପୂର୍ବରୁ ନୂତନ ଧାନ ସଂଗ୍ରହ କରାଯାଇ ଏହାପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ । ପରିବାରର ବହୁମାନେ ସ୍ନାନକର୍ମ ଶେଷକରି ପୂଜାସ୍ଥାନ ଓ ଘରର ପ୍ରତିଟି କ୍ଷେତ୍ରକୁ ପରିଷ୍କାର କରିଥାନ୍ତି । ପରିବାରର ଆର୍ଥିକସ୍ଥିତିକୁ ଦେଖି ମହିଳାମାନେ ପିଠାପଣା, କ୍ଷୀରି ଖେଚୁଡ଼ି ସହ ପୂଜା ସାମଗ୍ରୀ ତିଆରି କରିଥାନ୍ତି । ନବାନ୍ନ ପ୍ରସ୍ତୁତିରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ନବାନ୍ନ ପୂଜା ସମୟରେ ସର୍ବପ୍ରଥମେ ଘରର ଇଷ୍ଟଦେବ ବା ଦେବୀଙ୍କ ସହ ମହାଲକ୍ଷ୍ମୀଙ୍କୁ ପୂଜା କରାଯାଏ । ପୂଜାଘରେ ସମସ୍ତେ ପ୍ରସାଦ ସେବନ କରି ନିଜ ଭିତରେ ପ୍ରେମର ଫଲ୍‌ଗୁକୁ ସମସ୍ତଙ୍କ ପାଖରେ ବିତରଣ ପାଇଁ ସଂକଳ୍ପବଦ୍ଧ ହୁଅନ୍ତି । ଭାଇ ଭାଇ ମଧରେ ମନ ମାଳିନ୍ୟ ଥିଲେ ମଧ ସାନଭାଇ ବଡ଼ ଭାଇଙ୍କ ଘରକୁ ପ୍ରସାଦ ପାଇ ଆଶୀର୍ବାଦ କାମନା କରିଥାନ୍ତି । ସେହିପରି ପ୍ରସାଦ ସେବନ ପରେ ଘରେ ଇଷ୍ଟଦେବୀଙ୍କୁ ଦର୍ଶନ କରି କନିଷ୍ଠମାନେ ପରିବାରର ବରିଷ୍ଠ ଓ ବୟୋଜ୍ୟେଷ୍ଠମାନଙ୍କୁ ଭୂମିଷ୍ଠ ପ୍ରଣାମ କରିଥାନ୍ତି ।

ଅଥର୍ବ ବେଦର ତଥ୍ୟ ଅନୁଯାୟୀ ଭାଇ ଭାଇ ଭିତରେ ଦ୍ୱେଷ ନରହୁ, ଭଉଣୀ ଭଉଣୀକୁ ଘୃଣା ନକରି ସ୍ନେହ କରୁ । ସମସ୍ତଙ୍କ ଭିତରେ ସଦ୍‌ଜ୍ଞାନ ଜାତ ହେଉ, ସମସ୍ତେ ନିର୍ମଳ ଚିତ୍ତ ହୋଇ ଜଳ ଓ ଅନ୍ନର ସାମଗ୍ରୀ ସମାନ ହେଉ । ନବାନ୍ନର ଏହି ମହାନ୍ ସାଂସ୍କୃତିକ ବାଣୀ ଅଥର୍ବବେଦର ଭାଷାରେ 'ମା ଭ୍ରାତା ଭ୍ରାତରଂ ଦ୍ୱିଷନ୍, ମୋ ସ୍ୱସାରମୁତ ସ୍ୱସା ।' ପାରିବାରିକ କ୍ଷେତ୍ରରେ ସୌହାର୍ଦ୍ଦ୍ୟ ସଂହତି ସ୍ଥାପନ ଓ ସାମାଜିକ କ୍ଷେତ୍ରରେ ମାତୃସମାଜର ମହନୀୟତା ପରିସ୍ଫୁଟିତ ହୋଇଥାଏ । ନବାନ୍ନ ପ୍ରସ୍ତୁତି ଠାରୁ ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ସବୁଠି ମହିଳାଙ୍କ ଭୂମିକା ରହିଛି । ନବାନ୍ନ ପରମ୍ପରାରେ ନାରୀ ସମାଜର ସେବା, ଭଲ ପାଇବା ଓ ଆଦର୍ଶର ପରାକାଷ୍ଠା ସମସ୍ତଙ୍କ ପାଇଁ ଆଦର୍ଶଣୀୟ ହୋଇପାରିଥାଏ । ଅନ୍ନ ପ୍ରସ୍ତୁତି ଠାରୁ ସଂସାର ପରିଚାଳନାରେ ନାରୀର ଭୂମିକା ନିହିତ । ପରିବାରର ସମସ୍ତ ଦାୟିତ୍ୱକୁ ନିର୍ବାହ କରୁଥିବା ମହିଳାମାନେ ନବାନ୍ନରେ ନିଜର ଦାୟିତ୍ୱବୋଦ୍ଧତାକୁ ସୁଚାରୁରୂପେ ସମ୍ପାଦିତ କରିଥାନ୍ତି । ଘରର ବୟୋଜ୍ୟେଷ୍ଠଙ୍କ ଠାରୁ କନିଷ୍ଠ ପିଲାଙ୍କ ପାଇଁ ଘରର ମହିଳା ମାନଙ୍କ ଭୂମିକା ବାସ୍ତବିକ ଗୁରୁତ୍ୱପୂର୍ଣ୍ଣ । ଭାରତୀୟ ସଂସ୍କୃତି ଓ ଦର୍ଶନକୁ ଦେଖିଲେ ତୈତ୍ତିରୀୟ ଉପନିଷଦର ଭାଷାରେ 'ଅନ୍ନଂ ନ ନିନ୍ଦାତ୍ । ତଦ୍‌ବ୍ରତମ୍, ଅନ୍ନଂ ନ ପରିଚକ୍ଷୀତ । ତଦ୍‌ବ୍ରତମ୍, ଅନ୍ନଂ ବହୁ କୁର୍ବୀତ । ତଦ୍‌ବ୍ରତମ୍'

+ ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦







## ପୁଷ୍ପମିତ୍ର ମହାପାତ୍ର

# ନୂଆଁଖାଇ ଜୁହାର

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। ପ୍ରତିବର୍ଷ କୃଷ୍ଣ ଜନ୍ମାଷ୍ଟମୀ ପରଦିନ ଅର୍ଥାତ୍ ନନ୍ଦୋତ୍ସବ ଦିନରୁ ପରମ୍ପରା ଅନୁଯାୟୀ ସମ୍ବଲପୁର ଠାରେ ବିରାଜିତ ପଶ୍ଚିମ ଓଡ଼ିଶାର ଆରାଧ ଦେବୀ ମା'ସମଲେଶ୍ୱରୀଙ୍କ ପୀଠରେ ନବାନ୍ନ ଲାଗି ଲଗ୍ନ ନିରୂପଣ କରାଯାଏ। ବ୍ରହ୍ମ ମଣ୍ଡପ ପଣ୍ଡିତ ମହାସଭାରେ ସ୍ୱତନ୍ତ୍ର ବୈଠକରେ ସମ୍ବଲପୁର ଝାଡୁଆପଡ଼ାର ବ୍ରହ୍ମପୁରା ମନ୍ଦିରରେ ଶାସ୍ତ୍ରଜ୍ଞ ପଣ୍ଡିତମାନେ ଏକାଠି ହୋଇ ନୂଆଁଖାଇ ଲଗ୍ନ ଧାର୍ଯ୍ୟ କରିଥାନ୍ତି। ଭାରତର ପ୍ରାୟ ସବୁ ଅଞ୍ଚଳରେ ଶସ୍ୟ ଏବଂ ନୂତନ ଅନ୍ନ ପୂଜା ପ୍ରଚଳିତ। ପଶ୍ଚିମ ଓଡ଼ିଶାରେ ଭାଦ୍ରପଦ ମାସରେ ପାଳିତ ନବାନ୍ନ ଭକ୍ଷଣ ଉତ୍ସବ ହେଉଛି 'ନୂଆଁଖାଇ'। ଏହି ମାସରେ ବେଦ ବର୍ଣ୍ଣିତ ପ୍ରଲବନ ଯଜ୍ଞ ବା ଧାନ କଟା ଆରମ୍ଭ ହୋଇ ନଥାଏ। ଶସ୍ୟ କେବଳ କଅଁଳିବା ଆରମ୍ଭ ହୋଇଥାଏ। ତାହା ହେଲେ ଏହି ସମୟରେ ନୂଆଁଖାଇ କାହିଁକି ? କୃଷକର ଶ୍ରମର ଫଳ ଧାନ, ପକ୍ୱ ହୋଇ ପକ୍ଷୀ ଆଦିଙ୍କ ଉଚ୍ଛିଷ୍ଟ ହେବା ପୂର୍ବରୁ ଭଗବାନଙ୍କ ନିକଟରେ ଅର୍ପଣ କରାଯିବା ଉଚିତ। ଏ ଭଳି ଚିନ୍ତା କରି ପଶ୍ଚିମ ଓଡ଼ିଶାବାସୀ ଭାଦ୍ରବରେ ନବାନ୍ନ ପୂଜା ଆରମ୍ଭ କରିଥିବା ବିଶ୍ୱାସ କରାଯାଏ। ମତାନ୍ତରେ ପଶ୍ଚିମ ଓଡ଼ିଶାରେ ମାଟିର ଉର୍ବରତା ଓ ଜଳବାୟୁ ଯୋଗୁଁ ଭାଦ୍ରବ ମାସରେ ମାଲ୍‌ଧାନ ହୋଇଯାଉଥିଲା। ତେଣୁ ନବାନ୍ନ ପୂଜା ଆରମ୍ଭ ହୋଇଥିଲା। ନୂଆଁଖାଇ ଭାଇଚାରା, ସୌହାର୍ଦ୍ଦର ପର୍ବ। ଏହା ପୁରୁଣା କାଳରୁ ଗଢ଼ିଆସିଥିବା ଏକ ସାମାଜିକ ପରମ୍ପରା। ଏହି ଦିନରେ ସମସ୍ତେ, ସମସ୍ତ ରାଗ ଅଭିମାନ ଛାଡ଼ି, ପରସ୍ପରକୁ ଜୁହାର କରନ୍ତି ଏବଂ ଜିଇ ଜାଗିଥିଲେ ବରଷେ ବା ବଞ୍ଚିଥିଲେ ଆସନ୍ତା ବର୍ଷ ଏକାଠି ହେବା କହି ଉତ୍ସବ ପାଳନ କରନ୍ତି। ପୂର୍ବ ଦିନ ସଂଗ୍ରହ କରାଯାଇଥିବା ନୂଆ ଧାନକୁ ପିଠା-ପଣା, ଖିରି-ଖେଚୁଡ଼ି ସହ ଘରର ଇଷ୍ଟଦେବ ଓ ମହାଲକ୍ଷ୍ମୀଙ୍କ ପାଖରେ ଭୋଗ ଲଗାଯାଏ। ସମସ୍ତେ ଏକତ୍ର ପ୍ରସାଦ ସେବନ କରନ୍ତି। ବନ୍ଧୁ ବାନ୍ଧବଙ୍କୁ ଭେଟିବାକୁ ଯାଆନ୍ତି।

ପରମ୍ପରା ଅନୁଯାୟୀ ପ୍ରଥମେ ମା' ସମଲେଶ୍ୱରୀଙ୍କ ଠାରେ ନବାନ୍ନ ଲାଗି ହେବା ପରେ ମନ୍ଦିରର ପାର୍ଶ୍ୱ ଦେବାଦେବୀଙ୍କ ଠାରେ ନବାନ୍ନ ଲାଗି ହୋଇଥାଏ। ଏହାପରେ ପ୍ରତ୍ୟେକ ଘରର ଇଷ୍ଟ ଦେବୀ ବା କୁଳଦେବୀଙ୍କୁ ନବାନ୍ନ ଲାଗି ପରେ ପରିବାରର ସବୁଠୁ ବୟୋଜ୍ୟେଷ୍ଠ ବା ପୁରୁଖାଙ୍କ ହାତରୁ ଅନ୍ୟ ସଦସ୍ୟମାନେ ନବାନ୍ନ ଗ୍ରହଣ କରିଥାନ୍ତି। ନୂଆ ଲୁଗା ପିନ୍ଧି ସାନମାନେ ବଡ଼ମାନଙ୍କୁ ନୂଆଁଖାଇ ଜୁହାର କରିଥାନ୍ତି। ଏହି ଦିନ ଘରର ସମସ୍ତ ଏକାଠି ବସି ନୂଆ ଖାଇଥାନ୍ତି। ଖିରି, ପୁରୀ, ପିଠା ଆଦି ସୁସ୍ୱାଦୁ ଭୋଜନରେ ଘର ଭାସିଉଠେ। ଏହି ଜୁହାର ଭେଟର ପରମ୍ପରାରେ ପରସ୍ପର ମଧ୍ୟରେ ଥିବା ବହୁଦିନର ମନୋମାଳିନ୍ୟ ଦୂର ମଧ ହୋଇଥାଏ। ସନ୍ଧ୍ୟାପରେ ମଠ, ମନ୍ଦିର, ଟୁଙ୍ଗୀରେ ଭଜନ, କୀର୍ତ୍ତନ, ଭାଗବତପାଠ, ନାଚଗୀତ ଆଦି ହୋଇଥାଏ। ପ୍ରଥା ରହିଛି ଯେ ଏହି ଦିନରେ ଘରର ଯେଉଁ ସଦସ୍ୟ ନୂଆ ଯିଏ ନଖାଇଥିବ ସେ ବର୍ଷଯାକ ହାଣ୍ଡିଶାଳକୁ ପ୍ରବେଶ କରିପାରିବ ନାହିଁ। ବିଦେଶରେ ରହୁଥିବା ପରିବାରର ସଦସ୍ୟଙ୍କ ପାଇଁ ନୂଆ ଅନ୍ନ ସାଇତା ହୋଇ ରଖାଯାଇଥାଏ। ସେ ଯେବେ ବି ଘରକୁ ଫେରିବ, ନୂଆ ଖାଇବ। ପଶ୍ଚିମ ଓଡ଼ିଶାର ଏହି ଗଣପର୍ବ ଆଜି ଓଡ଼ିଶାର ପ୍ରତ୍ୟେକ ଜନମାନସକୁ ପ୍ରଭାବିତ କରିଛି। ଏବେ ଓଡ଼ିଶାର ସବୁଠି ନୂଆଁଖାଇ ପର୍ବର ଝଲକ ଦେଖିବାକୁ ମିଳୁଛି। ଅନ୍ୟ ଜିଲ୍ଲାରେ ବସବାସ କରୁଥିବା ପଶ୍ଚିମ ଓଡ଼ିଶାର ଲୋକେ ଏକାଠି ହୋଇ ନୂଆଁଖାଇ ପର୍ବ ପାଳନ କରୁଛନ୍ତି।

+ଆଇନ୍‌ଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ : ୯୪୩୭୨୨୫୬୮୯



# ପରମ୍ପରା ଓ ସଂସ୍କୃତିର ପର୍ବ ନୂଆଁଖାଇ

## ଗୋପାଳ ମହାପାତ୍ର



ଓଡିଶାରେ ୧୨ ମାସରେ ୧୩ ପର୍ବ ପାଳନ କରାଯାଇଥାଏ। ସେହି ପର୍ବ ମଧ୍ୟରୁ ଅନ୍ୟତମ ପର୍ବ ହେଉଛି ନୂଆଁଖାଇ। ପଶ୍ଚିମ ଓଡ଼ିଶାର ଏହା ଏକ ଗଣ ପର୍ବ ବୋଲି ମଧ କୁହାଯାଇଥାଏ। ଓଡ଼ିଶାର ପଶ୍ଚିମାଞ୍ଚଳରେ ଏହି ପର୍ବ ପାଳନ କରାଯାଉଥିଲେ ମଧ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ତଥା ଦେଶର ବିଭିନ୍ନ ଅଞ୍ଚଳରେ ରହୁଥିବା ପଶ୍ଚିମାଞ୍ଚଳର ଲୋକେ ଏହି ପର୍ବକୁ ବେଶ୍ ଧୁମଧାମରେ ପାଳନ କରିଥାନ୍ତି। ଏହା ଏକ କୃଷି ଭିତ୍ତିକ ଗଣପର୍ବ। ନୂଆ ଫସଲକୁ ପ୍ରଥମେ ନିଜର ଇଷ୍ଟଦେବାଦେବୀଙ୍କୁ ଅର୍ପଣ କରିବା ହେଉଛି ନୂଆଁଖାଇ ପର୍ବର ମୁଖ୍ୟ ଉଦେଶ୍ୟ। ବର୍ଷର ପ୍ରଥମ ଫସଲ ବା ଶସ୍ୟକୁ ନୈବେଦ୍ୟ ଭାବରେ ଅର୍ପଣ କରିବାର ପ୍ରଥା କାହିଁ ଯୁଗ ଯୁଗରୁ ଚାଲିଆସିଛି। ଏହି ନୈବେଦ୍ୟ ଅର୍ପଣ ବେଳେ ସମଗ୍ର ମାନବ ସମାଜ ପାଇଁ ଅନ୍ନର ଅଭାବ ନହେଉ ବୋଲି ମଧ ଇଷ୍ଟଦେବାଦେବୀଙ୍କ ପାଖରେ ପ୍ରାର୍ଥନା କରାଯାଇଥାଏ। ଭାରତ ଏକ ସଂସ୍କୃତି ସଂପନ୍ନ ଦେଶ। ଦେଶର ବିଭିନ୍ନ ରାଜ୍ୟରେ ନବ ଉତ୍ପାଦିତ ଶଷ୍ୟକୁ ଭଗବାନଙ୍କ ଉଦେଶ୍ୟରେ ଅର୍ପଣ କରିବା ନେଇ ପୋଙ୍ଗଲ, ବୈଶାଖୀ ଓ ବିହୁ ଭଳି ଅନେକ ପର୍ବ ପାଳନ କରାଯାଇଥାଏ। କିନ୍ତୁ ପଶ୍ଚିମାଞ୍ଚଳର ନୂଆଁଖାଇ ପର୍ବର ସ୍ୱତନ୍ତ୍ରତା ରହିଛି। କେବେ ଠାରୁ ଏହି ପର୍ବ ପାଳନ କରାଯାଇଛି ତାର ସଠିକ ଐତିହାସିକ ତଥ୍ୟ କେହି କେବେ ଦେଇପାରୁନାହାଁନ୍ତି। ପୂର୍ବରୁ ଏହି ପର୍ବ କେବଳ କୃଷକ ପରିବାର ମଧ୍ୟରେ ସିମୀତ ଥିଲା କିନ୍ତୁ ପର୍ବକୁ ଏବେ ସବୁ ବର୍ଗର ଲୋକେ ଧୂମଧାମରେ ପାଳନ କରୁଛନ୍ତି।

ଦେଶ ସ୍ୱାଧିନ ହେବା ପୂର୍ବରୁ ରାଜା ରାଜୁଡା ଶାସନ ଥିଲା। ରାଜାମାନେ ନିଜ ରାଜ୍ୟର ଇଷ୍ଟଦେବ ଦେବୀଙ୍କ ନାମକୁ ନେଇ ନୂଆଁଖାଇର ତିଥି ଧାର୍ଯ୍ୟ କରୁଥିଲେ। ଏଣୁ ନୂଆଁଖାଇ ପାଳନର ତିଥି ପଶ୍ଚିମାଞ୍ଚଳର ବିଭିନ୍ନ ଅଞ୍ଚଳରେ ମଧ ଭିନ୍ନ ଭିନ୍ନ ହେଉଥିଲା। ରାଜା ରାଜୁଡା ଶାସନରେ ରାଜାମାନେ ଭାଦ୍ରବ ମାସର ଶୁକ୍ଳପକ୍ଷର ବିଭିନ୍ନ ତିଥିରେ ଏହି ପର୍ବ ପାଳନ କରାଯାଉଥିଲା। କିନ୍ତୁ ୧୯୯୧ ମସିହାରେ ପଶ୍ଚିମାଞ୍ଚଳ ବା ପଶ୍ଚିମ ଓଡ଼ିଶାର ବୁଦ୍ଧିଜୀବି ମାନେ ମିଳିତ ଭାବେ ଆଲୋଚନା କରି ଏହି ପର୍ବକୁ ଗୋଟିଏ ତିଥିରେ ସମସ୍ତେ ପାଳନ କରିବା ପାଇଁ ଏକମତ ହୋଇଥିଲେ। ଏଣୁ ସର୍ବସମ୍ମତି ଅନୁସାରେ ଗଣେଷ ପୂଜା ବା ଗଣେଷ ଚତୁର୍ଥୀର ପରଦିନ ଋଷି ପଞ୍ଚମୀ ତିଥିରେ ସମଗ୍ର ପଶ୍ଚିମ ଓଡ଼ିଶାର ଲୋକେ ଏହି ପର୍ବକୁ ପାଳନ କରି ଆସୁଛନ୍ତି। ଏକ ଭିନ୍ନ କଥା ହେଉଛି ଭାଦ୍ରବ ମାସରେ ଧାନ ( ସମଗ୍ର ଓଡ଼ିଶାର ମୁଖ୍ୟ ଫସଲ) ପରିପକ୍ୱ ହୋଇ ନଥାଏ କିନ୍ତୁ ଏହି ମାସରେ ନୂଆଁଖାଇ ପର୍ବ ପାଳିତ ହୁଏ। ଏହାର ଏକ ସ୍ୱତନ୍ତ୍ର ଉଦେଶ୍ୟ ମଧ ରହିଛି। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ଲୋକେ ଉତ୍ପାଦିତ ଫସଲ ଉପରେ ନିର୍ଭର କରିଥାନ୍ତି। ଏହି ନୂଆଁଖାଇ ପର୍ବ ପାଳନ ନକରାଯିବା ପର୍ଯ୍ୟନ୍ତ ନୂଆ ଫସଲ ବ୍ୟବହାର କରାନଯିବା ଭଳି ଅଘୋଷିତ ନିୟମ ରହିଛି। ସବୁ କ୍ଷେତ ବା ଜମିର ଧାନ ଫସଲ ନପାଚିବା ପର୍ଯ୍ୟନ୍ତ ଅପେକ୍ଷା କରିବା ଭଳି ସମ୍ବଳ ସବୁ ବର୍ଗର ଲୋକଙ୍କ ପାଖରେ ନଥାଏ। ଏଣୁ ସମସ୍ତଙ୍କ ସୁବିଧା ଦୃଷ୍ଟିରୁ ଏହିପର୍ବ ପାଳନ ପାଇଁ ଭାଦ୍ରବ ମାସର ଶୁକ୍ଳ ପକ୍ଷକୁ ସଠିକ ସମୟ ଭାବେ ନିର୍ଦ୍ଧାରଣ କରାଯାଇଛି। ଛୋଟ କିସମର ଧାନ ଫସଲ ନୂଆଁଖାଇ ସମୟ ବେଳକୁ ଅମଳ କରାଯାଇ ପାରୁଥିବାରୁ ଏହି ଶଷ୍ୟକୁ ଦେବଦେବୀଙ୍କ ପାଖରେ ଅର୍ପଣ କରାଯାଉଛି। ସାଧାରଣ ଭାବେ ନୂଆଁଖାଇ ପର୍ବ ତିନିଦିନ ଧରି ପାଳନ କରାଯାଏ। ନୂଆଁଖାଇ ପୂର୍ବଦିନକୁ 'ଉପାସ' ବୋଲି କୁହାଯାଏ। ଏହି ଦିନ ଗ୍ରାମର ଦେବୀ ପୂଜକ ଉପବାସ ରହି ଧାର୍ଯ୍ୟ କରାଯାଇଥିବା ଲଗ୍ନରେ କ୍ଷେତକୁ ଯାଏ ଓ ସେଠାରେ ଯଥାବିଧି ପୂଜା ଅର୍ଚ୍ଚନା କରିବା ପରେ ପାଚିଲା ଧାନକେଣ୍ଡା ସଂଗ୍ରହ କରି ଗାଁକୁ ଆଣିଥାନ୍ତି। ନୂଆ ଧାନକେଣ୍ଡାକୁ ଗ୍ରାମ ଦେବତୀଙ୍କ ପୀଠରେ ଲାଗି କରାଯାଇ ଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ପରେ ଗ୍ରମର ସବୁ ପରିବାରକୁ ଏହି ଧାନକେଣ୍ଡା ବଣ୍ଟା ଯାଇଥାଏ। ପୂର୍ବରୁ ପରିବାରର ଲୋକେ ସଂଗ୍ରହ କରିଥିବା ଧାନକେଣ୍ଡା ଓ ପୂଜକ ଦେଇଥିବା ଧାନକେଣ୍ଡା କୁ ମିଶାଇ ନୂଆଁକୁଣ୍ଡା ପ୍ରସ୍ତୁତ କରାଯାଇଥାଏ। ଦ୍ୱିତୀୟ ଦିନଟି ନୂଆଁଖାଇ ପର୍ବର ମୁଖ୍ୟ ଦିନ। ଏଥି ପାଇଁ ପୂର୍ବରୁ ଘରଦ୍ୱାରକୁ ଗୋବରରେ ଲିପା ଯାଇଥାଏ ଓ ଘରର ବ୍ୟବହୃତ ଲୁଗା ପଟା ଓ ଘରର ସାମଗ୍ରୀକୁ ସଫା କରାଯାଇଥାଏ। ବାହାରେ ରହୁଥିବା ପରିବାରର ଲୋକଙ୍କୁ ପର୍ବରେ ଉପସ୍ଥିତ ରହିବା ପାଇଁ ଡକାଯାଇଥାଏ। ଏକ ପ୍ରମୁଖ କଥା ହେଉଛି ପରିବାରର ମୁଖ୍ୟ ଯେଉଁଠାରେ ରହୁଥାନ୍ତି ସେଠାରେ ହିଁ ସମସ୍ତେ ମିଶି ଏହି ପର୍ବ ପାଳନ କରିଥାନ୍ତି। ପରିବାରର ମୁଖ୍ୟ ନୂଆଁବସ୍ତ୍ର ପିନ୍ଧି ଶୁଧି ପୂତ ହୋଇ ଇଷ୍ଟଦେବାଦେବୀ ଓ ପିତୃପୁରୁଷଙ୍କୁ କୁରେଇ ପତ୍ରରେ ନୂଆ ଧାନରେ ପ୍ରସ୍ତୁତ ନୂଆଁକୁଣ୍ଡାକୁ ନୈବେଦ୍ୟ ଭାବେ ଅର୍ପଣ କରିବା ପରେ ସମସ୍ତଙ୍କୁ ଏହି ନୂଆଁ କୁଣ୍ଡାକୁ ବଣ୍ଟାଯାଇଥାଏ। ପରେ ପରିବାରର ସମସ୍ତେ ଏକତ୍ରିତ ଭାବେ ଏହାକୁ ଭକ୍ଷଣ କରିଥାନ୍ତି। ନବାନ୍ନ ଭକ୍ଷଣ ପରେ ଆରମ୍ଭ ହୁଏ ଜୁହାର ଭେଟ। କନିଷ୍ଠ ମାନେ ବରିଷ୍ଠ ମାନଙ୍କ ପାଦଛୁଇଁ ପ୍ରଣାମ/ଜୁହାର ହୁଅନ୍ତି। ପାରିବାରିକ ଜୁହାର ଭେଟ ସାମୁହିକ ଭାବେ ପାରମ୍ପରିକ ଖାଦ୍ୟ ସମସ୍ତଙ୍କୁ ପରସା ଯାଇଥାଏ। ନୂଆଁଖାଇର ତୃତୀୟ ଦିନକୁ ନୂଆଁଖାଇ ବାସି କୁହାଯାଏ। ପୂର୍ବଦିନରୁ ବଳକା ଥିବା ଖାଦ୍ୟକୁ ଏହି ଦିନ ଖାଇବାର ଏକ ପରମ୍ପରା ମଧ ରହିଛି। ନୂଆଁଖାଇର ଜୁହାର ଭେଟର ପରିବର୍ଦ୍ଧିତ ସଂସ୍କରଣ ଏବେ ନୂଆଁଖାଇ ଭେଟଭାଟ ଭାବେ ପାଳନ କରାଯାଉଛି। ଏହାକୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ କୁହାଯାଇପାରେ। ଏଥିରେ ରହିଛି ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ମା ମାଟିର ବାସ୍ନା। ଭାଇଚାରା ଓ ସୌହାର୍ଦ୍ଦ୍ୟର ଭାବ ଉଦ୍ରେକ କରିଥାଏ ଏହି ଭେଯଭାଟ। ଯଦିଓ ପ୍ରାଚୀନ କାଳରୁ ଏହି ପର୍ବ ପାଳିତ ହୋଇଆସୁଥିଲା କିନ୍ତୁ ସାମ୍ପ୍ରତିକ ସମୟରେ ଏହି ପର୍ବ ଅଧିକ ଲୋକପ୍ରିୟ ହୋଇପାରିଛି। ଏହି ଦିନଟିକୁ ସରକାର ଛୁଟି ଦିନ ଭାବେ ଘୋଷଣା କରୁଥିବାରୁ ଏହି ପର୍ବର ଗୁରୁତ୍ୱ ଅଧିକ ବଢ଼ିଯାଇଛି ଓ ଲୋକେ ଏହାକୁ ଆନନ୍ଦରେ ପାଳନ କରିବାର ସୁଯୋଗ ପାଉଛନ୍ତି। କିନ୍ତୁ କଳାହାଣ୍ଡି ଜିଲ୍ଲାର କିଛି ଅଞ୍ଚଳରେ ଏହି ପର୍ବକୁ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ପାଳନ କରାଯାଉଛି। ଇତିହାସର ତଥ୍ୟ ଅନୁସାରେ ୧୮୫୩ ମସିହା ବେଳେ କଳାହାଣ୍ଡିରେ ମହାରାଜା ଉଦିତ ପ୍ରସାଦ ଦେବଙ୍କ ଶାସନ ଥିଲା। ମହାରାଜା କଳାହାଣ୍ଡିରେ କୃଷିର ବିକାଶ ପାଇଁ ସମ୍ବଲପୁରର କେତେକ ସଂପ୍ରଦାୟର ଲୋକଙ୍କୁ ଆଣି କଳାହାଣ୍ଡିରେ ବସବାସ କରିବାର ସୁଯୋଗ ଦେଇଥିଲେ। ବରଗଡ଼ ଜିଲ୍ଲାର ସୋହେଲା ବ୍ଲକର ସମଲେଇଟ୍ରିକ୍ରା ଗ୍ରାମର ଗ୍ରାମବାସୀ ମାନେ ଏକ ଭିନ୍ନ ଢ଼ଙ୍ଗରେ ନୂଆଁଖାଇ ପର୍ବ ପାଳନ କରିଥାନ୍ତି। ସେଇ ଗାଁରେ ପାରମ୍ପରିକ ପୂଜାର୍ଚ୍ଚନା ସହ ସାରା ଗାଁକୁ ଆମ୍ବତୋରଣରେ ସଜ୍ଜା ଯାଇଥାଏ। ଗାଁର ସବୁଲୋକେ ଏକାଠି ହୋଇ ଗାଁ ମଝିରେ ଥିବା ମନ୍ଦିରରେ ନୂଆ ଖାଇଥାନ୍ତି। ପ୍ରକୃତପକ୍ଷେ ମା ମାଟି ଓ ମଣିଷର ଯେଉଁ ଅତୁଟ ସମ୍ପର୍କ ରହିଛି ସେଇ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ତଥା ସମାଜରେ ଭ୍ରାତୃଭାବ ପ୍ରତିଷ୍ଠା ହେଉଛି ଏହି ଗଣପର୍ବର ଉଦେଶ୍ୟ ସର୍ବୋପରି ଆଦିବାସୀ ପରମ୍ପରା ଓ ସଂସ୍କୃତି ସହ ଏହି ପର୍ବ ଜଡ଼ିତ। ବୈଦିକ ମତରେ ମୁନୀଋଷି ମାନେ ଯେଉଁ ପଞ୍ଚଯଜ୍ଞ କରୁଥିଲେତାହା ମଧ୍ୟରୁ ଅନ୍ୟ ହେଉଛି ପ୍ରଲମ୍ବନ ଯଜ୍ଞ। ପ୍ରଲମ୍ବନ ବା ଶଷ୍ୟ ଉତ୍ପାଦନ କରିବାର ସମୟ। ବୈଦିକ କାଳରେ ଏହି ପ୍ରଲମ୍ବନ ଯଜ୍ଞ ବା ଶଷ୍ୟ ଉତ୍ପାଦନର ସମୟକୁ ଏବେ ନୂଆଁଖାଇ ଭାବେ ପାଳନ କରାଯାଉଛି। ଅନ୍ୟଏକ ମତ ଅନୁସାରେ ଖ୍ରୀଷ୍ଟପୂର୍ବ ଦ୍ୱାଦଶ ଶତାବ୍ଦୀରେ ପାଟନାର ରାଜାଥିଲେ ଚୌହାନ ବଂଶର ରମାଇ ଦେଓ ପାଟନା ରାଜାଙ୍କ ଅଧିନରେ ଥିଲା ବଲାଙ୍ଗୀର। ସେତେବେଳେ ସେଠାକାର ଅଧିବାସୀମାନେ ପଶୁପକ୍ଷୀ ଶୀକାର କରିବା ସହ ଫଳମୂଳ ସଂଗ୍ରହ କରି ଜୀବିକା ନିର୍ବାହ କରୁଥିଲେ। ସେମାନଙ୍କର ଆର୍ଥୀକ ଅବସ୍ଥା ମଧ ଭଲ ନଥିଲା। ଲୋକଙ୍କ ଆର୍ଥୀକ ଅବସ୍ଥାକୁ ସୁଧାରିବା ପାଇଁ ରାଜା ର ମାଇ ଦେଓ ଲୋକଙ୍କୁ ଉତ୍ସାହିତ କରିଥିଲେ। ଫଳତଃ ଏକ କୃଷିଭିତ୍ତିକ ପରମ୍ପରା ଗଢ଼ି ଉଠିଥିଲା। ସେବେଠାରୁ ଏହି କୃଷିଭିତ୍ତିକ ପରମ୍ପରା ଅନୁସାରେ ନୂଆଁଖାଇ ପର୍ବ ପାଳନ କରାଯାଇ ଆସୁଛି ବୋଲି ଅନେକଙ୍କର ବିଶ୍ୱାସ ରହିଛି।

+ ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୮୫୦୯୪

# ନୂଆଁଖାଇ ପରବ

## ସୁଧାକର ରାଉତ



ଭାଦ୍ରବ ମାସ ପଞ୍ଚମୀ ତିଥିରେ
ନୂଆଁଖାଇଟା ଆସି
ଓଡ଼ିଶାର ପ୍ରତି ପୁରପଲ୍ଲୀରେ
ବରଷି ଯାଏ ଖୁସି ।

ଇଷ୍ଟ ଦେବୀଙ୍କୁ ଭକତି ଭରେ
ବର୍ଷ ପ୍ରଥମ ଅନ୍ନ
ନୈବେଦ୍ୟ ରୂପେ କରିଣ ଅର୍ପଣ
କରିଥାନ୍ତି ଭୋଜନ ।

ମାଲୁଧାନରେ ପ୍ରସ୍ତୁତ ପିଷ୍ଟକ
ଆହା ଲାଗେ କି ସ୍ୱାଦ
ସ୍ନେହ ସରାଗ ମିଶି ତା ସହିତ
ଦୂର କରଇ ଭେଦ ।

ଯିଏ ଯହିଁ ଥାନ୍ତି ପାଖେ ବା ଦୂରେ
ଫେରନ୍ତି ନିଜ ଗୃହେ
ଆନନ୍ଦ ଓ ଉଲ୍ଲାସରେ କାଟନ୍ତି
ପଡ଼ି ପରବ ମୋହେ ।

ପାଶୋରି ଦିଅନ୍ତି ମନରୁ ଯେତେ
ହିଂସା ବାଦର ଜାଲ
ସିନିହ ପୀରତିରେ ବାନ୍ଧି ହୋନ୍ତି
ବୁଝି ପରବ ମୂଳ ।

ବଡ ମାନଙ୍କୁ ଜୁହାର କରିଣ
ତାଙ୍କ ଆଶିଷ ନେଇ
ସାନମାନେ ନିଜର ଭକ୍ତିଭାବ
ଦେଖାନ୍ତି ଖୁସି ହୋଇ ।

ପଶ୍ଚିମ ଓଡ଼ିଶା ପାଳେ ଏହାକୁ
କୃଷି ପରବ ନାମେ
ମା' ସମଲେଇଙ୍କ ଦୟା ପ୍ରତି ବି
ଅଖଣ୍ଡ ଭକ୍ତି ଜନ୍ମେ ।

ଏକତା, ମୈତ୍ରୀ ଭାତୃଭାବ ଗୀତି
ଏ ପରବ ତ ଗାଇ
ବାନ୍ଧଇ ସିନିହ ଦୃଢ଼ ରଜ୍ଜୁରେ
ଆମର ଗର୍ବ ହୋଇ।

+ ପ୍ରତାପ ନଗରୀ, କଟକ
ମୋ:୮୨୪୯୯୩୨୭୯୨

ଧନ ପ୍ରଧାନ

# ୟୁପିଆଇରେ ନୂଆ ଶୁଳ୍କ ବ୍ୟବସ୍ଥା: ଘରୋଇ ଆବଶ୍ୟକତା ନା ଆନ୍ତର୍ଜାତିକ ବାଧ୍ୟବାଧକତା ?

ଭାରତର ଡିଜିଟାଲ୍ ଅର୍ଥନୀତିରେ ୟୁନିଫାଇଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ ବା ୟୁପିଆଇ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି । ରାସ୍ତା କଡ଼ର ଛୋଟ ଉଠା ଦୋକାନୀଠାରୁ ଆରମ୍ଭ କରି ବଡ଼ ବଡ଼ ସପିଂ ମଲ୍ ପର୍ଯ୍ୟନ୍ତ ସବୁଠି ଏବେ ୟୁପିଆଇ ମାଧ୍ୟମରେ ମାଗଣାରେ କାରବାର ହେଉଛି । କିନ୍ତୁ ସମ୍ପ୍ରତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ଟ୍ୟାକ୍ସେସନ୍ ଆଣ୍ଡ୍ ଅଦର୍ ଲଜ୍ (ଆମେଣ୍ଡମେଣ୍ଟ) ବିଲ୍, ୨୦୨୬ ଆଗତ କରିବା ପରେ ଏହି ମାଗଣା ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ହେବାର ଆଶଙ୍କା ଦେଖାଦେଇଛି । ଏହି ବିଲ୍ ମାଧ୍ୟମରେ ପେମେଣ୍ଟ ଆଣ୍ଡ୍ ସେଟଲମେଣ୍ଟ ସିଷ୍ଟମ୍ସ ଆକ୍ଟ, ୨୦୦୭ର ଧାରା ୧୦ଏ କୁ ଉଚ୍ଛେଦ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି । ଏହି ଧାରା ବଳରେ ବ୍ୟାଙ୍କ ଏବଂ ପେମେଣ୍ଟ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ୟୁପିଆଇ କାରବାର ଉପରେ କୌଣସି ପ୍ରକାର ଶୁଳ୍କ ବା ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ (ଏମଡିଆର) ଲାଗୁ କରିପାରୁନଥିଲେ । ନୂତନ ପ୍ରସ୍ତାବ ଅନୁଯାୟୀ, ୨୦୦୦ ଟଙ୍କାରୁ ଅଧିକ ମୂଲ୍ୟର ୟୁପିଆଇ କାରବାର ଉପରେ ୦.୨୫ ପ୍ରତିଶତରୁ ୦.୫ ପ୍ରତିଶତ ପର୍ଯ୍ୟନ୍ତ ଏମଡିଆର ଲାଗୁ କରାଯାଇପାରେ । ତେବେ ଏହା କେବଳ ସେହି ବ୍ୟବସାୟୀମାନଙ୍କ ଉପରେ ଲାଗୁ ହେବ ଯେଉଁମାନଙ୍କର ବାର୍ଷିକ କାରବାର ୧.୫ କୋଟି ଟଙ୍କାରୁ ଅଧିକ ରହିଛି । ସରକାରୀ ତଥ୍ୟ ଅନୁଯାୟୀ, ୨୦୨୬ ମସିହା ଜୁଲାଇ ମାସରେ ୟୁପିଆଇ ମାଧ୍ୟମରେ ୨୩.୬ ବିଲିୟନ୍ କାରବାର ହୋଇଥିଲା, ଯାହାର ମୂଲ୍ୟ ପ୍ରାୟ ୨୯.୯ ଟ୍ରିଲିୟନ୍ ଟଙ୍କା ବା ୩୧୩.୫ ବିଲିୟନ୍ ଆମେରିକୀୟ ଡଲାର ଥିଲା । ଏହି ବିଶାଳ କାରବାରକୁ ଦୃଷ୍ଟିରେ ରଖିଲେ ପ୍ରସ୍ତାବିତ ଶୁଳ୍କ ବ୍ୟବସ୍ଥା ଭାରତୀୟ ଡିଜିଟାଲ୍ ପେମେଣ୍ଟ ବଜାରରେ ଏକ ବ୍ୟାପକ ପ୍ରଭାବ ପକାଇବ ବୋଲି ଆକଳନ କରାଯାଉଛି । ପ୍ରଥମ ଦୃଷ୍ଟିରେ ଏହି ପଦକ୍ଷେପ କେବଳ ଏକ ଘରୋଇ ଅର୍ଥନୈତିକ ନିଷ୍ପତ୍ତି ଭଳି ମନେ ହେଉଥିଲେ ମଧ୍ୟ ଏହା ପଛରେ ଏକ ଗଭୀର ଆନ୍ତର୍ଜାତିକ ଭୂ-ରାଜନୈତିକ ଏବଂ ବାଣିଜ୍ୟିକ କାରଣ ଲୁଚି ରହିଛି ।

ଭାରତର ଏହି ନୂତନ ୟୁପିଆଇ ଶୁଳ୍କ ପ୍ରସ୍ତାବ ପଛରେ ଆମେରିକାର ଟ୍ରମ୍ପ ପ୍ରଶାସନର ଏକ ଅଦୃଶ୍ୟ ପ୍ରଭାବ ରହିଛି । ୨୦୨୬ ମସିହାରେ ୟୁନାଇଟେଡ୍ ଷ୍ଟେଟସ୍ ଟ୍ରେଡ୍ ରିପ୍ରେଜେଣ୍ଟେଟିଭ୍ (ୟୁଏସଟିଆର) ପକ୍ଷରୁ ପ୍ରକାଶିତ ନ୍ୟାସନାଲ୍ ଟ୍ରେଡ୍ ଏଷ୍ଟିମେଟ୍ ରିପୋର୍ଟ ଅନ୍ ଫରେନ୍ ଟ୍ରେଡ୍ ବ୍ୟାରିୟର୍ସରେ ଭାରତର ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାକୁ ତୀବ୍ର ସମାଲୋଚନା କରାଯାଇଥିଲା । ୟୁଏସଟିଆର ଦର୍ଶାଇଥିଲା ଯେ ଭାରତର ୟୁପିଆଇ ଏବଂ ରୁପେ କାର୍ଡ ବ୍ୟବସ୍ଥା ଆମେରିକୀୟ କମ୍ପାନୀଗୁଡ଼ିକ ପାଇଁ ଏକ ଅସମାନ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି କରୁଛି । ୟୁପିଆଇରେ କୌଣସି ଶୁଳ୍କ ନଥିବାରୁ ଏବଂ ଏହାକୁ ନ୍ୟାସନାଲ୍ ପେମେଣ୍ଟସ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ) ମାଧ୍ୟମରେ ସରକାରୀ ପ୍ରୋତ୍ସାହନ ମିଳୁଥିବାରୁ ମାଷ୍ଟରକାର୍ଡ, ଭିସା, ଗୁଗଲ୍ ପେ ଏବଂ ୱାଲମାର୍ଟର ଫୋନ୍ ପେ ଭଳି ଆମେରିକୀୟ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଭାରତୀୟ ବଜାରରୁ ଉପଯୁକ୍ତ ଲାଭ ପାଇପାରୁନାହାନ୍ତି । ବର୍ତ୍ତମାନ ଭାରତର ୟୁପିଆଇ ବଜାରର ପ୍ରାୟ ୮୫ ପ୍ରତିଶତ ଫୋନ୍ ପେ ଏବଂ ଗୁଗଲ୍ ପେ ହାତରେ ରହିଛି । କିନ୍ତୁ ଜିରୋ ଏମଡିଆର ନୀତି ଯୋଗୁଁ ସେମାନଙ୍କୁ ନିଜ ପକେଟରୁ ଭିତ୍ତିଭୂମି ପରିଚାଳନା ଖର୍ଚ୍ଚ ବହନ କରିବାକୁ ପଡୁଛି । ଏହା ସହିତ ଏନପିସିଆଇ ଦ୍ୱାରା ଥାର୍ଡ ପାର୍ଟି ଆପ୍ଲିକେସନ୍ ଗୁଡ଼ିକ ଉପରେ ୩୦ ପ୍ରତିଶତ ମାର୍କେଟ୍ ସେୟାର୍ କ୍ୟାପ୍ ଲଗାଇବା ପାଇଁ ଯେଉଁ ନିୟମ ଅଣାଯାଇଥିଲା, ତାହାକୁ ମଧ୍ୟ ଆମେରିକା ନିଜ କମ୍ପାନୀଗୁଡ଼ିକ ବିରୋଧରେ ଏକ ଷଡ଼ଯନ୍ତ୍ର ଭାବରେ ଗ୍ରହଣ କରିଥିଲା । ତେଣୁ ଆମେରିକା ଏହାକୁ ଏକ ପ୍ରକାର ବାଣିଜ୍ୟିକ ପ୍ରତିବନ୍ଧକ ବା ନନ୍ ଟାରିଫ୍ ବ୍ୟାରିୟର୍ ଭାବରେ ଦର୍ଶାଇଥିଲା ।

ଏହି ପ୍ରସଙ୍ଗକୁ ଅଧିକ ବୁଝିବା ପାଇଁ ଆମକୁ ବ୍ରାଜିଲର ସାମ୍ପ୍ରତିକ ଉଦାହରଣକୁ ଦେଖିବାକୁ ପଡ଼ିବ । ବ୍ରାଜିଲରେ ମଧ୍ୟ ଭାରତର ୟୁପିଆଇ ଭଳି ପିକ୍ସ ନାମକ ଏକ ସରକାରୀ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା ରହିଛି ଯାହାକି ସାଧାରଣ ନାଗରିକଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣା । ଜୁଲାଇ ୨୦୨୬ରେ ଟ୍ରମ୍ପ ପ୍ରଶାସନ ବ୍ରାଜିଲର ଏହି ପିକ୍ସ ବ୍ୟବସ୍ଥା ବିରୋଧରେ ୧୯୭୪ ଟ୍ରେଡ୍ ଆକ୍ଟର ସେକ୍ସନ୍ ୩୦୧ ଅଧୀନରେ ଏକ ତଦନ୍ତ ଆରମ୍ଭ କରିବା ସହ ବ୍ରାଜିଲରୁ ଆମଦାନୀ ହେଉଥିବା ବିଭିନ୍ନ ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇଦେଇଥିଲା । ଆମେରିକାର ଯୁକ୍ତି ଥିଲା ଯେ ବ୍ରାଜିଲର ଏହି ମାଗଣା ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା ଆମେରିକୀୟ କ୍ରେଡିଟ୍ କାର୍ଡ କମ୍ପାନୀଗୁଡ଼ିକର ବ୍ୟବସାୟକୁ କ୍ଷତି ପହଞ୍ଚାଉଛି ଏବଂ ଏହା ଏକ ଅନୁଚିତ ବାଣିଜ୍ୟିକ ଅଭ୍ୟାସ । ବ୍ରାଜିଲର ରାଷ୍ଟ୍ରପତି ଲୁଲା ଦା ସିଲଭା ଏହାକୁ ତୀବ୍ର ବିରୋଧ କରିଥିଲେ । ବ୍ରାଜିଲ ଉପରେ ହୋଇଥିବା ଏହି ଆକ୍ରମଣ ଭାରତ ପାଇଁ ଏକ ସ୍ପଷ୍ଟ ଚେତାବନୀ ଥିଲା । ଯଦି ଭାରତ ତାର ୟୁପିଆଇ ବ୍ୟବସ୍ଥାରେ ବିଦେଶୀ କମ୍ପାନୀଗୁଡ଼ିକୁ ଲାଭ କରିବାର ସୁଯୋଗ ନଦିଏ, ତେବେ ଟ୍ରମ୍ପ ପ୍ରଶାସନ ଭାରତର ରପ୍ତାନି ସାମଗ୍ରୀ ଉପରେ ମଧ୍ୟ ଅନୁରୂପ ଭାବରେ ଭାରି ଶୁଳ୍କ ଲଗାଇବାର ଯଥେଷ୍ଟ ଆଶଙ୍କା ଥିଲା । ତେଣୁ ଆମେରିକା ସହିତ ଏକ ବୃହତ୍ତର ବାଣିଜ୍ୟିକ ଚୁକ୍ତି ବା ବୁଝାମଣାର ଅଂଶସ୍ୱରୂପ ଭାରତ ସରକାର ୟୁପିଆଇ ଉପରେ ଏମଡିଆର ଲାଗୁ କରିବାକୁ ବାଧ୍ୟ ହୋଇଛନ୍ତି ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତ ଦେଉଛନ୍ତି ।

ଏହାଦ୍ୱାରା ଆମେରିକୀୟ ଫିନଟେକ୍ କମ୍ପାନୀଗୁଡ଼ିକ ଭାରତର ବିଶାଳ ଡିଜିଟାଲ୍ ବଜାରରୁ ରାଜସ୍ୱ ଆଦାୟ କରିପାରିବେ ଏବଂ ବଦଳରେ ଭାରତ ଆମେରିକାର ଟାରିଫ୍ ବା ଶୁଳ୍କ ଆକ୍ରମଣରୁ ନିଜକୁ ରକ୍ଷା କରିପାରିବ । ଏହି ପଦକ୍ଷେପକୁ ଏକ କୂଟନୈତିକ ଏବଂ ଅର୍ଥନୈତିକ ବିନିମୟ ଭାବରେ ଦେଖାଯାଇପାରେ । ୟୁପିଆଇ କାରବାର ଉପରେ ଶୁଳ୍କ ଲାଗୁ କରିବାର ଘରୋଇ କାରଣଗୁଡ଼ିକୁ ମଧ୍ୟ ଅଣଦେଖା କରାଯାଇନପାରେ । ଭାରତୀୟ ବ୍ୟାଙ୍କ ଏବଂ ପେମେଣ୍ଟ ସେବା ପ୍ରଦାନକାରୀମାନେ ମଧ୍ୟ ଦୀର୍ଘ ଦିନ ଧରି ଏମଡିଆର ଲାଗୁ କରିବାକୁ ଦାବି କରିଆସୁଥିଲେ । କାରଣ କୋଟି କୋଟି ଟଙ୍କାର କାରବାରକୁ ସୁରକ୍ଷିତ ଏବଂ ନିରବଚ୍ଛିନ୍ନ ଭାବରେ ପରିଚାଳନା କରିବା ପାଇଁ ବିପୁଳ ବୈଷୟିକ ଭିତ୍ତିଭୂମିର ଆବଶ୍ୟକତା ରହିଛି । ବିନା ରାଜସ୍ୱରେ ଏହି ଭିତ୍ତିଭୂମିର ରକ୍ଷଣାବେକ୍ଷଣ ଏବଂ ନବୀକରଣ ଅସମ୍ଭବ ହୋଇପଡୁଥିଲା । ତଥ୍ୟ ଅନୁଯାୟୀ, ୨୦୦୦ ଟଙ୍କାରୁ ଅଧିକ ମୂଲ୍ୟର ୟୁପିଆଇ କାରବାର ସମୁଦାୟ କାରବାର ସଂଖ୍ୟାର ମାତ୍ର ୫ ପ୍ରତିଶତ ହୋଇଥିଲେ ମଧ୍ୟ ସମୁଦାୟ କାରବାର ମୂଲ୍ୟର ପ୍ରାୟ ୬୫ ପ୍ରତିଶତ ଅଟେ । ତେଣୁ କେବଳ ବଡ଼ କାରବାର ଉପରେ ଶୁଳ୍କ ଲଗାଇଲେ ମଧ୍ୟ ଏହି କମ୍ପାନୀଗୁଡ଼ିକ ଏବଂ ବ୍ୟାଙ୍କମାନଙ୍କୁ ବିପୁଳ ପରିମାଣର ରାଜସ୍ୱ ମିଳିପାରିବ ଏବଂ ଏଥିସହିତ ଛୋଟ କାରବାରଗୁଡ଼ିକ ପୂର୍ବଭଳି ମାଗଣା ରହିବ । ସରକାରଙ୍କ ଏହି ନୂତନ ନିଷ୍ପତ୍ତି ଉଭୟ ଘରୋଇ ପେମେଣ୍ଟ ଇଣ୍ଡଷ୍ଟ୍ରିର ଦାବି ପୂରଣ କରିବା ସହ ଆମେରିକାର ଚାପକୁ ପ୍ରଶମିତ କରିବାରେ ଏକସାଙ୍ଗରେ ସହାୟକ ହେବ ।

ତେବେ ଏହି ପଦକ୍ଷେପର ଦୀର୍ଘମିଆଦୀ ପ୍ରଭାବକୁ ନେଇ ଅନେକ ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି । ସରକାର ସ୍ପଷ୍ଟ କରିଛନ୍ତି ଯେ ସାଧାରଣ ଗ୍ରାହକ ଏବଂ ଛୋଟ ବ୍ୟବସାୟୀମାନଙ୍କ ଉପରେ ଏହି ଶୁଳ୍କର କୌଣସି ପ୍ରତ୍ୟକ୍ଷ ପ୍ରଭାବ ପଡ଼ିବ ନାହିଁ । କେବଳ ୧.୫ କୋଟି ଟଙ୍କାରୁ ଅଧିକ ବାର୍ଷିକ କାରବାର କରୁଥିବା ବଡ଼ ବ୍ୟବସାୟୀମାନଙ୍କୁ ଏହା ଦେବାକୁ ପଡ଼ିବ ଏବଂ ବ୍ୟକ୍ତିଗତ କାରବାର ସମ୍ପୂର୍ଣ୍ଣ ମାଗଣା ରହିବ । କିନ୍ତୁ ଅର୍ଥନୈତିକ ବାସ୍ତବତା ହେଉଛି ଯେତେବେଳେ ବ୍ୟବସାୟୀମାନଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡ଼େ, ସେମାନେ କୌଣସି ନା କୌଣସି ଉପାୟରେ ସେହି ଖର୍ଚ୍ଚକୁ ଗ୍ରାହକମାନଙ୍କଠାରୁ ହିଁ ଆଦାୟ କରିଥାନ୍ତି । ସାମଗ୍ରୀର ମୂଲ୍ୟ ବୃଦ୍ଧି ବା ଅନ୍ୟାନ୍ୟ ଲୁକ୍କାୟିତ ଚାର୍ଜ ମାଧ୍ୟମରେ ଶେଷରେ ସାଧାରଣ ଖାଉଟି ହିଁ ଏହି ଶୁଳ୍କର ଭାର ବହନ କରିବାର ଆଶଙ୍କା ରହିଛି । ଏହାବ୍ୟତୀତ, ୟୁପିଆଇର ମୂଳ ଲକ୍ଷ୍ୟ ଥିଲା ଡିଜିଟାଲ୍ ଅର୍ଥନୀତିକୁ ସର୍ବସାଧାରଣଙ୍କ ପାଇଁ ସହଜ ଏବଂ ମାଗଣା କରିବା । ଏହାକୁ ଏକ ଡିଜିଟାଲ୍ ପବ୍ଲିକ୍ ଇନଫ୍ରାଷ୍ଟ୍ରକ୍ଚର ବା ସାର୍ବଜନୀନ ଡିଜିଟାଲ୍ ଭିତ୍ତିଭୂମି ଭାବରେ ବିଶ୍ୱ ଦରବାରରେ ଉପସ୍ଥାପନ କରାଯାଉଥିଲା ଯାହାକି ପାଶ୍ଚାତ୍ୟ ଦେଶଗୁଡ଼ିକର ପୁଞ୍ଜିବାଦୀ ମଡେଲ୍ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା । କିନ୍ତୁ ବର୍ତ୍ତମାନ ବିଦେଶୀ ଚାପ ଏବଂ ବାଣିଜ୍ୟିକ ସ୍ୱାର୍ଥ ରକ୍ଷା କରିବାକୁ ଯାଇ ଏହାର ମୂଳ ଢାଞ୍ଚାରେ ପରିବର୍ତ୍ତନ କରାଯିବା ଦ୍ୱାରା ୟୁପିଆଇର ସାର୍ବଜନୀନ ଚରିତ୍ର କ୍ଷୁଣ୍ଣ ହେବାର ସମ୍ଭାବନା ଦେଖାଦେଇଛି ।

ଭାରତ ଏବଂ ଆମେରିକା ମଧ୍ୟରେ ଥିବା ବାଣିଜ୍ୟିକ ସମ୍ପର୍କ ସବୁବେଳେ ଜଟିଳ ରହିଆସିଛି । ଟ୍ରମ୍ପ ପ୍ରଶାସନର ମୂଳ ଲକ୍ଷ୍ୟ ହେଉଛି ଆମେରିକାର ବାଣିଜ୍ୟିକ ନିଅଣ୍ଟ କମାଇବା ଏବଂ ନିଜ ଦେଶର କମ୍ପାନୀଗୁଡ଼ିକ ପାଇଁ ବିଦେଶୀ ବଜାରରେ ଅଧିକ ସୁଯୋଗ ସୃଷ୍ଟି କରିବା । ଭାରତର ଡିଜିଟାଲ୍ ବଜାର ବିଶ୍ୱର ସବୁଠାରୁ ଦ୍ରୁତ ବିକାଶଶୀଳ ବଜାର ହୋଇଥିବାରୁ ଆମେରିକୀୟ ଟେକ୍ କମ୍ପାନୀଗୁଡ଼ିକ ଏଠାରୁ ବିପୁଳ ଲାଭ ଆଶା କରୁଛନ୍ତି । ୟୁଏସଟିଆର ରିପୋର୍ଟରେ କେବଳ ୟୁପିଆଇ ନୁହେଁ, ବରଂ ଭାରତର ଡାଟା ଲୋକାଲାଇଜେସନ୍ ନୀତି ଏବଂ ଆଇଟି ନିୟମଗୁଡ଼ିକୁ ମଧ୍ୟ ସମାଲୋଚନା କରାଯାଇଥିଲା । ତେଣୁ ୟୁପିଆଇ ଉପରେ ଶୁଳ୍କ ଲଗାଇବାକୁ ଅନୁମତି ଦେବା ହେଉଛି ଭାରତ ସରକାରଙ୍କ ପକ୍ଷରୁ ଆମେରିକାକୁ ଶାନ୍ତ କରିବା ପାଇଁ ଏକ କୂଟନୈତିକ ପଦକ୍ଷେପ । ଏହି ପ୍ରସ୍ତାବିତ ବିଲ୍ ଯଦି ଆଇନରେ ପରିଣତ ହୁଏ, ତେବେ ଆଦାୟ ହେବାକୁ ଥିବା ଏମଡିଆର କିପରି ବଣ୍ଟନ ହେବ ତାହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ସାଧାରଣତଃ ଏକ ଡିଜିଟାଲ୍ କାରବାରରେ ଗ୍ରାହକଙ୍କ ବ୍ୟାଙ୍କ, ବ୍ୟବସାୟୀଙ୍କ ବ୍ୟାଙ୍କ ଏବଂ ପେମେଣ୍ଟ ଆପ୍ ବା ପ୍ଲାଟଫର୍ମ ଜଡ଼ିତ ଥାଆନ୍ତି । ଯେତେବେଳେ ୦.୨୫ ରୁ ୦.୫ ପ୍ରତିଶତ ଶୁଳ୍କ ଆଦାୟ ହେବ, ଏହି ଭାଗୀଦାରମାନଙ୍କ ମଧ୍ୟରେ ତାହା ବିଭାଜନ କରାଯିବ । ବର୍ତ୍ତମାନ ସୁଦ୍ଧା ଗୁଗଲ୍ ପେ ଏବଂ ଫୋନ୍ ପେ ଭଳି ଆପ୍ ଗୁଡ଼ିକ କେବଳ ଡାଟା ସଂଗ୍ରହ ଏବଂ ଅନ୍ୟାନ୍ୟ ଆର୍ଥିକ ସେବା ବିକ୍ରି କରି ନିଜର ଆୟ କରୁଛନ୍ତି । କିନ୍ତୁ ଏହି ଶୁଳ୍କ ଲାଗୁ ହେବା ପରେ ସେମାନଙ୍କୁ ପ୍ରତ୍ୟେକ ବଡ଼ କାରବାରରୁ ସିଧାସଳଖ ରାଜସ୍ୱ ମିଳିବ ।

ପରିଶେଷରେ ଏହା କୁହାଯାଇପାରେ ଯେ ୟୁପିଆଇ କାରବାର ଉପରେ ପ୍ରସ୍ତାବିତ ଏମଡିଆର ଶୁଳ୍କ କେବଳ ଏକ ଆଭ୍ୟନ୍ତରୀଣ ନୀତିଗତ ପରିବର୍ତ୍ତନ ନୁହେଁ, ବରଂ ଏହା ବିଶ୍ୱ ଅର୍ଥନୀତିର ଏକ ବୃହତ୍ତର ଖେଳର ଅଂଶବିଶେଷ । ଟ୍ରମ୍ପ ପ୍ରଶାସନର ଆକ୍ରମଣାତ୍ମକ ବାଣିଜ୍ୟ ନୀତି ଏବଂ ବ୍ରାଜିଲ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ଭାରତକୁ ନିଜର ଡିଜିଟାଲ୍ ପେମେଣ୍ଟ ରଣନୀତିରେ ପରିବର୍ତ୍ତନ ଆଣିବାକୁ ବାଧ୍ୟ କରିଛି । ଗୋଟିଏ ପଟେ ଭାରତୀୟ ବ୍ୟାଙ୍କ ଏବଂ ଆମେରିକୀୟ ଫିନଟେକ୍ କମ୍ପାନୀଗୁଡ଼ିକ ଏହି ନିଷ୍ପତ୍ତିରୁ ଲାଭବାନ ହେବେ, କିନ୍ତୁ ଅନ୍ୟ ପଟେ ୟୁପିଆଇର ମାଗଣା ସେବା ଯୋଗୁଁ ଯେଉଁ ଡିଜିଟାଲ୍ ବିପ୍ଳବ ଆସିଥିଲା, ତାହା କିଛି ମାତ୍ରାରେ ପ୍ରଭାବିତ ହୋଇପାରେ । ସରକାରଙ୍କୁ ଏବେ ଏକ ସନ୍ତୁଳିତ ପନ୍ଥା ଆପଣାଇବାକୁ ପଡ଼ିବ ଯାହାକି ଆନ୍ତର୍ଜାତିକ ଚାପକୁ ମୁକାବିଲା କରିବା ସହ ଦେଶର କ୍ଷୁଦ୍ର ବ୍ୟବସାୟୀ ଏବଂ ସାଧାରଣ ନାଗରିକମାନଙ୍କ ଉପରେ ଯେପରି କୌଣସି ଅଯଥା ଆର୍ଥିକ ବୋଝ ନପଡ଼େ ତାହା ସୁନିଶ୍ଚିତ କରାଯାଇପାରିବ । ଏହି ନୂତନ ପରିବର୍ତ୍ତନ ଭାରତୀୟ ଡିଜିଟାଲ୍ ଅର୍ଥନୀତିର ଭବିଷ୍ୟତ ଦିଗଦର୍ଶନକୁ କିପରି ନିୟନ୍ତ୍ରଣ କରିବ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ।



# ଇଞ୍ଜିନିୟରିଂ ଶିକ୍ଷା ଏକ ସାଧନା

ଇଂ ପ୍ରତ୍ୟୁଷ କୁମାର ବେହେରା



ଦେଶର ଅଭିବୃଦ୍ଧି ଓ ବିକାଶରେ ଇଞ୍ଜିନିୟରଙ୍କର ଭୂମିକା ଅନସ୍ୱୀକାର୍ଯ୍ୟ । ରାସ୍ତା, କୋଠା, ବନ୍ଧଗୁଡ଼ିକଠାରୁ ଆରମ୍ଭକରି କଳକାରଖାନା, ଯାନବାହନ, ବିଦ୍ୟୁତ ଉତ୍ପାଦନ, ଜଳସେଚନ ଆଦି ଦ୍ୱାରା ଦେଶର ପ୍ରଗତି ହୋଇଥାଏ । ଦେଶ ନିର୍ମାଣରେ ଆମ ମାନଙ୍କର ଗୁରୁତ୍ୱକୁ ସ୍ୱୀକୃତି ଜଣାଇବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୧୫ରେ 'ଜାତୀୟ ଇଞ୍ଜିନିୟର୍ସ ଦିବସ' ପାଳନ କରାଯାଉଛି । ଏହି ଦିବସକୁ ଚୟନ କରିବାର ଉଦ୍ଦେଶ୍ୟ ଭାରତର ବିଶିଷ୍ଟ ଇଞ୍ଜିନିୟର ତଥା ଆଧୁନିକ ଭାରତର ଅନ୍ୟତମ ନିର୍ମାତା ସାର୍ ମୋକ୍ଷଗୁଣ୍ଡମ ବିଶ୍ୱେଶ୍ୱରାୟାଙ୍କ ଜନ୍ମ ଦିବସ । ଏଣୁ ଏହା ମଧ୍ୟ ହେଉଛି ତାଙ୍କ ପ୍ରତି ଆମର ଶ୍ରଦ୍ଧାଞ୍ଜଳି ।

୧୮୬୧ ସେପ୍ଟେମ୍ବର ୧୫ରେ କର୍ଣ୍ଣାଟକ ମୁଦେନହାଲି ଠାରେ ଭୂମିଷ୍ଠ ହୋଇଥିଲେ । ପୁଣେର ବିଜ୍ଞାନ କଲେଜରୁ ସିଭିଲ ଇଞ୍ଜିନିୟରିଂ ସ୍ନାତକ ଡିଗ୍ରୀ ହାସଲ ପରେ ସେ ତତ୍କାଳୀନ ବ୍ରିଟିଶ ସରକାରଙ୍କ ଅଧୀନରେ କାର୍ଯ୍ୟ କରିଥିଲେ । ସେ ଅନେକ ବନ୍ଦର ଡିଜାଇନ୍ ଓ ନିର୍ମାଣ କରିଥିଲେ । ତେବେ ନଦୀ ବନ୍ଧ ପାଇଁ ସ୍ୱୟଂକ୍ରିୟ ଫାଟକ ଉଦ୍ଭାବନ ହେଉଛି ତାଙ୍କର ବଡ଼ କୃତି । ସେ ୧୯୦୮ରେ ସରକାରଙ୍କଠାରୁ ସ୍ୱେଚ୍ଛାକୃତ ଅବସର ନେଇ ହାଇଦ୍ରାବାଦରେ ମୁଖ୍ୟଯନ୍ତ୍ରୀ ଭାବେ ଯୋଗ ଦେଇଥିଲେ । ସେଠାରେ ସେ ମୁସି ନଦୀ ବନ୍ୟାରୁ ସହରକୁ ରକ୍ଷାକରିବା ପାଇଁ ଉପାୟ ବାହାର କରିଥିଲେ । ଏହାପରେ ମହୀଶୂର ରାଜ୍ୟର ମୁଖ୍ୟଯନ୍ତ୍ରୀ ଭାବେ ଯୋଗଦେଲେ । ମହୀଶୂର କୃଷ୍ଣରାଜସାଗର ବନ୍ଧ ହେଉଛି ତାଙ୍କର କୀର୍ତ୍ତି ।ସରକାର ତାଙ୍କୁ ୧୯୧୫ରେ 'ନାଇଟ୍' ଉପାଧି ପ୍ରଦାନ କରିଥିଲେ । ଦେଶ ସ୍ୱାଧୀନ ହେବା ପରେ ଭାରତ ସରକାର ତାଙ୍କୁ ୧୯୫୫ ମସିହାରେ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତ ରତ୍ନ' ପ୍ରଦାନ କରିଥିଲେ । ସେ ଜୀବନ ସାରା ସଚ୍ଚୋଟ, କର୍ମତତ୍ପର ଓ ନିଷ୍ଠାବାନ୍ ହୋଇ କାର୍ଯ୍ୟ କରିଥିଲେ ।

'ଇଞ୍ଜିନିୟରିଂ ଶିକ୍ଷା ଏକ ସାଧନା 'ଏହି ଉକ୍ତିଟି ସମ୍ପୂର୍ଣ୍ଣ ସତ୍ୟ ଏବଂ ଯଥାର୍ଥ । ଏହା କେବଳ ଏକ ଡିଗ୍ରୀ ବା ପାଠ୍ୟକ୍ରମ ନୁହେଁ, ବରଂ ଏହା ଏକ ଦୀର୍ଘକାଳୀନ, ନିରନ୍ତର ଏବଂ କଠିନ ମାନସିକ ଓ ବୌଦ୍ଧିକ ସାଧନା । ଏହାକୁ ସାଧନା କହିବାର ମୁଖ୍ୟ କାରଣ, କଠିନ ପରିଶ୍ରମ ଓ ଏକାଗ୍ରତା ଜଟିଳ ବିଷୟବସ୍ତୁ ଗଣିତ, ପଦାର୍ଥ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଗଭୀର ସିଦ୍ଧାନ୍ତଗୁଡ଼ିକୁ ବୁଝିବା ପାଇଁ ଅତ୍ୟଧିକ ଏକାଗ୍ରତା ପ୍ରୟୋଜନ । ସମସ୍ୟାର ସମାଧାନ କରିବାର କଳା ଇଞ୍ଜିନିୟରିଂ ଶିକ୍ଷା ଜଣେ ସାଧାରଣ ମଣିଷକୁ ସମସ୍ୟା ଦେଖି ଡରିବା ପରିବର୍ତ୍ତେ ତାର ଉପାୟ ଖୋଜିବା ଶିଖାଇଥାଏ ।ଏହା ମସ୍ତିଷ୍କକୁ ଏପରି ଭାବେ ପ୍ରସ୍ତୁତ କରେ, ଯାହା ଦ୍ୱାରା ବାସ୍ତବ ଦୁନିଆର ଜଟିଳ ସମସ୍ୟାଗୁଡ଼ିକର ସହଜ ଏବଂ ସ୍ଥାୟୀ ସମାଧାନ ବାହାର କରିହେବ । ଧୈର୍ଯ୍ୟ ଏବଂ ଅଧ୍ୟବସାୟ ଅନେକ ସମୟରେ ପ୍ରୋଜେକ୍ଟ କିମ୍ବା କୋଡିଂ ଫେଲ୍ ହୋଇଯାଏ ।କିନ୍ତୁ ଜଣେ ପ୍ରକୃତ ସାଧକ ଭଳି, ଜଣେ ଇଞ୍ଜିନିୟର ହାର ନ ମାନି ବାରମ୍ବାର ଚେଷ୍ଟା କରି ସଫଳତା ପାଇଥାଏ । ଏହି ପ୍ରକ୍ରିୟା ଧୈର୍ଯ୍ୟ ଶିଖାଏ । ସୃଜନଶୀଳତା ଓ ନୂତନତ୍ୱ ସାଧନା ଦ୍ୱାରା ଯେପରି ନୂତନ ଜ୍ଞାନର ଆଲୋକ ମିଳେ, ଇଞ୍ଜିନିୟରିଂ ଶିକ୍ଷା ଦ୍ୱାରା ସେହିପରି ନୂଆ ନୂଆ ପ୍ରଯୁକ୍ତିବିଦ୍ୟା ଓ ଯନ୍ତ୍ରପାତିର ଆବିଷ୍କାର ହୋଇଥାଏ । ଏହା କଳ୍ପନାକୁ ବାସ୍ତବତାରେ ରୂପାନ୍ତରିତ କରିବାର ଶକ୍ତି ଦିଏ । ସମାଜ ମଙ୍ଗଳ ପାଇଁ ଉଦ୍ଦିଷ୍ଟଜଣେ ସନ୍ନ୍ୟାସୀଙ୍କ ସାଧନା ଯେପରି ଜଗତର କଲ୍ୟାଣ ପାଇଁ ହୋଇଥାଏ, ଜଣେ ଇଞ୍ଜିନିୟର ର ସାଧନା ମଧ୍ୟ ମାନବ ଜାତିର ପ୍ରଗତି ପାଇଁ ଉଦ୍ଦିଷ୍ଟ । ରାସ୍ତାଘାଟ, ବ୍ରିଜ୍, ସ୍ମାର୍ଟଫୋନ୍, ମେଡିକାଲ୍ ଯନ୍ତ୍ରପାତି ଠାରୁ ଆରମ୍ଭ କରି ମହାକାଶ ବିଜ୍ଞାନ ପର୍ଯ୍ୟନ୍ତ ସବୁକିଛି ଏହି ସାଧନାର ହିଁ ପରିଣାମ ।

ସାମ୍ପ୍ରତିକ ପରିସ୍ଥିତିରେ ବୈଷୟିକ ଶିକ୍ଷା ଏକ ନୂଆ ରୂପ ସହିତ ଭିନ୍ନ ଏକ ଆହ୍ୱାନ ସୃଷ୍ଟି କରିଛି । ବିକାଶର ଅନ୍ୟନାମ ବୈଷୟିକ ଶିକ୍ଷା କହିଲେ ଅତ୍ୟୁକ୍ତି ହେବ ନାହିଁ । ଆଜିର ଛାତ୍ର ଆଜିର ଦେଶର ଭବିଷ୍ୟତ । ଜଣେ ଛାତ୍ର ହିଁ ଦେଶ ପ୍ରଗତିର ମୁକସାକ୍ଷୀ । ବିଗତ ଦିନ ମାନଙ୍କରେ ଦୃଷ୍ଟି ଗୋଚର ହେଉଥିବା ଶିକ୍ଷାର ସମସ୍ୟା ଏବେ ଶତକଡା ୮୫ ଭାଗ କମି ଯାଇଛି । ଆଗରୁ ଅନେକ ମେଧାବୀ ଛାତ୍ର ଛାତ୍ରୀ ନିଜର ଇଚ୍ଛା ଥିଲେ ମଧ୍ୟ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିଲେ । କିନ୍ତୁ ଏବେ ସରକାରୀ ବ୍ୟବସ୍ଥା ରେ ଅନେକ ପରିବର୍ତ୍ତନ ଆସିଛି । ସାଧାରଣ ଛାତ୍ର ଟିଏ ଭଲ ଶିକ୍ଷାନୁଷ୍ଠାନ (ଏନ. ଆଇ. ଟି, ଆଇ.ଆଇ.ଟି ) ହେଉ କି ସରକାରୀ ଅବା ଘରୋଇ ପ୍ରତିଷ୍ଠିତ ଅନୁଷ୍ଠାନରେ ଶିକ୍ଷାଲାଭ କରି ପାରୁଛନ୍ତି । ଜାତୀୟ ଶିକ୍ଷା ନୀତି ୨୦୨୦ ଏକ ନୂଆ ଯୁଗାନ୍ତକାରୀ ଓ ସଫଳ ପଦକ୍ଷେପ । ଆଜି ବିଦ୍ୟାଳୟ ମାନଙ୍କରେ ବୈଷୟିକ ଶିକ୍ଷା ପାଇଁ ନୂତନ ସୁଯୋଗ ଓ ପାଠ୍ୟ ପୁସ୍ତକ ସହିତ ପୂର୍ଣ୍ଣ ବ୍ୟବସ୍ଥା କରାଯାଉଛି । ଯାହା ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରୁଛି । ପୂର୍ବାପେକ୍ଷା ଆମ ଦେଶ ଓ ରାଜ୍ୟରେ ଅନେକ ନୂଆ ବୈଷୟିକ ଶିକ୍ଷାନୁଷ୍ଠାନ ଗଢି ଉଠିଛି ଯାହା ଏକ ମାଇଲ ଖୁଣ୍ଟ ଭାବେଠିଆ ହୋଇଛି ସତ କିନ୍ତୁ ସେଇ ଅନୁପାତରେ ଅଭିଜ୍ଞ ଅଧ୍ୟାପକ ନ ଥିବା ଚିନ୍ତାର ବିଷୟ ମଧ୍ୟ ପାଲଟିଛି ।

ଅନେକ ସମୟରେ କିଛି ଖବର ଆମକୁ ବ୍ୟଥିତ କରୁଛି । ଯେମିତି ଜଣେ ମେଧାବୀ ଚାକିରୀ ନ ପାଇ ମାନସିକ ଭାରସାମ୍ୟ ହରେଇ ବସୁଛି । ଯୁବପିଢ଼ି ପଥ ଭ୍ରଷ୍ଟ ହେଉଛନ୍ତି । ସମାଜରେ ଅନେକ ନିନ୍ଦା ଅପବାଦର ସମ୍ମୁଖୀନ ହେବାକୁ ପଡୁଛି । ଯାହା ଆମ ସମସ୍ତଙ୍କ ପାଇଁ ଗୋଟେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଜଣେ ମେଧାବୀ ଛାତ୍ର ଲୋନ କରି ପାଠ ପଢୁଛି, କିନ୍ତୁ ଇଚ୍ଛା ମୁତାବକ ନିଯୁକ୍ତି ରେ ବାଧା ଉପୁଜୁଛି । ଋଣ ସୁଝିବାକୁ ସେ ମୂଲ ଲାଗିବାକୁ ମଧ୍ୟ ବାଧ ହେଉଛି । ଓଡ଼ିଶାର ବିଭିନ୍ନ ଜିଲ୍ଲାର କଳକାରଖାନା ର ଅବସ୍ଥା ନ କହିଲେ ଭଲ । ଅନେକ ପ୍ରକଳ୍ପ ଆସୁଥିଲେ ମଧ୍ୟ ବିଭିନ୍ନ କାରଣ ନିମନ୍ତେ ତାହା ସ୍ଥାପନ ହେବାରେ ଅହେତୁକ ବିଳମ୍ବ ପରିଲକ୍ଷିତ ହେଉଛି । ସରକାର ଏଥି ପାଇଁ ବିଶେଷ ଗୁରୁତ୍ୱ ଦେଉଥିଲେ ମଧ୍ୟ, କାର୍ଯ୍ୟକାରୀ ଆଖି ଦୃଶିଆ ହେଉନାହିଁ । ଆମ ରାଜ୍ୟରୁ ପାଠପଢି ପିଲାମାନେ ବିଦେଶ ଏବଂ ଅନ୍ୟ ରାଜ୍ୟରେ ନିଜର ବେଶ ପାରଦର୍ଶିତା ପ୍ରତିପାଦନ କରୁଛନ୍ତି । ନିଯୁକ୍ତି ସୃଷ୍ଟି କରିବା ବର୍ତ୍ତମାନ ନିତ୍ୟାନ୍ତ ଆବଶ୍ୟକ ଓ ପ୍ରାଥମିକତା ହେଉ । ଜଣେ ଇଞ୍ଜିନିୟରିଂ ଛାତ୍ର ସବୁ କ୍ଷେତ୍ରରେ ସଫଳତାର ସହିତ ନିଜର ଦାୟିତ୍ୱ ସୁଚାର ରୂପେ ସମ୍ପାଦନା କରିବାର ଯଥେଷ୍ଟ ନଜର ରହିଛି ।ଆମର ପୂର୍ବଜ କୋଣାର୍କ, ଏଲୋରା ଗୁମ୍ଫା, ଲାଲକିଲା ଏମିତି ଅନେକ କିଛି ନିର୍ମାଣ କରିଛନ୍ତି ଯାହା ଆଜି ମଧ୍ୟ ସମସ୍ତଙ୍କୁ ଯେତିକି ଆଶ୍ଚର୍ଯ୍ୟ କରୁଛି ଠିକ ସେତିକ ମଧ୍ୟ କିଛି ନୂଆ କରିବାର ପ୍ରେରଣା ପ୍ରଧାନ କରୁଛି । ସେତେବେଳର କାରିଗରୀ ବିଦ୍ୟା ଏବେ ଇଞ୍ଜିନିୟରିଂ ଶିକ୍ଷା । କିନ୍ତୁ, ସେ ସମୟ କାରିଗର ମାନଙ୍କ ସମର୍ପଣ, ଏକାଗ୍ରତା ଓ ନିଷ୍ଠା ଏବେ ସମୟରେ ନ ଥିବାର ଅନେକ ପରିଲକ୍ଷିତ ହେଉଛି । ସାଧନା ବିନା ସଫଳତା ମିଳିବା କଷ୍ଟସାଧ୍ୟ ।

+ ଅଧ୍ୟାପକ
ବାଲେଶ୍ୱର,
ମୋ: ୭୫୦୪୦୮୧୮୬୩



# ନୂଆଖାଇ - ମାଟିର ମହକ, ଅନ୍ନର ଆନନ୍ଦ ଓ ଓଡିଆ ଅସ୍ମିତା ମହାପର୍ବ

ସୌଭାଗ୍ୟ ରଂଜନ ମହାନ୍ତି

ନୂଆଖାଇ ଓଡିଶାର ମାଟି ଓ ମଣିଷର ହୃଦୟ ସହିତ ଗଭୀର ଭାବେ ଜଡିତ ଏକ ମହାନ କୃଷିଭିତ୍ତିକ ପର୍ବ । ଏହା କେବଳ ନୂଆ ଅନ୍ନ ଖାଇବାର ଏକ ପାରମ୍ପରିକ ଦିନ ନୁହେଁ, ଏହା ହେଉଛି ଚାଷୀର ଘାମକୁ ସମ୍ମାନ, ମାଟିର ମମତାକୁ ପ୍ରଣାମ, ପ୍ରକୃତିର ଅବଦାନକୁ ସ୍ୱୀକାର ଏବଂ ପରିବାର-ସମାଜର ସମ୍ପର୍କକୁ ଆହରି ଦୃଢ କରିବାର ଏକ ପବିତ୍ର ଅବସର । ବିଶେଷତଃ ପଶ୍ଚିମ ଓଡିଶାର ଜନଜୀବନରେ ନୂଆଖାଇର ମହତ୍ୱ ଅତ୍ୟନ୍ତ ଗଭୀର ଓ ବ୍ୟାପକ । ବର୍ଷସାରା ଚାଷୀ ଯେଉଁ ମାଟିକୁ ନିଜ ଶ୍ରମ ଓ ଘାମରେ ସିଂଚିଥାଏ ଯେଉଁ ବିହନକୁ ଆଶାର ସହିତ ମାଟିରେ ପୋତିଥାଏ ଏବଂ ଯେଉଁ ଫସଲକୁ ବର୍ଷା, ଖରା, ରୋଗବାଲାଇ ଓ ପ୍ରାକୃତିକ ବିପର୍ଯ୍ୟାୟ ମଧ୍ୟରେ ଯତ୍ନରେ ବଢାଇଥାଏ, ନୂଆଖାଇ ସେହି ଅକ୍ଲାନ୍ତ ପରିଶ୍ରମର ଫଳକୁ ଆନନ୍ଦର ସହିତ ସ୍ୱୀକାର କରିବାର ମୁହୂର୍ତ୍ତ । 'ନୂଆ' ଅର୍ଥ ନବୀନ ଏବଂ 'ଖାଇ' ଅର୍ଥ ଭୋଜନ କରିବା, ତେଣୁ ନୂଆଖାଇର ମୂଳ ଅର୍ଥ ହେଉଛି ନୂଆ ଫସଲର ପ୍ରଥମ ଅନ୍ନକୁ ଦେବଦେବୀଙ୍କୁ ଅର୍ପଣ କରିବା ପରେ ଶ୍ରଦ୍ଧା ଓ କୃତଜ୍ଞତାର ସହିତ ଗ୍ରହଣ କରିବା । ଏହି ପରମ୍ପରା ମଧ୍ୟରେ ଆମ ପୂର୍ବଜମାନଙ୍କର ପ୍ରକୃତିପ୍ରେମ ଓ ଅନ୍ନ ପ୍ରତି ଶ୍ରଦ୍ଧାର ଏକ ମହାନ ଦର୍ଶନ ଲୁଚି ରହିଛି । ନୂଆଖାଇର ପୂର୍ବପ୍ରସ୍ତୁତି ମଧ୍ୟ ଅତ୍ୟନ୍ତ ଆନନ୍ଦମୟ । ଘରଦ୍ୱାର ସଫା କରାଯାଏ, ପରିବାରର ସଦସ୍ୟମାନେ ନିଜ ନିଜ କାମରେ ବ୍ୟସ୍ତ ହୋଇଯାଆନ୍ତି, ଘରେ ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ ହୁଏ ଏବଂ ପରିବେଶରେ ଏକ ନୂଆ ଉତ୍ସାହର ସଂଚାର ହୁଏ । ଶୁଭ ସମୟରେ ନୂଆ ଧାନରୁ ପ୍ରସ୍ତୁତ ଅନ୍ନ ଓ ଅନ୍ୟାନ୍ୟ ନୈବେଦ୍ୟ ଇଷ୍ଟଦେବତାଙ୍କୁ ସମର୍ପଣ କରାଯାଏ । ଦେବତାଙ୍କୁ ଅର୍ପଣ ପରେ ପରିବାରର ସମସ୍ତେ ନୂଆ ଅନ୍ନ ଗ୍ରହଣ କରନ୍ତି । ଏହି ମୁହୂର୍ତ୍ତରେ ଅନ୍ନର ସ୍ୱାଦଠାରୁ ଅଧିକ ମୂଲ୍ୟବାନ ହୋଇଉଠେ ତାହା ପଛରେ ଥିବା କୃତଜ୍ଞତାର ଭାବ । ଆମ ଥାଳିରେ ଥିବା ପ୍ରତ୍ୟେକ ଦାନା ଚାଉଳ ଆମକୁ ସ୍ମରଣ କରାଏ ଯେ ଖାଦ୍ୟ କେବଳ ବଜାରରୁ ଆସେ ନାହିଁ, ତାହାର ପଛରେ ରହିଛି ମାଟି, ପାଣି, ବାୟୁ, ସୂର୍ଯ୍ୟ, ପ୍ରକୃତି ଏବଂ ଚାଷୀର ଅସୀମ ପରିଶ୍ରମ । ଏହି କାରଣରୁ ନୂଆଖାଇ ଆମକୁ ଅନ୍ନର ମୂଲ୍ୟ ବୁଝାଇବା ସହିତ ତାହାର ଅପଚୟ ନ କରିବାର ଶିକ୍ଷା ମଧ୍ୟ ଦିଏ । ନୂଆଖାଇର ଅନ୍ୟତମ ଅଦ୍ୱିତୀୟ ପରମ୍ପରା ହେଉଛି 'ନୂଆଖାଇ ଭେଟଘାଟ' । ନୂଆ ଅନ୍ନ ଗ୍ରହଣ ପରେ ଲୋକମାନେ ଆତ୍ମୀୟ, ବନ୍ଧୁ ଓ ପରିଚିତମାନଙ୍କ ଘରକୁ ଯାଇ ଶୁଭେଚ୍ଛା ବିନିମୟ କରନ୍ତି, ବଡମାନଙ୍କ ଆଶୀର୍ବାଦ ନିଅନ୍ତି ଏବଂ ପରସ୍ପରଙ୍କ ସୁଖ-ସମୃଦ୍ଧି କାମନା କରନ୍ତି । ପୁରୁଣା ଅଭିମାନ, ମନୋମାଳିନ୍ୟ ଓ ଦୂରତାକୁ ଭୁଲି ନୂଆ ସମ୍ପର୍କର ଆରମ୍ଭ କରିବାର ଏହା ଏକ ସୁନ୍ଦର ସୁଯୋଗ । ଆଜିର ଆଧୁନିକ ଜୀବନରେ ମଣିଷ ଚାକିରି, ବ୍ୟବସାୟ ଓ ଶିକ୍ଷା ପାଇଁ ନିଜ ଜନ୍ମମାଟିଠାରୁ ଦୂରେ ରହୁଥିଲେ ମଧ୍ୟ ନୂଆଖାଇର ଡାକ ତାକୁ ଘରମୁହାଁ କରେ । ଦୂର ସହରରୁ ଗାଁକୁ ଫେରୁଥିବା ମଣିଷର ମନରେ ଯେଉଁ ଆନନ୍ଦ ଓ ଭାବନା ଜାଗେ, ତାହାକୁ କେବଳ ଶବ୍ଦରେ ବର୍ଣ୍ଣନା କରିବା କଷ୍ଟକର । ନିଜ ଘରର ଅଗଣା, ମାଆର ହାତର ଖାଦ୍ୟ, ବାପାଙ୍କ ଆଶୀର୍ବାଦ, ଆତ୍ମୀୟଙ୍କ ସ୍ନେହ ଓ ଗାଁର ପରିଚିତ ପରିବେଶ ତାଙ୍କୁ ନିଜ ମୂଳ ସହିତ ପୁଣିଥରେ ଯୋଡିଦିଏ । ଏହି ଦୃଷ୍ଟିରୁ ନୂଆଖାଇ ହେଉଛି ମାଟିକୁ ଫେରିବାର ଏକ ଭାବନାମୟ ଉତ୍ସବ । ନୂଆଖାଇର ସାଂସ୍କୃତିକ ରୂପ ମଧ୍ୟ ଅତ୍ୟନ୍ତ ଗୌରବମୟ । ପଶ୍ଚିମ ଓଡିଶାର ସମୃଦ୍ଧ ଲୋକସଂସ୍କୃତି, ଲୋକଗୀତ, ଲୋକନୃତ୍ୟ, ବାଦ୍ୟ ଓ ପାରମ୍ପରିକ କଳା ଏହି ପର୍ବର ଆନନ୍ଦକୁ ଆହୁରି ରଙ୍ଗିନ କରେ । ନୂଆଖାଇ କେବଳ ଘରର ଚାରିକାନ୍ଥ ମଧ୍ୟରେ ସୀମିତ ନ ରହି ସମଗ୍ର ସମାଜକୁ ଏକ ଉତ୍ସବମୟ ପରିବେଶରେ ବାନ୍ଧି ଦିଏ । ଏହି ପର୍ବ ଆମକୁ ମନେ ପକାଇ ଦିଏ ଯେ ଓଡିଶାର ସଂସ୍କୃତି କେବଳ ପୁସ୍ତକରେ ଲେଖା କିଛି ଶବ୍ଦ ନୁହେଁ, ଏହା ଆମ ଦୈନନ୍ଦିନ ଜୀବନ, ଆମ ଭାଷା, ଆମ ଖାଦ୍ୟ, ଆମ ଗୀତ, ଆମ ନୃତ୍ୟ ଓ ଆମର ସମ୍ପର୍କରେ ଜୀବନ୍ତ ଅଛି । ନୂଆଖାଇ ଏହି ଜୀବନ୍ତ ସଂସ୍କୃତିର ଏକ ଉଜ୍ଜ୍ୱଳ ପ୍ରତୀକ । ଏହା ସହିତ ନୂଆଖାଇରେ ରହିଛି ଗଭୀର ସାମାଜିକ ଶିକ୍ଷା । ଆଜି ଯେତେବେଳେ ବ୍ୟକ୍ତିକେନ୍ଦ୍ରିକ ଜୀବନଶୈଳୀ ମଣିଷକୁ ଧୀରେ ଧୀରେ ପରସ୍ପରଠାରୁ ଦୂରେଇ ଦେଉଛି, ସେତେବେଳେ ନୂଆଖାଇ ଆମକୁ ଏକତା, ସହଯୋଗ, ଭାଇଚାରା ଓ ପରସ୍ପର ସମ୍ମାନର ମୂଲ୍ୟ ଶିଖା, । ଏହି ପର୍ବର ମୂଳରେ ରହିଛି 'ମୁଁ ନୁହେଁ, ଆମେ' । ମୋ ଘରର ସୁଖ ସହିତ ପଡୋଶୀର ସୁଖ, ମୋ ପରିବାରର ସମୃଦ୍ଧି ସହିତ ସମାଜର ସମୃଦ୍ଧି-ଏହି ବ୍ୟାପକ ଚିନ୍ତାଧାରା ନୂଆଖାଇର ଆତ୍ମା । ଚାଷୀ ହେଉଛି ଏହି ପର୍ବର କେନ୍ଦ୍ରବିନ୍ଦୁ, କାରଣ ତାଙ୍କର ଶ୍ରମ ବିନା ନୂଆ ଅନ୍ନର କଳ୍ପନା ଅସମ୍ଭବ । ତେଣୁ ନୂଆଖାଇ ଆମକୁ ଚାଷୀଙ୍କ ଜୀବନ, ସମସ୍ୟା ଓ ଅବଦାନ ପ୍ରତି ସଚେତନ ହେବାର ଅବସର ଦିଏ । ଯେଉଁ ହାତ ଆମ ପାଇଁ ଅନ୍ନ ଉତ୍ପାଦନ କରେ, ସେହି ହାତକୁ ସମ୍ମାନ ଦେବା ଆମର ନୈତିକ ଦାୟିତ୍ୱ । ନୂଆଖାଇର ଆନନ୍ଦ ସେତେବେଳେ ହିଁ ସାର୍ଥକ ହେବ, ଯେତେବେଳେ ଚାଷୀର ଜୀବନରେ ମଧ୍ୟ ନିରାପତା, ସମ୍ମାନ ଓ ସମୃଦ୍ଧି ଆସିବ । ପ୍ରକୃତି ସହିତ ମଣିଷର ସମ୍ପର୍କର ଏକ ସୁନ୍ଦର ପାଠ ମଧ୍ୟ ନୂଆଖାଇ ଆମକୁ ଦିଏ । ମାଟିକୁ ନଷ୍ଟ କରି, ଜଳକୁ ଅପଚୟ କରି କିମ୍ବା ପରିବେଶକୁ ଦୂଷିତ କରି ଆମେ ଦୀର୍ଘକାଳୀନ ସମୃଦ୍ଧି ପାଇପାରିବୁ ନାହିଁ । ନୂଆ ଅନ୍ନ ପାଇଁ ଯେପରି ଆମେ ପ୍ରକୃତି ପ୍ରତି କୃତଜ୍ଞ ହେଉଛୁ, ସେପରି ତାହାର ସୁରକ୍ଷା ପାଇଁ ମଧ୍ୟ ଆମକୁ ଦାୟିତ୍ୱବାନ ହେବାକୁ ପଡିବ । ଏହି କାରଣରୁ ନୂଆଖାଇର ଶିକ୍ଷା କେବଳ ପରମ୍ପରାରେ ସୀମିତ ନୁହେଁ, ଏହା ଆଜିର ପରିବେଶ ସଚେତନ ସମାଜ ପାଇଁ ମଧ୍ୟ ଅତ୍ୟନ୍ତ ପ୍ରାସଙ୍ଗିକ । ନୂଆଖାଇ ଆମ ଅତୀତର ସ୍ମୃତି, ବର୍ତ୍ତମାନର ଆନନ୍ଦ ଓ ଭବିଷ୍ୟତର ଆଶାକୁ ଏକାଠି କରିଥାଏ । ଆଧୁନିକତାକୁ ଆମ ଜୀବନକୁ ବଦଳାଇପାରେ, ପ୍ରଯୁକ୍ତି ଆମ ଜୀବନକୁ ସହଜ କରିପାରେ, ସହରୀକରଣ ଆମ ଜୀବନଶୈଳୀକୁ ପରିବର୍ତନ କରିପାରେ, କିନ୍ତୁ ନିଜ ମାଟି, ନିଜ ଭାଷା, ନିଜ ସଂସ୍କୃତି ଓ ନିଜ ପରମ୍ପରାକୁ ଭୁଲିଗଲେ ଆମର ଅସ୍ତିତ୍ୱ ଅସମ୍ପୂର୍ଣ୍ଣ ହୋଇଯିବ । ନୂଆଖାଇ ଆମକୁ ସେହି ମୂଳକୁ ସ୍ମରଣ କରାଏ । ଏହା ଆମକୁ ଶିଖାଏ - ଜୀବନର ସତ୍ୟ ସମୃଦ୍ଧି କେବଳ ଧନରେ ନୁହେଁ, ବରଂ ଅନ୍ନରେ, ସମ୍ପର୍କରେ, ସଂସ୍କୃତିରେ, ପ୍ରକୃତିରେ ଓ ପରସ୍ପର ପ୍ରତି ଭଲପାଇବାରେ ରହିଛି । ନୂଆଖାଇର ନୂଆ ଅନ୍ନ ତେଣୁ କେବଳ ଏକ ଖାଦ୍ୟ ନୁହେଁ, ଏହା ନୂଆ ଆଶାର ପ୍ରତୀକ, ନୂଆ ସମ୍ପର୍କରେ ପ୍ରତୀକ, ନୂଆ ସ୍ୱପ୍ନର ପ୍ରତିକ । ନୂଆ ଧାନର ପ୍ରଥମ ଦାନାରେ ଚାଷୀର ଘାମ ଅଛି, ମାଟିର ଗନ୍ଧ ଅଛି, ପ୍ରକୃତିର ଆଶୀର୍ବାଦ ଅଛି ଏବଂ ଓଡିଆ ଜୀବନର ଶତାବ୍ଦୀ ପୁରୁଣା ସ୍ମୃତି ଅଛି । ସେଥିପାଇଁ ନୂଆଖାଇ ଆସିଲେ କେବଳ ଘରେ ଚୁଲି ଜଳେ ନାହିଁ, ମଣିଷର ହୃଦୟରେ ମଧ୍ୟ ଏକ ନୂଆ ଆଲୋକ ଜଳିଉଠେ । ଅଭିମାନ ଗଳିଯାଏ, ଦୂରତା କମିଯାଏ, ସମ୍ପର୍କ ଦୃଢ ହୁଏ ଏବଂ ମଣିଷ ପୁଣିଥରେ ମଣିଷର ନିକଟକୁ ଫେରିଆସେ । ତେଣୁ ନୂଆଖାଇ କେବଳ ଏକ ପର୍ବ ନୁହେଁ, ଏହା ଓଡିଆ ଅସ୍ମିତାର ଜୀବନ୍ତ ଦର୍ପଣ, ଚାଷୀର ଶ୍ରମର ସମ୍ମାନପତ୍ର, ମାଟି ପ୍ରତି ମଣିଷର କୃତଜ୍ଞତାର ଅର୍ଘ୍ୟ ଏବଂ ଏକତାର ଅମର ସନ୍ଦେଶ । ଯେପର୍ଯ୍ୟନ୍ତ ଓଡିଶାର ମାଟିରେ ଧାନ ଫଳିବ, ଯେପର୍ଯ୍ୟନ୍ତ ଚାଷୀର କପାଳରେ ଘାମ ଝରିବ, ଯେପର୍ଯ୍ୟନ୍ତ ଘରେ ମାଆର ହାତରେ ନୂଆ ଅନ୍ନ ରନ୍ଧାହେବ ଏବଂ ଯେପର୍ଯ୍ୟନ୍ତ ଓଡିଆ ହୃଦୟରେ ନିଜ ମାଟି ପ୍ରତି ଭଲପାଇବା ରହିବ, ସେପର୍ଯ୍ୟନ୍ତ ନୂଆଖାଇର ମହକ ମଧ୍ୟ ଅମର ରହିବ । ନୂଆଖାଇ ଆମକୁ ଏହି ପବିତ୍ର ସଂକଳ୍ପ ଦେଉ- ଅନ୍ନକୁ ସମ୍ମାନ କରିବା, ଚାଷୀକୁ ସମ୍ମାନ କରିବା, ପ୍ରକୃତିକୁ ସୁରକ୍ଷା କରିବା, ସମ୍ପର୍କକୁ ସଜାଇ ରଖିବା ଏବଂ ନିଜ ଭାଷା ଓ ସଂସ୍କୃତିକୁ ଗର୍ବର ସହିତ ପରବର୍ତୀ ପିଢିକୁ ଦେଇଯିବା । ନୂଆ ଅନ୍ନ ସହିତ ପ୍ରତ୍ୟେକ ଘରେ ନୂଆ ସ୍ୱପ୍ନ, ପ୍ରତ୍ୟେକ ପରିବାରରେ ନୂଆ ଖୁସି ପ୍ରତ୍ୟେକ ଚାଷୀର ଜୀବନରେ ନୂଆ ସମୃଦ୍ଧି ଏବଂ ସମଗ୍ର ଓଡିଶାର ହୃଦୟରେ ନୂଆ ଆଶା ଜନ୍ମ ନେଉ - ଏହାହିଁ ନୂଆଖାଇର ସର୍ବଶ୍ରେଷ୍ଠ ସନ୍ଦେଶ । ନୂଆଖାଇର ନୂଆ ଅନ୍ନ କେବଳ ପେଟ ଭରୁ ନାହିଁ, ଏହା ମଣିଷର ମନକୁ ମଧ୍ୟ ପୂର୍ଣ୍ଣ କରୁ-ଏହି ଶୁଭକାମନା ସହିତ ନୂଆଖାଇକୁ ଅଭିନନ୍ଦନ । ନୂଆଖାଇ ଜୁହାର ! ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରେ ସମସ୍ତଙ୍କ ଘରେ ହସ ଓ ଆନନ୍ଦ ଭରି ରହୁ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ:୯୪୩୭୯୯୪୩୭୯

## କବିତା କୋଣାର୍କ

### ନୂଆଁଖାଇ

ଡ଼ଃ ତାନଶ୍ରୀ ପାଣିଗ୍ରାହୀ

ପଶ୍ଚିମ ଓଡ଼ିଶାର ଗଣ ପରବ
ଆମର ଯେ ନୂଆଖାଇ
ଭାଦ୍ରବ ମାସରେ ଉଜ୍ଜ୍ୱଳ ପକ୍ଷର
ପଞ୍ଚମୀ ତିଥି ହୁଅଇ ।

ପ୍ରତି ଘର ଲୋକ
ଥାଆନ୍ତି ଖୁସୀରେ
ପାଳିବାକୁ ନୂଆଖାଇ
ମାସକ ଆଗରୁ ଘରକୁ ସଜାନ୍ତି
ଲିପା ପୋଛା ସବୁ କରି ।

ଦୂର ଦୂରାନ୍ତରୁ ଆସନ୍ତି ସଭିଏଁ
ପରିବାର ନିକଟକୁ
ସ୍ନେହ ଶରଧାରେ ଏକାଠି ହୁଅନ୍ତି
ନ ରଖି ଅହଂକାରକୁ ।

ଆମ ଇଷ୍ଟ ଦେବୀ ସମ୍ବଲପୁରର
ସମଲେଶ୍ୱରୀ ମନ୍ଦିରେ
ପ୍ରଥମେ ଲାଗଇ ନୂଆ ଧାନ ଭୋଗ
ମାଁ ସମଲେଇଙ୍କଠାରେ ।

ଗ୍ରାମର ପୂଝାରୀ ଦିଏ ନୂଆ ଧାନ
ସଭିଙ୍କ ଘରକୁ ଯାଇ
ମୂଲିଆ ଚାକର ନିଅନ୍ତି ଅଢିଆ
ବର୍ଷକର ପର୍ବ ଏଇ ।

ଛ' ତିଅଣ ନ' ଭଜା କାକରା ମଣ୍ଡା
ବାସୁ ଥାଏ ସବୁ ଘରେ
ମା' ଲକ୍ଷ୍ମୀଙ୍କ ପୂଜା ହୁଏ ସେଇ ଦିନ
ନୂଆ ଧାନ କମଳରେ ।

ଘରର ମୁରବୀ ଦିଅନ୍ତି ନବାନ୍ନ
ସଭିଙ୍କର ଯେ ହସ୍ତରେ
ବଡ଼ଙ୍କୁ କନିଷ୍ଠ ମୁଣ୍ଡିଆ ମାରନ୍ତି
ବୁଲି ବୁଲି ଆନନ୍ଦରେ ।

ରାଗକୁ ଭୁଲାଏ ସ୍ନେହକୁ ବଢାଏ
ଆମ ଏ ପରବ ନୀତି
ଆମ ପରମ୍ପରା ସଂସ୍କୃତିକୁ ଆମେ
ବଜାୟ ରଖିବା ନିତି ।

+ନୂଆପଡ଼ା

### ଫିଦିନ

ଦିନେଶ ମେହେର

ସବୁଥର ଭଳି ଏଥର ବି
ନୂଆଖାଇ ଆସି ପହଂଚି ଯାଏ ଦାଣ୍ଡ
ବାରଣ୍ଡାରେ, ଠକ୍ ଠକ୍ କରି
କବାଟ ବାଡ଼ାଏ ଆମ ମାନଙ୍କର ସିଘା
ତିହାର୍ "ନୂଆଖାଇ"...!
ବରଷ ଯାକ ଅଭାବ ଅନାଟନରେ
ବଞ୍ଚି ରହିଥିବା ଚାରି ପ୍ରାଣୀର କୁଟୁମ୍ବ
କେମିତି ଅବା ବାଦ୍ ପଡିଥାନ୍ତେ
ଯାନି,ଯାତରା,ପରବ, ପୁନେଇରେ,
ବାକିଦିନ ଗୁଡିକରେ
କଷ୍ଟେମଷ୍ଟେ ଚଲିଯାଏ
ଆମ ଅଭାବୀ ସଂସାର,
ହେଲେ ଏଇ ପର୍ବ ପର୍ବାଣୀରେ
ଭାରି ଭିଡ଼...!

କାହିଁକି କେଜାଣି,
ଏଥରକ ନୂଆ ଆଶାମାନଙ୍କୁ
ମୁଟୁଳି ବାନ୍ଧି
କାନ୍ଧରେ ପକାଇ ବାଟ ଚାଲିବା ବେଳେ
କୁଆଡୁ ଅଦିନିଆ ବର୍ଷା ଆସି ଛେଚି
ଦେଇଯାଏ
ଓଦା ହେଇଯାଏ ଗରିବୀର ସଂସାରେ,
ଘର ଅଗଣା ସବୁକିଛି
ଓଦା ହେଇଯାଏ ଯୋଡ଼େ ଆଖି,
ସ୍ୱପ୍ନ ସବୁକୁ ଧୋଇ ନେଇଯାଏ
ସବୁତକ ବର୍ଷାପାଣି,
ପୁଣିଥରେ କାନ୍ଧରେ କାନ୍ଧ ପକେଇ
ବାଟ ଚାଲେ ଗରିବୀ....!
ଭାବେ,ଏଇ ଦିନ ସବୁ ଶୀଘ୍ର ବିତିଯାଉ
କାଳରାତ୍ରି ସବୁ ପହିଯାଉ ଅବିଳମ୍ବରେ
ଯାଉପଛେ ସ୍ୱପ୍ନ, ମାନସୀ ରୂପୀ ଜହ୍ନ
ଧରିବାର, ହେଲେ
ଫେରିଆସୁ ସକାଳ,
ଉଇଁଯାଉ ଦୂର ଦିଗ୍ ବଳୟରେ ସମ୍ଭାବନାର
ସୂର୍ଯ୍ୟ,
ଆଲୋକିତ ହେଇଯାଉ ତମାମ୍ ଜୀବନ
କେବଳ ଗୋଟେ ହରକତରେ.....!

+ଜୁନାଗଡ଼, କଳାହାଣ୍ଡି
ମୋ - ୮୦୧୮୮୨୮୪୫୬

# କୃଷି ସଂସ୍କୃତିର ମହୋତ୍ସବ ଗଣପର୍ବ ନୂଆଖାଇ



ଡକ୍ଟର ନିହାର ରଞ୍ଜନ ସାବତ



ଭାରତ ହେଉଛି ପର୍ବପର୍ବାଣୀର ଦେଶ। ଏଠାରେ ପ୍ରତ୍ୟେକ ପର୍ବ କେବଳ ଧାର୍ମିକ ଆସ୍ଥାର ପ୍ରତୀକ ନୁହେଁ, ଏହା ମଣିଷ, ପ୍ରକୃତି, ସମାଜ ଓ ଜୀବନ ମଧ୍ୟରେ ଥିବା ଗଭୀର ସମ୍ପର୍କର ଏକ ସୁନ୍ଦର ପ୍ରକାଶ। ସେହିପରି ଓଡ଼ିଶାର ଏକ ଅନନ୍ୟ ଓ ହୃଦୟସ୍ପର୍ଶୀ ପର୍ବ ହେଉଛି ନୂଆଖାଇ। ବିଶେଷକରି ପଶ୍ଚିମ ଓଡ଼ିଶାର ଜୀବନ, ମାଟି, କୃଷି, ଲୋକସଂସ୍କୃତି ଓ ମାନବିକ ସମ୍ପର୍କ ସହ ଏହି ପର୍ବ ଅତ୍ୟନ୍ତ ଗଭୀର ଭାବେ ଜଡ଼ିତ। ନୂଆଖାଇର ଅର୍ଥ ହେଉଛି 'ନୂଆ' ଅର୍ଥାତ୍ ନୂଆ ଏବଂ 'ଖାଇ' ଅର୍ଥାତ୍ ଖାଇବା। ଅର୍ଥାତ୍ ନୂଆ ଅମଳର ଧାନରୁ ପ୍ରସ୍ତୁତ ଅନ୍ନକୁ ପ୍ରଥମେ ଦେବୀଦେବତାଙ୍କୁ ଅର୍ପଣ କରି, ତା'ପରେ ପରିବାର ଓ ସମାଜ ସହିତ ଗ୍ରହଣ କରିବା ହେଉଛି ନୂଆଖାଇର ମୂଳ ଅର୍ଥ। ତେଣୁ ଏହା କେବଳ ନୂଆ ଅନ୍ନ ଖାଇବାର ପର୍ବ ନୁହେଁ; ଏହା ଅନ୍ନ ପ୍ରତି କୃତଜ୍ଞତା, ଚାଷୀକୁଳ ପ୍ରତି ସମ୍ମାନ ଏବଂ ପ୍ରକୃତି ପ୍ରତି ଭକ୍ତିର ମହାପର୍ବ। ପଶ୍ଚିମ ଓଡ଼ିଶାର ସାମାଜିକ ଜୀବନରେ ନୂଆଖାଇର ଗୁରୁତ୍ୱ ଏତେ ଅଧିକ ଯେ ସମ୍ବଲପୁର ଅଞ୍ଚଳରେ ଏହାକୁ ପଶ୍ଚିମ ଓଡ଼ିଶାର ଗଣପର୍ବ କୁହାଯାଏ।

ନୂଆଖାଇ ପର୍ବର ପୌରାଣିକ ତଥା ଐତିହାସିକ ପୃଷ୍ଠଭୂମି ଅତ୍ୟନ୍ତ ପ୍ରାଚୀନ, ଗୌରବମୟ ଓ ବିବିଧ ସାଂସ୍କୃତିକ ପରମ୍ପରାର ସମନ୍ୱୟରେ ସମୃଦ୍ଧ। ଦେବଯଜ୍ଞ (ଦେବତାଙ୍କ ଆରାଧନା), ପିତୃଯଜ୍ଞ (ପିତୃପୁରୁଷଙ୍କ ସ୍ମରଣ), ବ୍ରହ୍ମଯଜ୍ଞ (ବିଦ୍ୟାଚର୍ଚ୍ଚା), ମନୁଷ୍ୟଯଜ୍ଞ (ଅତିଥି ସେବା), ଓ ଭୂତଯଜ୍ଞ (ଜୀବଜନ୍ତୁଙ୍କ କଲ୍ୟାଣ) ଭଳି ପାଞ୍ଚଟି ମୌଳିକ କାର୍ଯ୍ୟକଳାପକୁ ନେଇ ଗଠିତ ବୈଦିକ ଯୁଗର 'ପଞ୍ଚଯଜ୍ଞ' ସଂକଳ୍ପ ସହିତ ଏହାର ଗଭୀର ସମ୍ପର୍କ ରହିଛି। ଏହି ପଞ୍ଚଯଜ୍ଞ କେବଳ ବ୍ୟକ୍ତିଗତ ଆଧ୍ୟାତ୍ମିକ ସାଧନା ନୁହେଁ, ବରଂ ସମଗ୍ର ସମାଜର କଲ୍ୟାଣ, ପ୍ରକୃତି ସହିତ ସାମଞ୍ଜସ୍ୟ ଓ ବ୍ରହ୍ମାଣ୍ଡର ଶାଶ୍ୱତ ନିୟମ ସହିତ ମାନବଜୀବନର ସମନ୍ୱୟ ରକ୍ଷା କରିବାର ଏକ ସୁନ୍ଦର ପଦ୍ଧତି। ଏହି ସମସ୍ତ ଉପାଦାନ ନୂଆଖାଇ ପର୍ବରେ ବିଦ୍ୟମାନ ଥିବାରୁ ଏହା କେବଳ ଏକ ଉତ୍ସବ ନୁହେଁ, ବରଂ ଏକ ସମ୍ପୂର୍ଣ୍ଣ ଜୀବନଦର୍ଶନ।

ନୂଆଖାଇର ଇତିହାସ ମଧ୍ୟ ଅତ୍ୟନ୍ତ ଆକର୍ଷଣୀୟ। ପଶ୍ଚିମ ଓଡ଼ିଶାର ଜନଜାତି ଓ ଅନ୍ୟ କୃଷିଜୀବୀ ସମାଜ ମଧ୍ୟରେ ଦୀର୍ଘ ସାମାଜିକ ସମ୍ପର୍କ ଫଳରେ ଏହି ପର୍ବ ଏକ ବିଶାଳ ସାମୂହିକ ପରମ୍ପରାର ରୂପ ନେଇଥିଲା। ପାଟଣାଗଡ଼ର ପ୍ରଥମ ଚୌହାନ ରାଜା ରମାଇ ଦେବ ନୂଆଖାଇକୁ ରାଜକୀୟ ସ୍ୱୀକୃତି ପ୍ରଦାନ କରି ଏହାକୁ ଏକ ଗଣପର୍ବର ମର୍ଯ୍ୟାଦା ଦେଇଥିଲେ। ରମାଇ ଦେବଙ୍କ ଦୂରଦର୍ଶୀ ଚିନ୍ତାଧାରା ଓ ପ୍ରଗତିଶୀଳ ଦୃଷ୍ଟିଭଙ୍ଗୀ ନୂଆଖାଇ ଉତ୍ସବକୁ ଏକ ରାଜ୍ୟସ୍ତରୀୟ ମହାନ୍ ପର୍ବ ରୂପେ ପ୍ରତିଷ୍ଠିତ କରିଥିଲା।

ନୂଆଖାଇ ପଶ୍ଚିମ ଓଡ଼ିଶାର ଲୋକଜୀବନର ଏକ ଅତ୍ୟନ୍ତ ସୁନ୍ଦର ମିଳନ ପର୍ବ। ଏହି ପର୍ବରେ ଚାଷୀ ନିଜ ଶ୍ରମର ଫଳକୁ ଦେବତାଙ୍କୁ ଅର୍ପଣ କରେ, ଘରର ବଡ଼ମାନେ ଛୋଟମାନଙ୍କୁ ଆଶୀର୍ବାଦ କରନ୍ତି ଏବଂ ପରିବାରର ସମସ୍ତେ ଏକାଠି ହୋଇ ନୂଆ ଅନ୍ନ ଖାଆନ୍ତି। ଏହି କାରଣରୁ ନୂଆଖାଇ କେବଳ ଚାଷୀର ପର୍ବ ନୁହେଁ; ଏହା ସମଗ୍ର ସମାଜର ପର୍ବ। ଏହାର ଆଉ ଏକ ବଡ଼ ବିଶେଷତା ହେଉଛି ଜନଜାତି ଓ ଅନ୍ୟ ସମାଜର ଲୋକମାନେ ଏହି ପର୍ବରେ ଅଂଶ ନିଅନ୍ତି। ଏହି ମିଳନ ନୂଆଖାଇକୁ ଏକ ପବିତ୍ର ଗଣପର୍ବର ରୂପ ଦେଇଛି।

ଭାଦ୍ରବ ମାସର ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ସାଧାରଣତଃ ନୂଆଖାଇ ପାଳନ କରାଯାଏ। ପରମ୍ପରା ଅନୁସାରେ ନୂଆଖାଇ ପୂର୍ବରୁ ଘରଦ୍ୱାର ସଫା କରାଯାଏ, ନୂଆ ବସ୍ତ୍ର କିଣାଯାଏ, ନୂଆ ଧାନ ସଂଗ୍ରହ କରାଯାଏ ଏବଂ ଶୁଭ ସମୟ ନିର୍ଣ୍ଣୟ କରାଯାଏ। ପରେ ନୂଆ ଧାନରୁ ନବାନ୍ନ ପ୍ରସ୍ତୁତ ହୋଇ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀଙ୍କୁ ଅର୍ପଣ କରାଯାଏ। ସମ୍ବଲପୁରରେ ମା' ସମଲେଶ୍ୱରୀଙ୍କୁ ନୂଆ ଅନ୍ନ ଅର୍ପଣ କରାଯିବା ଏହି ପର୍ବର ଏକ ପ୍ରମୁଖ ପରମ୍ପରା। ଏହା ପରେ ପରିବାରର ସମସ୍ତେ ନୂଆ ଅନ୍ନ ଗ୍ରହଣ କରନ୍ତି।

ନୂଆଖାଇର ସବୁଠାରୁ ହୃଦୟସ୍ପର୍ଶୀ ପରମ୍ପରା ହେଉଛି 'ନୂଆଖାଇ ଜୁହାର' ବା 'ନୂଆଖାଇ ଭେଟଘାଟ'। ଛୋଟମାନେ ବଡ଼ମାନଙ୍କୁ ଜୁହାର କରି ଆଶୀର୍ବାଦ ନିଅନ୍ତି। ସମବୟସ୍କ ଓ ପରିଚିତମାନେ ପରସ୍ପରକୁ ଭେଟି ଶୁଭେଚ୍ଛା ଜଣାନ୍ତି। ନୂଆଖାଇର ଆନନ୍ଦ କେବଳ ଘର ଭିତରେ ସୀମିତ ରହେନାହିଁ। ସନ୍ଧ୍ୟାବେଳେ ଭେଟଘାଟ, ଲୋକନୃତ୍ୟ, ଲୋକଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଶ ଉତ୍ସବମୁଖର ହୋଇଯାଏ। ଡାଲଖାଇ, ରସରକେଲି, ଘୁମୁରା ଓ ଅନ୍ୟାନ୍ୟ ଲୋକନୃତ୍ୟ ଏହି ପର୍ବର ଆନନ୍ଦକୁ ଆହୁରି ବଢ଼ାଇଥାଏ। ଘରେ ନୂଆ ଅନ୍ନ ସହିତ ପିଠା, ଖିରି ଓ ଅନ୍ୟାନ୍ୟ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ ହୁଏ।

କାଳକ୍ରମେ ନୂଆଖାଇର ପାଳନ ପ୍ରଣାଳୀରେ ପରିବର୍ତ୍ତନ ଆସିଛି, କିନ୍ତୁ ଏହାର ମୂଳ ଆତ୍ମା ବଦଳିନାହିଁ। ପୁରୁଣା ସମୟରେ ଏହା ମୁଖ୍ୟତଃ ଗ୍ରାମ, ପରିବାର ଓ କୃଷିଭିତ୍ତିକ ଜୀବନକୁ କେନ୍ଦ୍ର କରିଥିଲା। ବିଭିନ୍ନ ଅଞ୍ଚଳ ନିଜ ନିଜ ପରମ୍ପରା ଓ ଶୁଭ ସମୟ ଅନୁସାରେ ଏହା ପାଳନ କରୁଥିଲେ। ପରେ ଆଧୁନିକ ଯୁଗରେ ଏହା ଏକ ବଡ଼ ସାମାଜିକ ଓ ସାଂସ୍କୃତିକ ପର୍ବର ରୂପ ନେଲା। ଦେଶର ବିଭିନ୍ନ ସହର ତଥା ବିଦେଶରେ ରହୁଥିବା ପଶ୍ଚିମ ଓଡ଼ିଶାର ଲୋକମାନେ 'ନୂଆଖାଇ ଭେଟଘାଟ' ଆୟୋଜନ କରି ନିଜ ମାଟି ଓ ସଂସ୍କୃତି ସହିତ ଯୋଡ଼ିହୋଇ ରହୁଛନ୍ତି। ଏହା ଦେଖାଏ ଯେ ମଣିଷ ମାଟିଠାରୁ ଦୂରେ ରହିପାରେ, କିନ୍ତୁ ନିଜ ମାଟିର ସ୍ମୃତିଠାରୁ ଦୂରେ ରହିପାରେ ନାହିଁ।

ଆଧୁନିକ ଯୁଗରେ ନୂଆଖାଇର ଗୁରୁତ୍ୱ ଆହୁରି ବଢ଼ିଛି। ଆଜିର ମଣିଷ ପ୍ରଯୁକ୍ତି, ସହରୀ ଜୀବନ ଓ ଦ୍ରୁତ ତଥା ବ୍ୟସ୍ତବହୁଳ ଜୀବନଶୈଳୀରେ ପ୍ରକୃତିଠାରୁ ଧୀରେଧୀରେ ଦୂରେଇଯାଉଛି। ଏପରି ସମୟରେ ନୂଆଖାଇ ଆମକୁ ମନେ ପକାଏ ଯେ ଆଧୁନିକ ଅର୍ଥନୀତି ଯେତେ ଆଗକୁ ବଢୁନା କାହିଁକି, ମଣିଷର ଜୀବନର ମୂଳ ଆଧାର ହେଉଛି ଅନ୍ନ ଓ ତାହାର ମୂଳ ଉତ୍ସ ହେଉଛି ମାଟି। ଏକାଠି ବସି ନୂଆ ଅନ୍ନ ଖାଇବା, ବଡ଼ମାନଙ୍କ ଆଶୀର୍ବାଦ ନେବା ଓ ଆତ୍ମୀୟଙ୍କୁ ଭେଟିବା ମାଧ୍ୟମରେ ପରିବାରର ବନ୍ଧନ ଆହୁରି ମଜବୁତ ହୁଏ। ଭାରତୀୟ ସମାଜ ପାଇଁ ନୂଆଖାଇର ସନ୍ଦେଶ ହେଉଛି ଯେ ଚାଷୀଙ୍କୁ ସମ୍ମାନ ଦିଅ, ଅନ୍ନକୁ ସମ୍ମାନ ଦିଅ ଓ ମାଟିକୁ ସମ୍ମାନ ଦିଅ। ନୂଆଖାଇରେ ଜନଜାତିୟ ପରମ୍ପରା, କୃଷିଜୀବନ, ହିନ୍ଦୁ ଧାର୍ମିକ ଆସ୍ଥା, ଲୋକସଂସ୍କୃତି ଓ ଆଧୁନିକ ସାମାଜିକ ଜୀବନ ପରସ୍ପରକୁ ଆଲିଙ୍ଗନ କରିଛି। ଏହି ସମନ୍ୱୟ ହିଁ ଭାରତୀୟ ସଂସ୍କୃତିର ମହାନତା।

ସେଥିପାଇଁ ନୂଆଖାଇ କେବଳ ନୂଆ ଧାନ ଖାଇବାର ଦିନ ନୁହେଁ; ଏହା ନୂଆ ଚିନ୍ତାର ଦିନ, ନୂଆ ସମ୍ପର୍କର ଦିନ ଏବଂ ନୂଆ ଆଶାର ଦିନ। ଏହା ଆମକୁ ମାଟିକୁ ଭଲ ପାଇବା, ଚାଷୀଙ୍କୁ ସମ୍ମାନ କରିବା, ଅନ୍ନକୁ ଅପଚୟ ନକରିବା, ପ୍ରକୃତିର ସୁରକ୍ଷା କରିବା, ବଡ଼ମାନଙ୍କୁ ସମ୍ମାନ କରିବା, ଛୋଟମାନଙ୍କୁ ଭଲ ପାଇବା ଏବଂ ସମସ୍ତ ମନାନ୍ତର ତଥା ମତାନ୍ତରକୁ ଭୁଲି ନୂଆ ସମ୍ପର୍କ ଗଢ଼ିବାକୁ ଶିକ୍ଷା ଦିଏ। ନୂଆଖାଇର ନୂଆ ଅନ୍ନ ଯେପରି ଘରକୁ ସୁଗନ୍ଧରେ ଭରିଦିଏ, ସେହିପରି ଏହାର 'ଜୁହାର' ମଣିଷର ହୃଦୟକୁ ଭଲପାଇବାରେ ଭରିଦିଏ। ମାଟିରୁ ଜନ୍ମ ନେଇଥିବା ଏହି ମହାନ ପର୍ବ ଆମକୁ ଶିଖାଏ ଯେ ଆମେ ସମସ୍ତେ ଏକ ମାଟିର ସନ୍ତାନ, ଆମର ଜୀବନ ଏକ ପୃଥିବୀର ଅନ୍ନ ଉପରେ ନିର୍ଭରଶୀଳ ଏବଂ ଆମର ଭବିଷ୍ୟତ ମଧ୍ୟ ଏକାଠି ଗଢ଼ିବାକୁ ପଡ଼ିବ। ଏହି ମହାନ ଭାବନା ହିଁ ନୂଆଖାଇକୁ ଓଡ଼ିଶା ମାଟିରୁ ସାରା ଭାରତ ତଥା ବିଶ୍ୱସ୍ତରରେ ପରିଚିତ କରାଇଥିବା ଏକ ଅନନ୍ୟ ମାନବୀୟ ପର୍ବରେ ପରିଣତ କରିଛି।

+ ସଂଗଣକ ବିଜ୍ଞାନ ଏବଂ ପ୍ରୟୋଗ ବିଭାଗ
ସୂଚନା ପ୍ରୌଦ୍ୟୋଗିକ ଏବଂ ପ୍ରବନ୍ଧନ ଶିକ୍ଷା
ମହାବିଦ୍ୟାଳୟ (ସାଇମ୍)
ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-
୭୫୧୦୧୦
ମୋ: ୯୭୭୭୦୧୧୯୬୮

# ପ୍ରକୃତି ଓ ନୂଆଁଖାଇ



ବୈଷ୍ଣବ ମେହେର

ପ୍ରକୃତି ବିନା ମଣିଷର ସ୍ଥିତି ନିହାତି ଅସମ୍ଭବ । ଆଦିମ କାଳରୁ ପ୍ରକୃତି ସହ ମଣିଷର ରହିଛି ନିବିଡ଼ ସଂପର୍କ । ଭୋକ ମେଣ୍ଟାଇବାକୁ ମଣିଷ ଖୋଜିଛି ଆହାର । ପ୍ରାରମ୍ଭରେ ମଣିଷ ଜଙ୍ଗଲର ଫଳମୂଳ, କନ୍ଦା, କଂଚାମାଂସ ଗ୍ରହଣ କରିଛି । ଅଗ୍ନୀର ବ୍ୟବହାର ଜାଣିଲା ପରେ କଂଚା ବଦଳରେ ଖାଦ୍ୟକୁ ପୋଡ଼ି, ସିଝାଇ ଖାଇଛି । ଋତୁ ଅନୁଯାୟୀ ବିଭିନ୍ନ ଫଳ ଶସ୍ୟ ମିଳୁଥିଲେ ମଧ୍ୟ ନିର୍ଦ୍ଦିଷ୍ଟ କେତେକ ଖାଦ୍ୟକୁ ଖାଇବାରେ ସେ ହୋଇଛି ଅଭ୍ୟସ୍ତ । ଫଳରେ ତା'ର ସେହି ପ୍ରିୟ ଖାଦ୍ୟକୁ ଅଧିକରୁ ଅଧିକ ଅମଳ ପାଇଁ ମଣିଷ ଯେଉଁ କୌଶଳ ଆରମ୍ଭ କଲା ତାକୁ ହିଁ କୃଷିକାର୍ଯ୍ୟ ବୋଲି କୁହାଗଲା । ବୋଧେ ଏହି କୃଷିକାର୍ଯ୍ୟ ପାଇଁ ହିଁ ପରବର୍ତ୍ତୀ ସମୟରେ ମଣିଷ ସ୍ଥାୟୀ ଭାବରେ ବସବାସ କରିବା ଆରମ୍ଭ କଲା । ଫଳତଃ ମଣିଷର ଏହି ସ୍ଥାୟୀ ବସବାସ ଯୋଗୁଁ ହିଁ ଆଜିର ପରିବାର ଓ ସାମାଜିକ ଜୀବନ ଗଢ଼ି ଉଠିଛି ।

ମଣିଷର ଅନେକ ପର୍ବପର୍ବାଣୀ ସହ ପ୍ରକୃତିର ନିବିଡ଼ ସଂପର୍କ ରହିଆସିଛି । ଏହି ପର୍ବ ମାନଙ୍କରେ ପ୍ରକୃତିର ପୂଜା କିମ୍ବା ପ୍ରକୃତିଜାତ ଦ୍ରବ୍ୟ ଗୁଡ଼ିକୁ ମୁଖ୍ୟତଃ ବ୍ୟବହାର କରାଯାଇ ଆସୁଛି । ଏହିଭଳି ଏକ ପର୍ବ ହେଉଛି ନୂଆଁଖାଇ । ଗଣପର୍ବ ନୂଆଁଖାଇର ଉଦ୍ଦେଶ୍ୟ ଓ ବିଧିବିଧାନକୁ ଦେଖିଲେ ଏହା ପ୍ରକୃତି ପ୍ରତି ସମର୍ପିତ ପର୍ବ ବୋଲି କୁହାଯିବ । ପ୍ରକୃତି ମଧ୍ୟରୁ ହିଁ ନୂଆଁଖାଇ ପର୍ବର ଜନ୍ମ ଓ ବିସ୍ତାର ଘଟିଛି । ପଶ୍ଚିମ ଓଡ଼ିଶା ବାସୀଙ୍କ ମୁଖ୍ୟ ଜୀବିକା ହେଉଛି କୃଷିକାର୍ଯ୍ୟ ଏବଂ ଏହି କୃଷିଜାତ ଅନ୍ନର ମହତ୍ୱକୁ ନେଇ ହିଁ କେଉଁ ଆବାହମାନ କାଳରୁ ନୂଆଁଖାଇ ପର୍ବ ପାଳନ କରାଯାଇ ଆସୁଛି ।



ଶ୍ରାବଣ ପରେ ଧରା ପୃଷ୍ଠକୁ ଓହ୍ଲାଇ ଆସେ ଭାଦ୍ରବ । ଏହି ସମୟରେ ସବୁଜ ଶସ୍ୟର ଅପୂର୍ବ ଲାବଣ୍ୟ ସମଗ୍ର ଧରଣୀକୁ କରେ ସୁଶୋଭିତ । ବିସ୍ତୀର୍ଣ୍ଣ ସବୁଜ ଧାନବିଲକୁ ଦେଖି ମାଟିର ମଣିଷ ହୁଏ ଆତ୍ମବିଭୋର । ସ୍ରଷ୍ଟାଙ୍କ ପ୍ରତି ହୋଇଉଠେ କୃତଜ୍ଞ । ନିଜେ ବ୍ୟବହାର କରିବା ପୂର୍ବରୁ ଉତ୍ପାଦିତ ପ୍ରଥମ ଶସ୍ୟକୁ ନିଜର ଇଷ୍ଟ ଦେବାଦେବୀଙ୍କୁ ଅର୍ପଣ କରିବାକୁ ନିଜର ପରମ କର୍ତ୍ତବ୍ୟ ମନେ କରେ । ବେଦ ଓ ଗୀତାରେ ମଧ୍ୟ ନୂଆଁ ଶସ୍ୟକୁ ଭଗବାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କଲେ ମଣିଷର ମଙ୍ଗଳ ହେବା କଥା କୁହାଯାଇଛି । ଏହି କ୍ରମରେ ଆଦ୍ୟ ଶସ୍ୟକୁ ଇଷ୍ଟକୁ ସମର୍ପଣ କରି କୃତଜ୍ଞତା ଭାବର ପରିପ୍ରକାଶ କରିବାର ପର୍ବ ହେଉଛି ନୂଆଁଖାଇ । ଯିଏ ଯେତେ ଦୂରରେ ଥାଉନା କାହିଁକି ଏହି ଗଣପର୍ବର ଡାକରାରେ ନିଜ ଜନ୍ମମାଟିକୁ ଫେରି ଆସିବା ନିଜ ମାଟି ମାଁ ଓ ଏହାର ମଣିଷଙ୍କ ପ୍ରତି ଥିବା ଶ୍ରଦ୍ଧାକୁ ପ୍ରତିପାଦିତ କରେ ।

କୃଷି ଓ କୃଷକଙ୍କ ପାଇଁ ବିଶେଷ ମହତ୍ୱ ବହନ କରୁଥିବା ଏହି ଗଣପର୍ବର କିଛିଦିନ ପୂର୍ବରୁ ଗାଁ ଝାଙ୍କର ଗ୍ରାମ ଦେବୀଦେବତାଙ୍କ ପୀଠରେ ପୂଜା ଅର୍ଚ୍ଚନା କରି ନୂଆଁଧାନ ସମର୍ପଣ କରିବା ପରେ ଘରଘର ବୁଲି ନୂଆଁ ଧାନକେଣ୍ଡାକୁ ଗାଁର ପ୍ରତ୍ୟେକ ଘରର ମୁଖ୍ୟ ଦ୍ୱାରବନ୍ଧରେ ଝୁଲାଇ ଶୁଭ ମନାସୀବା ପରମ୍ପରା ଅନେକ କାଳରୁ ରହିଛି । ଏହି ସମୟରେ ଧାନ ଝୁଲାଉଥିବା ଝାଙ୍କର କିମ୍ବା ତାଙ୍କର ଅନ୍ୟ ପ୍ରତିନିଧିଙ୍କୁ ସମ୍ମାନ ଓ ଶ୍ରଦ୍ଧା ସହିତ ପ୍ରତି ଘରୁରୁ ଚାଉଳ, ଡାଲି, ପନିପରିବା ଆଦି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରାଯାଇଥାଏ । ନୂଆଁଖାଇ ଦିନ ସକାଳୁ ଚାଷୀ ସ୍ନାନ ଶୌଚ ସାରି ପାରମ୍ପରିକ ନୂଆଁ କପଡ଼ା ପରିଧାନ କରି ନିଜ ଚାଷ ଜମିକୁ ଯିବା ସହ ସେଠାରେ କ୍ଷୀର ଢାଳି, ଧୂପଦୀପ ଜାଳି ପ୍ରକୃତି ଏବଂ ଅନ୍ୟ ଦେବାଦେବୀଙ୍କୁ ପୂଜା ଅର୍ଚ୍ଚନା କରିବା ପରେ ନୂଆଁଖାଇ ପାଇଁ ଆବଶ୍ୟକ ଧାନ କେଣ୍ଡା ଧରି ଘରକୁ ଫେରିଥାଏ ।

ପ୍ରକୃତି ସହ ଅଙ୍ଗାଅଙ୍ଗି ଭାବରେ ଜଡ଼ିତ ରହିଛି ନୂଆଁଖାଇ ପର୍ବ । ପ୍ରକୃତି କୋଳରେ ଜନ୍ମ ନେଇ ପ୍ରକୃତି ସହ ତାଳ ଦେଇ ଆଗକୁ ବଢ଼ିବାର ବାର୍ତ୍ତା ବହନ କରେ ଏହି ଗଣପର୍ବ । ନୂଆଖାଇରେ କୌଣସି ମୂଲ୍ୟବାନ ଧାତବ ପଦାର୍ଥ ନୁହେଁ ବରଂ ଧନୀ ହୁଅନ୍ତୁ ଅଥବା ଗରୀବ ସମସ୍ତେ ନୂଆଁଖାଇ ଦିନ ପ୍ରସ୍ତୁତ ବ୍ୟଞ୍ଜନ ଓ ନୂଆଅନ୍ନ ଖାଇବା ପାଇଁ ବିଭିନ୍ନ ଗଛର ପତ୍ରରେ ତିଆରି ଖଲି, ଦନା, ଠୁଲା ଆଦି ବ୍ୟବହାର କରିଥାନ୍ତି । ସେଦିନ ରୋଷେଇ ଓ ପିଠାପଣା ତିଆରି କରି ରଖିବା ପାଇଁ ଏବେ ବି ପ୍ରାୟତଃ ମାଟି ପାତ୍ରର ବ୍ୟବହାର କରାଯାଉଛି । ଏହି ମହାନ ପର୍ବରେ ପତ୍ର ଓ ମାଟି ପାତ୍ରର ବ୍ୟବହାର ଜାତି-ଧର୍ମ-ବର୍ଣ୍ଣ, ଧନୀଗରୀବ ଉର୍ଦ୍ଧରେ ସମସ୍ତେ ସମାନର ଭାବକୁ ପରିପ୍ରକାଶ କରେ । ତେବେ ଏହି ସବୁ ପତ୍ରର ବ୍ୟବହାର ସଂପ୍ରଦାୟ ବିଶେଷରେ ଭିନ୍ନଭିନ୍ନ ହୋଇଥିବା ଦେଖାଯାଏ । ବ୍ରାହ୍ମଣ ଓ କରଣ ସଂପ୍ରଦାୟରେ ସର୍ଗୀ ଗଛର ପତ୍ର ବ୍ୟବହାର କରାଯାଉଥିବା ବେଳେ ଚଷା, ତେଲି, ଡୁମ୍ବାଲ, ଭୁଲିଆ ଆଦି ସଂପ୍ରଦାୟ ଲୋକେ କୋରେଇ ପତ୍ର ବ୍ୟବହାର କରିଥାନ୍ତି । ଅନ୍ୟ କିଛି ସଂପ୍ରଦାୟରେ ବିଧି ଅନୁଯାୟୀ ସାରୁ, ପଳସା, କଦଳୀ ଆଦି ଗଛର ପତ୍ରରେ ନୂଆଁ ଭକ୍ଷଣ କରୁଥିବା ଦେଖାଯାଏ । ଆହୁରି ବଡ଼ କଥା ହେଲା ମଣିଷକୁ ଯେତେ ଆଧୁନିକତା ଛୁଇଁ ଥିଲେ ମଧ୍ୟ ନୂଆଁଖାଇ ଦିନ ସମସ୍ତେ ଭୂମି ଉପରେ ବସି ହିଁ ମହାଆନନ୍ଦରେ ନୂଆଁଅନ୍ନ ଗ୍ରହଣ କରିବା ପରମ୍ପରା ଏଯାଏଁ ରହି ଆସିଛି ।

ନୂଆଁଖାଇ ମାଟି ମାଁ'ର ପର୍ବ, ପ୍ରକୃତି ମାଁ'ର ପର୍ବ । ଯେଉଁ ପ୍ରକୃତି ବଂଚି ରହିବା ପାଇଁ ମଣିଷକୁ ଅନ୍ନ ମୁଠାଏ ଦିଏ, ସେହି ମାଟିକୁ ପୂଜା ନକରି କିମ୍ୱା ସେହି ପ୍ରକୃତିକୁ କୃତଜ୍ଞତା ନ ଜଣାଇ ମଣିଷ ନୂଆ ଅନ୍ନକୁ ଗ୍ରହଣ କରି ପାରେ ନାହିଁ । ସୁତରାଂ ମଣିଷ ଠିକ୍ ଭାବରେ ବୁଝିଛି ଯେ, ଅଧୁନା ବିଜ୍ଞାନ ଯୁଗରେ ସେ ବିକାଶର ଯେଉଁ ଶିଖରକୁ ପହଂଚୁନା କାହିଁକି ପ୍ରକୃତି ବିନା ଜୀବନର ଅର୍ଥ କିଛି ନଥାଏ । କାହିଁ କେଉଁ କାଳରୁ ଗଣପର୍ବ ନୂଆଁଖାଇ ଏହି ଚେତନାର ବାର୍ତ୍ତା ବହନ କରି ଚାଲିଛି ।

+ ସିନାପାଲି,ନୂଆପଡ଼ା
ମୋ: ୯୭୭୭୭୫୩୯୩୫

# ନୂଆଖାଇ ଜୁହାର

ଅକ୍ଷୟ କୁମାର ରାଉତ

ସଂସ୍କୃତି ଭାରତୀୟ ଜନଜୀବନକୁ ଶୃଙ୍ଖଂଳିତ କରିଥାଏ । ପ୍ରେମ, କରୁଣା, ସ୍ନେହ, ବାତ୍ସଲ୍ୟ, ଦୟା, ତ୍ୟାଗ, ଶ୍ରଦ୍ଧା, ଇର୍ଷା, ଦ୍ୱେଷ, ଘୃଣା ଓ ନିଷ୍ଠୁରତା ପ୍ରଭୃତି ଭାବ ସମୁହ ବ୍ୟକ୍ତି ସହିତ ସଂସ୍କୃତିର ସମ୍ବନ୍ଧ ଥାଏ । ସଂସ୍କୃତି ଯୋଗୁ ସଭ୍ୟତା କିନ୍ତୁ ଉଭୟଙ୍କ ମଧ୍ୟରେ ବ୍ୟବଧାନ ରହିଛି । ସଂସ୍କୃତି କଳା, ଆଦର୍ଶ, ବିଚାର, ଭାବ, ଭକ୍ତି ଓ ବିଶ୍ୱାସର ସଂସାର ମଚଂ । ତେଣୁ ଆମ ସଂସ୍କୃତି ସାମାଜିକ ଜୀବନର ପରିଚୟ । ଅସ୍ତବ୍ୟସ୍ତ କର୍ମମୟ ଜୀବନରେ ପର୍ବପର୍ବାଣି ଗୁଡ଼ିକ ପାଳନ କରିବାରେ ବୈଶିଷ୍ଠ ରହିଛି । ବହୁ ଧର୍ମ , ବହୁଜାତି ଙ୍କୁ ନେଇ ସାମାଜିକ ଓ ସାଂସାରିକ କ୍ଷେତ୍ରରେ ପର୍ବ ପର୍ବାଣିର ସ୍ୱତନ୍ତ୍ରତା ରହିଛି । ବିଭିନ୍ନତା ମଧ୍ୟରେ ଏକତ୍ୱର ପ୍ରତିଷ୍ଠାର ପର୍ବ ହେଉଛି ନୂଆଖାଇ । ସିଂହମାସ ଭାଦ୍ରବ ଶୁକ୍ଳପକ୍ଷ, ଗଣେଶ ଚତୁର୍ଥୀ ପରଦିନ ବା ପଚଂମୀ ତିଥିରେ ନୂଆଖାଇ ଭେଟ୍‌ଘାଟ୍ ଉତ୍ସବ ପାଳିତ ହେଉଛି ।

ନୂଆଖାଇ ଏକ ମହାନ୍ ସାମାଜିକ ପରମ୍ପରାର ପ୍ରତୀକ । ସାମାଜିକ ଜୀବନକୁ ବଳିଷ୍ଠ, ସୁଦୃଢ଼ ଓ ଶୃଙ୍ଖଂଳିତ କରିବା ପାଇଁ ଏହି ପର୍ବ ଉଦ୍ଦିଷ୍ଟ । ପର୍ବ ପାରସ୍ପାରିକ ମନୋମାଳିନ୍ୟ, ଇର୍ଷା, ହିଂସା,ଶତୃତା ଓ ଅସହଯୋଗ ଦୂର କରିଥାଏ । ଗାଁ ମାଟିର ମମତା, ବନ୍ଧୁ, ଆତ୍ମୀୟସ୍ୱଜନଙ୍କ ସ୍ନେହ ଓ ପରସ୍ପର ପ୍ରତି ଆପଣାର ଭାବ ବିନୀମୟ ପ୍ରଭୃତି ଗୁଣକୁ ଏହି ପର୍ବ ପ୍ରେରଣା ଦିଏ । ଓଡ଼ିଶାର ପଶ୍ଚିମାଚଂଳ ଅର୍ଥାତ ସମ୍ବଲପୁର, ସୋନପୁର, ସୁନ୍ଦରଗଡ଼, ବଲାଙ୍ଗିରୀ, ନୂଆପଡ଼ା, କଳାହାଣ୍ଡି , ଦେବଗଡ଼ ଓ ଝାରସୁଗଡ଼ା ପ୍ରଭୃତି ଜିଲ୍ଲାରେ ଏକ ପ୍ରଧାନ ଗଣପର୍ବ ରୂପେ ନୂଆଖାଇ ଭେଟ୍‌ଘାଟ୍ (ବା) ନବାନ୍ନ ଭକ୍ଷଣ ଉତ୍ସବ ବହୁବର୍ଷ ଧରି ପାଳିତ ହୋଇ ଆସୁଅଛି । ଓଡ଼ିଶା ବାହାରେ ମଧ୍ୟପ୍ରଦେଶ , ଛତିଶଗଡ଼ ରେ ବାସ କରୁଥିବା ଓଡ଼ିଆ ମାନେ ଏହି ପର୍ବ ଆନନ୍ଦ ଉଲ୍ଲାସରେ ପାଳନ କରନ୍ତି । କନ୍ଧ, କୋହ୍ଲ, ଓରାମ୍ କିଶାନ, ଭୂୟା, ବିଞ୍ଝାଳ ପ୍ରଭୃତି ଆଦାବାସି ମାନେ ସେମାନଙ୍କର ଇଷ୍ଟଦେବୀଙ୍କୁ ନବାନ୍ନ ଭୋଗ ସହିତ କୁକୁଡ଼ା, ଛେଳି ବଳି ଦେଇ ନୂଆଖାଇ ପର୍ବପାଳନ କରନ୍ତି । ଏହି ପର୍ବ ପରଠାରୁ ଆଦିବାସୀ ମାନଙ୍କର କରମା ପୂଜା ଆରମ୍ଭ ହୁଏ । ଦ୍ୱାଦଶ ଶତାବ୍ଦୀରେ ବଲାଙ୍ଗିର ପାଟଣାଗଡ଼ ଠାରେ ଚୌହାନ ରାଜବଂଶର ରମାଇଦେବ ନୂଆଖାଇ ପର୍ବର ଆରମ୍ଭ କରିବାର ଅନୁମାନ କରାଏ । ସେହିପରୀ ଷୋଡ଼ଶ ଶତାବ୍ଦୀର ଆରମ୍ଭରେ ରାଜା ବଳରାମ ସମ୍ବଲପୁର ରାଜ୍ୟ ପ୍ରତିଷ୍ଠା କରି ନବାନ୍ନ ଭକ୍ଷଣ ଉତ୍ସବ ଆରମ୍ଭ କରିଥିଲେ ।



ଆମ ପୁରାଣ ଶାସ୍ତ୍ରରେ ଅନ୍ନର ମହିମା ଅନ୍ନବ୍ରହ୍ମ ରୂପେ ପ୍ରତିପାଦିତ ହୋଉଛି କୁହାଯାଇଛି, କର୍ମରୁ ଯଜ୍ଞ, ଯଜ୍ଞରୁ ବୃଷ୍ଟି, ବୃଷ୍ଟି ରୁ ଶସ୍ୟ ବା ଧାନ, ଧାନରୁ ଅନ୍ନର ସୃଷ୍ଟି ଓ ଅନ୍ନରୁ ଜୀବ ସୃଷ୍ଟି । ତେଣୁ କୁହା ଯାଇଛି "ଅନ୍ନ ବିହୁନେ ହଂସହାନି, ଯୋଗ ସାଧିବୁ କାହା ଘେନି'' । ପଶ୍ଚିମ ଓଡ଼ିଶାରେ ଭାଦ୍ରବ ମାସ ଆରମ୍ଭରେ ନୂତନ ଅମଳ ଧାନରୁ ଚାଉଳ ସଂଗ୍ରହ କରି ନବାନ୍ନ ଭୋଗ ପ୍ରସ୍ତୁତ ହୁଏ । ଗୃହକର୍ତା ଅନ୍ନ ଖିରୀ, ଖେଚୁଡ଼ି ଆରାଧ ଦେବୀଙ୍କୁ ଅର୍ପଣ କରି ଥାଆନ୍ତି । ଯେଉଁମାନଙ୍କର ଚାଷ ଜମି ନାହିଁ , ସେମାନଙ୍କ ଘରେ ଗ୍ରାମରକ୍ଷୀ ବା ଢ଼ାଙ୍କର ନୂଆଖାଇ ପୂର୍ବରୁ ଧାନକେଣ୍ଡା ଦେଇ ଥାଆନ୍ତି । ସେହି ଧାନରୁ ଚାଉଳ ସଂଗ୍ରହ କରି ଦେବୀଙ୍କ ପାଇଁ ଭୋଗ ପ୍ରସ୍ତୁତ କରି ଥାଆନ୍ତି । ପଶ୍ଚିମ ଓଡ଼ିଶାରେ ବ୍ରାହ୍ମଣ ମାନେ ନିଜ ଗୃହରେ ଲକ୍ଷ୍ମିପୂଜା କରି ଦେବୀଙ୍କ ପାଖରେ ନବାନ୍ନ ଭୋଗ କରିଥାଆନ୍ତି । ବୟୋଜ୍ୟେଷ୍ଠ ବ୍ୟକ୍ତି ଦେବୀଙ୍କ ଠାରେ ଲାଗି ହୋଇଥିବା ପ୍ରସାଦ ସେବନ କରିବା ପରେ ପରିବାରର ଅନ୍ୟମାନଙ୍କୁ ନବାନ୍ନ ଭୋଗ ଦିଆ ଯାଇଥାଏ । ଓଡ଼ିଶାରେ ଅଧିକାଂଶ ଅଚଂଳରେ ନୂଆଖାଇ ବା ନବାନ୍ନ ଭକ୍ଷଣ ଉତ୍ସବ ଜାକ ଜକମରେ ପାଳନ କରି ଥାଆନ୍ତି । ଗ୍ରାମ ଓ ମଣ୍ଡଳର ଦେବା ଦେବୀଙ୍କୁ ସମର୍ପଣ ପରେ ସମସ୍ତେ ମିଳିମିଶି ପ୍ରସାଦ ସେବନ କରନ୍ତି । ତାପରେ ଆରମ୍ଭ ହୁଏ ନୂଆଖାଇ ଜୁହାର । କନିଷ୍ଠ ମାନେ ବୟୋଜେଷ୍ଠଙ୍କୁ ଜୁହାର ହୋଇ ଆଶୀର୍ବାଦ ଭିକ୍ଷା କରି ଥାଆନ୍ତି । ନୂଆଖାଇ ସରିବା ପରେ ସମସ୍ତେ ବିଲକୁ ଯାଇ ଚିହା (ଭରଦ୍ୱାଜ) ବା ଭଦଭଦଳିଆ ପକ୍ଷୀକୁ ଦର୍ଶନ କରି ଥାଆନ୍ତି । ଭଦଭଦଳିଆ ପକ୍ଷୀ କୁ ଦେଖି ନିଜ ନିଜର ଧାନ କିଆରି ଦେଖି ଘରକୁ ଫେରି ଥାଆନ୍ତି । ଉପକୂଳ ଅଚଂଳରେ ରଜପର୍ବ ପରି ପଶ୍ଚିମ ଅଚଂଳରେ ନୂଆଖାଇ ପାଳନ କରାଯାଏ । ସାଂସ୍କୃତିକ କାର୍ଯ୍ୟକ୍ରମ ମାଧମରେ ପାଲା, ସଙ୍ଗିତ, ନୃତ୍ୟ, ଭଜନ ସଂକୀର୍ତନଆଦି ପରିବେଷଣ ସହିତ ଖେଳ ଓ କୁସ୍ତି ପଦର୍ଶନ କରି ଥାଆନ୍ତି ।

ନୂଆ ଖାଇ କୃଷିଭିତିକ ପର୍ବ, ପଶ୍ଚିମ ଓଡ଼ିଶାର ଜନଜୀବନ, ସାମାଜିକ ପରମ୍ପରା, ସଂସ୍କୃତିର ବାର୍ତା ଓ ଧାର୍ମିକ ବିଶ୍ୱାସର ପ୍ରତିକ ନୂଆଖାଇ ହର୍ଷ, ଉଲ୍ଲାସ,ଉନ୍ମାଦନା ନେଇ ଜନପ୍ରିୟ ହୋଇଛି। ସେଥିପାଇଁ କବି ସତ୍ୟ ନାରାୟଣ ବହିଦାରଙ୍କ ଭାଷାରେ-

ଆମିଲ୍ ମହୁର୍ ନୂଆଁ ଧାନ୍
ଖିରି ପିଠା ମଡ଼ା ଲଖ୍‌ମି ଠାନେ ଲାଗ୍‌ବା ପୂଜା
ପିଟ୍‌ମା ତିନେ ଢ଼ଁଢ଼ା
ଗାଁ ମୁଡ଼ସା ସମଲେଇ ନ
ସଁହରା ପିଲା ଗୁମ୍‌ଲେଇ ନ ଲଗାଲାନ ନୂଆଁ
ଫୁଲ୍ ଚଂଦନ ଦିଅବୋ ପିଲେ
ନଁଗଲ୍ ପଟା ଦୁଆଁ
ଆସବୋ ପିଲେ ଖାଏମା ଆଜି ନୂଆଁ
ବଛରକେ ଥରେ ଆଏସି ପରେ
ଯିଏ ଯେନ ଥଅ
ଘରେ ପରେ ଆସ ଆସ ଭାଇ
ଆଜିର ନୂଆଖାଇ ।

+ ପାରାଦ୍ୱୀପଗଡ଼, କୁଜଙ୍ଗ,
ଜଗତସିଂହପୁର
ମୋ-୯୯୩୭୬୯୧୪୭୫.

## ପରବ ତ ନୂଆଖାଇ

ନଗେନ୍ଦ୍ର ନାଥ ପଟ୍ଟନାୟକ

ଶୁକଳ ପକ୍ଷ ଶୁଭ ପଞ୍ଚମୀ ତିଥିରେ
ପରବ ତ ନିଆଁ ଖାଇ
ମା' ଅର୍ଣ୍ଣପୂର୍ଣ୍ଣାଙ୍କୁ ପୂଜନ କରନ୍ତି
ନୂଆଚୁଡା ଭୋଗଦେଇ ।
ପିଣ୍ଡ ଦିଅନ୍ତି ଯେ ପୂର୍ବପୁରୁଷଙ୍କୁ
ବାଢ଼ି କେଣ୍ଡା ନୂଆଧାନ
ଦେବଦେବୀଙ୍କଠି ବାଢିନ୍ତି ପ୍ରସାଦ
ଚୁଡା ପିଠା ମିଠାମାନ
ପୂଜା ଥାଳିଧରି ପୁଜିନ୍ତି ଦିଅଁଙ୍କୁ
ଧୂପ ଦୀପ ଅର୍ଘ୍ୟ ଦେଇ ।
ସଫାବସ୍ତ୍ର ପିନ୍ଧି ପୂଜା ଭୋଗଥାଳି
ସଜାଡନ୍ତି ସାବଧାନେ
ନୂଆ ବସନରେ ଘରର ମୁରବି
କରନ୍ତି ପୂଜା ମଗନେ
ଶଙ୍ଖ ହୁଳହୁଳି ଘଂଟ ଘଂଟା ନାଦେ
ଦୁଲୁକେ ଅଗଣା ଭୂଇଁ ।
ସରବେ ବସନ୍ତି ଧିଆନ ମଗନେ
ପୂର୍ବ ଆଡେ କରି ମୁହଁ
ସେବନ କରନ୍ତି ପ୍ରସାଦ ଆନନ୍ଦେ
ପରିବେଶ ଭକ୍ତିମୟ
ମା'ସମଲେଇ କୃପାବାରି ଯାଉ
ସବୁରିଙ୍କ ହୃଦେ ବହି ।

+ଓଙ୍କାର ସିଟି, ଲକ୍ଷ୍ମୀ ସାଗର
କେନାଲ ରୋଡ, ଭୁବନେଶ୍ୱର ,
ମୋ - ୯୪୩୮୩୩୨୧୩୮

## ପବିତ୍ର ନୂଆଁଖାଇ...

### ରାମଚନ୍ଦ୍ର ବେହେରା



ପୂଣ୍ୟ ଭାଦ୍ରବର ଶୁକଳ ପଂଚମୀ
ଆସିଛି ମରତ ଧାମେ
ପଶ୍ଚିମ ଓଡିଶା ଉଠୁଛି ପଡୁଛି
ନୂଆଁଖାଇ ଆଗମନେ।

କୃଷି ଭିତ୍ତିକ ଏ ମହାନ ପରବ
ଗଣ ପରବରେ ଗଣା
ଶ୍ରଦ୍ଧାଭାବ ସହ ସଭିଏଁ ପାଳିବେ
ନକରିବେ କିଛି ଊଣା।

ନୂତନ ଶସ୍ୟରୁ ଖିରି ପିଠା ଅନ୍ନ
ବନେଇ ଶ୍ରଦ୍ଧାଳୁ ଜନେ
ଇଷ୍ଟଦେବ ପାଶେ ଭୋଗ ଲଗାଇବେ
ଭକ୍ତିଭାବ ଭରି ମନେ।

ଘର ପରିବାର ଆତ୍ମୀୟ ସୋଦର
ସଭିଏଁ ଏକତ୍ର ହୋଇ
ପ୍ରସାଦ ଭୁଂଜିବେ ସୁଖ ମନାସିବେ
ମା'ସମଲେଇଂକୁ ଧ୍ୟାୟୀ।

ଉତ୍କଳ ସଂସ୍କୃତି ପରମ୍ପରା ନୀତି
ଅନ୍ୟ ରାଇଜଠୁ ଭିନ୍ନ
ଭାଇଚାରା ଭାବ ଏକତା ସଂହତି
ଯୋଡିରଖେ ସର୍ବ ମନ।

ନୂଆଁଥାଇ ପର୍ବ ଶୁଭ ଅବସରେ
ମାତାଂକୁ ପୂଜିବା ମିତ
ତାଂକ କୃପା ବଳେ ଶସ୍ୟେ ପୂର୍ଣ୍ଣ ହେବ
ଆମରି ଗହୀର କ୍ଷେତ।

ନୂଆଖାଇ ମୋର ଆମର ପରବ
ଗାଏ ଉତ୍କଳର ଗାଥା
ଆତ୍ମୀୟତା ଭାବ ଭରିଦିଏ ପ୍ରାଣେ
ଦୂରେଇ ପରାଣୁ ବ୍ୟଥା।

+ ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ନୂଆଁଖାଇ

### ଶ୍ୟାମା ପ୍ରସାଦ ମିଶ୍ର

ନୂତନ ଶସ୍ୟର ମହକ ପବନେ ଆଣେ ଜନପଦେ ହସ,
ଅମୃତ ଲଗ୍ନରେ ଭକ୍ତି ହୃଦୟରେ ଆଣି ଅଛି ନବରସ।
ଶ୍ରୀ ସମଲେଶ୍ୱରୀ ମାଆଙ୍କୁ ନବାନ୍ନ ଭୋଗ ଅର୍ପି ଭକ୍ତ ଧନ୍ୟ,
ଶଙ୍ଖ ଘଣ୍ଟ ଘଣ୍ଟା ମଙ୍ଗଳ ଧ୍ୱନିରେ ସେ ମନ୍ଦିର ଲୋକାରଣ୍ୟ ।
ନବ ଆଶୀର୍ବାଦ କାମନା କରିଣ ସ୍ଥାନେଶ୍ୱରୀ ନିକଟରେ,
କୋଟି ପୁଣ୍ୟ ସମ ସନ୍ତୋଷ ଲଭଇ ଘେନି ବନ୍ଧୁ ସହୋଦରେ ।
ଘରେ ଘରେ ଆଜି ଭୋଜିଭାତ ପିଠାର ମିଠା ପଣା ପାନ ଖେଳ,
ପରକୁ ନିଜର କରି ନିଏ ପ୍ରୀତି ବନ୍ଧନ ନବାନ୍ନ ମେଳ।
ଢୋଲ ଝାଞ୍ଜ ବାଜା ମାଦଳ ବାଜଇ ମେଳା ମହୋତ୍ସବ ଦୋଳ,
ପଲ୍ଲୀଠୁ ସହର ମୁଖରିତ ହୁଏ ଶୁଭେ ଖାଲି ହାସ୍ୟରୋଳ।
ରାଗ ରୋଷ ଭୁଲି ବିଭୁ ପାଦପଦ୍ମେ ମନ ତରୀ ଦେବା ମେଲି,
ଅଢ଼େଇ ଦିନର ସଂସାରଟି ଏହି, କିଏ ଦେଖିଅଛି କାଲି ?
ଭାଇଚାରାର ଏ ପବିତ୍ର ବନ୍ଧନ ବିଶ୍ୱ ଏକ ପରିବାର ,
ଯୁଦ୍ଧ ଘନଘଟା ଉଭେଇ ଯିବ ତ କେହି ରହିବେନି ପର।
ନୂଆଁଖାଇ ଆଣୁ ନବୀନ ଆଶାର କିରଣ ଅତି ସୁନ୍ଦର,
ନବ ପ୍ରଭାତରେ ନବ ରାଗେ ସୁଖମୟ ହେଉ ଏ ସଂସାର।

+ ଭଞ୍ଜନଗର, ଗଞ୍ଜାମ,
ମୋ: ୯୦୯୦୫୦୭୯୫୫

## ଅଲେଖ ଚନ୍ଦ୍ର ସାମଲ

# ନୂଆଖାଇ



ନୂଆଁଖାଇ ବା ନୂଆଖାଇ ପଶ୍ଚିମ ଓଡ଼ିଶାର ଏକ ପାରମ୍ପରିକ ପର୍ବ। ପାଞ୍ଜି ଅନୁସାରେ ଭାଦ୍ରବ ମାସ ଶୁକ୍ଳ ପଞ୍ଚମୀ ତିଥିରେ ଏହା ପାଳନ ହୋଇଥାଏ। ଧାନ ଅମଳ ଖୁସିରେ ଚାଷୀମାନେ ନୂଆଖାଇ ପର୍ବ ପାଳନ କରିଥାନ୍ତି। ବର୍ଷା ଶେଷ ହେବା ପରେ ଶରତ ଋତୁ ଧରା ପୃଷ୍ଠରେ ଅବତରଣ କରେ। ଏହି ସମୟରେ ଚାଷୀ ଜମିରେ ବେଉଷଣ କାର୍ଯ୍ୟ ଆରମ୍ଭ କରିଥାଏ। ଚାଷୀ ପ୍ରଥମ କରି ଅମଳ କରିଥିବା ଧାନକୁ ଇଷ୍ଟ ଦେବୀଙ୍କ ଠାରେ ସମର୍ପଣ କରିଥାଏ। ଯାହା ନବାନ୍ନ ନାମରେ ସର୍ବତ୍ର ପ୍ରସିଦ୍ଧ। ଏହାକୁ ପଶ୍ଚିମଓଡ଼ିଶାର ଆଞ୍ଚଳିକ ଭାଷାରେ ନୂଆଖାଇ କୁହାଯାଏ। ଏଥି ନିମନ୍ତେ ଆଗରୁ ଲଗ୍ନ ବା ତିଥି ନିର୍ଣ୍ଣୟ କରି ପୂଜା ସହ ଆରିସା ପିଠା ଆଦି ଭୋଗ କରାଯାଏ।

ଆଗକାଳରେ ରାଜାମାନେ ନିଜ ରାଜ୍ୟର ଇଷ୍ଟଦେବୀଙ୍କ ନାମାନୁସାରେ ନୂଆଖାଇବାର ଲଗ୍ନ ଧାର୍ଯ୍ୟ କରି ଭିନ୍ନ ଭିନ୍ନ ଦିନ ନୂଆ ଖାଉଥିଲେ। ରାଜାଙ୍କ ଶାସନ ପରେ ମଧ ତାଙ୍କ ଇଷ୍ଟଦେବୀଙ୍କ ନାମାନୁସାରେ ପଣ୍ଡିତମାନେ ନବାନ୍ନ ଭକ୍ଷଣ ତିଥି ବାହାର କରୁଥିଲେ। ତେଣୁ ୧୯୯୧ ମସିହା ପର୍ଯ୍ୟନ୍ତ ନୂଆଖାଇ ପର୍ବ ପ୍ରତ୍ୟେକ ବର୍ଷ ଗୋଟିଏ ନିର୍ଦ୍ଦିଷ୍ଟ ତିଥିରେ ପାଳିତ ନହୋଇ ଭାଦ୍ରବ ଶୁକ୍ଳପକ୍ଷର ଯେ କୌଣସି ତିଥିରେ ପାଳିତ ହେଉଥିଲା। ତାପରେ ତତ୍କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁପଟ୍ଟନାୟକ ନିର୍ଦ୍ଦିଷ୍ଟ ଦିନରେ ନୂଆଖାଇ ପର୍ବ ପାଳନ କରାଯିବା ପାଇଁ ଘୋଷଣା କରି ଓଡ଼ିଶାରେ ସରକାରୀ ଛୁଟି କରିବା ପାଇଁ ଘୋଷଣା କରିଥିଲେ। ସେହିବର୍ଷ ଠାରୁ ପ୍ରତ୍ୟେକ ବର୍ଷ ପଶ୍ଚିମାଞ୍ଚଳରେ ସେହି ଦିନରେ ନୂଆଖାଇ ପର୍ବ ତିଥି ଅନୁସାରେ ପାଳିତ ହୋଇ ଆସୁଛି। କଳାହାଣ୍ଡି ଜିଲ୍ଲାର ଅନେକ ଅଞ୍ଚଳରେ ଏହା ଭାଦ୍ରବ ଶୁକ୍ଳ ଦଶମୀ ତିଥିରେ ପାଳନ କରାଯାଉଥିବାବେଳେ ପୂର୍ବାଞ୍ଚଳରେ ଏହା ଆଶ୍ୱିନ ମାସର ମହାଳୟା ତିଥି ଭିତରେ ସମ୍ପନ୍ନ ହେବାର ବିଧାନ ରହିଛି। କାରଣ ଏହି ନବାନ୍ନ ପିତୃପୁରୁଷଙ୍କ ପିଣ୍ଡଦାନରେ ବ୍ୟବହୃତ ହୋଇଥାଏ। ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ





ଅପରପକ୍ଷେ ମହାଳୟା ପରଠାରୁ ଶ୍ରାଦ୍ଧ ଦେବାର ବ୍ୟବସ୍ଥା ଅଛି। ଏହି ଦିନଟିର ଅମୃତବେଳା ବା ଶୁଭବେଳା ଜ୍ୟୋତିଷଙ୍କ ଦ୍ୱାରା ନିର୍ଣ୍ଣୟ କରାଯାଇ ସେହି ମୁହୂର୍ତ୍ତରେ ନୂଆଭାବରେ ଅମଳ କରାଯାଇଥିବା ଷାଠିଆଧାନରୁ ପ୍ରସ୍ତୁତ ଅନ୍ନକୁ ଭକ୍ଷଣ କରିଥାନ୍ତି। ନୂଆଖାଇ ପୂର୍ବ ଦିନଠାରୁ ଗାଁ ଲୋକ ଧାନ ସଂଗ୍ରହ କରି ଏଥିରୁ ଚୁଡ଼ା କାଢ଼ି ରଖିଦିଅନ୍ତି।

ନୂଆଖାଇ ଦିନ ନୂଆଧାନରୁ ପ୍ରସ୍ତୁତ ଚୁଡ଼ା, ଭାତ, କ୍ଷୀରି, ମଣ୍ଡାପିଠା ଘରେ ପ୍ରସ୍ତୁତ କରି ନିଜର ଇଷ୍ଟଦେବୀ, ଗ୍ରାମଦେବୀ, ଦେବତା, ଆରାଧ୍ୟ ଦେବତାଙ୍କ ପାଖରେ ପ୍ରଥମେ ଅର୍ପଣ କରି ସମସ୍ତେ ଏକାଠି ବସି ଖାଆନ୍ତି ଖାଇସାରିବା ପରେ ଭେଟଘାଟ ପର୍ବ ଆରମ୍ଭ ହୁଏ। ପ୍ରଥମେ ଗ୍ରାମଦେବୀଙ୍କ ପୀଠ ବା ଭାଗବତ ଟୁଙ୍ଗୀରେ ଏକାଠି ହୋଇ ମୁଣ୍ଡିଆ ମାରିସାରିବା ପରେ ସାନମାନେ ବଡ଼ଙ୍କୁ ପ୍ରଣାମ ଜଣାଇ ଆଶୀର୍ବାଦ କାମନା କରିଥାନ୍ତି। ଭେଟଘାଟ ଶେଷ ହେବାପରେ ଗାଁରେ ଖେଳକୁଦ ପ୍ରତିଯୋଗିତା ହୋଇଥାଏ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ନୂଆଖାଇ ପରଦିନ ସମସ୍ତେ ମଉଜ ମଜଲିସରେ ପାଳନ କରନ୍ତି। ସମଗ୍ର ଓଡ଼ିଶାରେ ବିଶେଷକରି ପଶ୍ଚିମ ଓଡ଼ିଶାର ଜିଲ୍ଲା ସମୂହରେ ଏହି ପର୍ବ ବହୁତ ଆଡ଼ମ୍ବରରେ ପାଳିତ ହୁଏ। ଦେଶର ବିଭିନ୍ନ ଅଞ୍ଚଳରେ ତଥା ବିଦେଶରେ ରହୁଥିବା ପଶ୍ଚିମ ଓଡ଼ିଶାର ଲୋକେ ଏହି ଦିନ ଘରେ ଉପସ୍ଥିତ ରହିବାକୁ ଚେଷ୍ଟା କରନ୍ତି। ଯେଉଁମାନେ ଏହି ଦିନରେ ନିଜର ଭିଟାମାଟିକୁ ଆସି ନପାରନ୍ତି, ସେମାନେ ନିଜେ ରହୁଥିବା ଜାଗାରେ ନୂଆଖାଇ ପାଳନ କରନ୍ତି।

+ ପୂର୍ବତନ ଡିଏଫଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୭୧୨୩

# ନବାନ୍ନ ଭକ୍ଷଣ

## ଜୟଶ୍ରୀ ପଟ୍ଟନାୟକ



ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ। ଓଡିଶାର ବହୁଭାଗ ଲୋକ ଗ୍ରାମରେ ବାସ କରୁଥିବାରୁ ସେମାନେ କୃଷି ଉପରେ ନିର୍ଭର କରି ଜୀବନ ଅତିବାହିତ କରିଥାନ୍ତି। ଗ୍ରାମ୍ୟ ଜୀବନର ଜୀବିକା ହେଉଛି ଯଥାର୍ଥରେ କୃଷି। ଏହି କୃଷି ପ୍ରଧାନ ରାଜ୍ୟରେ ଅନେକ କୃଷିଭିତ୍ତିକ ପର୍ବପର୍ବାଣି ପାଳନ କରା ଯାଇଥାଏ। ତା ମଧ୍ୟରେ ନୂଆଖାଇ ଅନ୍ୟତମ। ମୂଖ୍ୟତଃ ଏହା ପଶ୍ଚିମ ଓଡିଶାର ଗଣପର୍ବ ରୂପେ ପାଳନ କରା ଯାଇଥାଏ। ଜାତି,ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆବାଳବୃଦ୍ଧବନିତା ବିପୁଳ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରିଥାନ୍ତି। ଶାନ୍ତି, ମୈତ୍ରୀ, ପ୍ରୀତି, ସଂହତି ଓ ବିଶ୍ୱଭାତୃତ୍ୱର ପ୍ରତୀକ ରୂପେ ପଶ୍ଚିମ ଓଡିଶାରେ ମୂଖ୍ୟତଃ ଦୁଇଟି ପର୍ବ ପାଳିତ ହୁଏ ଗୋଟିଏ ପୁଷପୁନି ଅନ୍ୟଟି ନୂଆଖାଇ। ନୂଆଖାଇ ପ୍ରତିବର୍ଷ ଭାଦ୍ରବମାସର ଶୁକ୍ଳପକ୍ଷ ପଞ୍ଚମୀ ଦିନ ଏହି ପର୍ବପାଳିତ ହୋଇଥାଏ ଏହି ପର୍ବର ମୁଖ୍ୟ ଉଦ୍ଦେଶ୍ୟ ହେଲା ସମସ୍ତେ ଏକାଠି ମିଶି ଗୋଟିଏ ସ୍ଥାନରେ ମିଳିତ ହୋଇ ନୂଆ ଅନ୍ନକୁ ନିଜର ଇଷ୍ଟ ଦେବଦେବୀଙ୍କୁ ଅର୍ପଣ କରିବେ । ତାପରେ ତାହାକୁ ଭୋଜନ କରିବେ।

ଅନ୍ୟ ପର୍ବ ପାଇଁ ଆଗରୁ ଦିନ ନିର୍ଦ୍ଧାରିତ ହୋଇଥାଏ ମାତ୍ର ନୂଆଖାଇ ପାଇଁ ଲଗ୍ନ ନିରୂପଣ କରାଯାଏ। ଜନ୍ମାଷ୍ଟମୀ ରାତିରେ ପଣ୍ଡିତ ମାନେ ସମ୍ବଲପୁର ସହରସ୍ଥ ବ୍ରହ୍ମପୁରା ମନ୍ଦିରରେ ଠୁଳ ହୁଅନ୍ତି। ମା ସମଲେଇଙ୍କର ରାଶି ନକ୍ଷତ୍ରକୁ ଗଣନା କରି ଲଗ୍ନ ସ୍ଥିର କରନ୍ତି। ଭାଦ୍ର ଶୁକ୍ଳପକ୍ଷର ଯେଉଁ ତିଥି ଲଗ୍ନ ରୂପେ ନିର୍ଦ୍ଧାରିତ ହୁଏ ସେହି ଲଗ୍ନରେ ସମ୍ବଲପୁର ଜିଲ୍ଲାର ବିଭିନ୍ନ ଅଂଚଳରେ ନୂଆଖାଇ ପର୍ବ ପାଳିତ ହୁଏ। ବଲାଙ୍ଗୀର, କଳାହାଣ୍ଡି, ସୁନ୍ଦରଗଡ, ବୌଦ ଜିଲ୍ଲାରେ ସ୍ଥାନୀୟ ଇଷ୍ଟଦେବୀଙ୍କ ରାଶି ନକ୍ଷତ୍ରକୁ ଗଣନା କରି ପଣ୍ଡିତ ମାନେ ଭିନ୍ନ ଭିନ୍ନ ଲଗ୍ନ ସ୍ଥିର କରିଥାନ୍ତି ମାତ୍ର ସମଗ୍ର ପଶ୍ଚିମ ଓଡ଼ିଶାରେ ଗୋଟିଏ ଲଗ୍ନରେ ନୂଆଖାଇ ପର୍ବପାଳନ କରିବାକୁ ଦିନ ଓ ଲଗ୍ନ ଧାର୍ଯ୍ୟ କରାଯାଇଥାଏ ।

ନୂଆଖାଇର ଇତିହାସ ଅତି ପ୍ରାଚୀନ । ପୃଥିବୀ ପୃଷ୍ଠରେ ମନୁଷ୍ୟ ସଭ୍ୟତାର ଅୟମାରମ୍ଭ କୃଷିରୁ ହିଁ ହୋଇଥିଲା । ପଶ୍ଚିମ ଓଡ଼ିଶାର ଐତିହ୍ୟର ଧାରା ଓ ପରମ୍ପରା ମୁଖ୍ୟତଃ କୃଷି ଓ ଲୋକସଂସ୍କୃତି ଉପରେ ଆଧାରିତ । ଏହି ପରମ୍ପରା ଯେପରି ବଳିଷ୍ଠ ସେହିପରି ଜନପ୍ରିୟ। ଆମ ଓଡ଼ିଶାର ଅଦିବାସୀ ମାନେ ଅତ୍ୟନ୍ତ ଧର୍ମବିଶ୍ୱାସୀ । ସେମାନେ ପ୍ରକୃତି ଦତ ଶସ୍ୟ ଓ ଫଳମୂଳକୁ ବିଭିନ୍ନ ପର୍ବପର୍ବାଣିରେ ନିଜର ଆରାଧ୍ୟ ଦେବଦେବୀ ତଥା ପିତୃପୁରୁଷଙ୍କୁ ଭକ୍ତିପୂତ ଭାବେ ଶ୍ରଦ୍ଧାର ସହିତ ସମର୍ପଣ କରିଥାନ୍ତି । ଏହାପରେ ଏହାକୁ ପ୍ରସାଦ ରୂପେ ଗ୍ରହଣ କରିଥାନ୍ତି । ନୂତନ ଭାବେ ଖାଉଥିବା ଏହି ଅନ୍ନକୁ ନୂଆଖାଇ କୁହାଯାଏ । ଏହାକୁ ନବାନ୍ନ ଭକ୍ଷଣ ମଧ୍ୟ କୁହାଯାଏ । ସୃଷ୍ଟିକର୍ତାଙ୍କୁ ପ୍ରଥମ ଅମଳର ଶସ୍ୟକୁ ଅର୍ପଣ କରି ସେହି ପ୍ରସାଦକୁ ଖାଇବା ଏକ ମହାନ୍ ବୈଦିକ ସଂସ୍କୃତି ଅଟେ । ଏହା ମଣିଷ ଜାତିର ପ୍ରାଚୀନ ପରମ୍ପରା । ପୁଷପୁନି ପରି ନୂଆଖାଇ ପଶ୍ଚିମ ଓଡ଼ିଶାର ଅଦିବାସୀ ଅଧ୍ୟୁଷିତ ଅଂଚଳରେ ମୁଖ୍ୟ କୃଷିଭିତ୍ତିକ ପର୍ବ ରୂପେ ପାଳନ କରାଯାଇଥାଏ ।ଅବିଭକ୍ତ କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର, ସୁନ୍ଦରଗଡ଼ ଓ ବୌଦ ଆଦି ଜିଲ୍ଲା ଗୁଡ଼ିକରେ ଏହି ପର୍ବ ମହା ସମାରୋହରେ ପାଳିତ ହୋଇଥାଏ । ପଶ୍ଚିମ ଓଡ଼ିଶାର ବିଭିନ୍ନ ସମାଜ ପକ୍ଷରୁ ନୂଆଖାଇ ପର୍ବ ପାଳନର ଶୁଭଦିନ ସ୍ଥିର କରାଯାଇଥାଏ । କେତେକ ସ୍ଥାନରେ ଇଷ୍ଟ ଦେବଦେବୀଙ୍କ ନାଆଁରେ ଓ ଆଉ କେତେକ ସ୍ଥାନରେ ପୂର୍ବତନ ଶାସକଙ୍କ ଜାତକ ଦେଖି ସେଥିରୁ ଶୁଭଦିନ ନିରୂପିତ ହୋଇଥାଏ । ତେବେ ସୌରଗଣନା ଅନୁସାରେ ସିଂହମାସ ଓ ଚନ୍ଦ୍ରଗଣନା ଅନୁସାରେ ଭାଦ୍ରବମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ନୂଆଖାଇ ପର୍ବ ପାଳନ କରାଯାଇଥାଏ ।




ଭାଦ୍ରବ ମାସ ବେଳକୁ ମାଳଧାନ ପାକଳ ହୋଇ ଯାଇଥାଏ । ଏହି ଶସ୍ୟକୁ ପ୍ରଥମେ ଇଷ୍ଟଦେବତାଙ୍କୁ ଅର୍ପଣ କରିବା ବିଧେୟ ବୋଲି ଲୋକମାନେ ଭାବିଥାନ୍ତି । ଏହି ପବିତ୍ର ଉତ୍ସବର ପୂର୍ବରୁ ନୂତନ ଧାନ ସଂଗ୍ରହ କରାଯାଇଥାଏ । କେତେକ ସ୍ଥାନରେ ଗ୍ରାମର ମୁଖ୍ୟ ଅବଧାନ ଓ ଭଦ୍ରବ୍ୟକ୍ତିମାନେ ସ୍ନାନଶୌଚ ହୋଇ ପବିତ୍ର ମନରେ ନିଜେ ଖେତକୁ ଚାଲିଯାଆନ୍ତି । ସେଠାରେ

ଗୋ-ରସ ଢାଳି ବସୁମାତାଙ୍କୁ ପୂଜାକରି ସଂଗୃହୀତ ଧାନରେ ନୂଆଅନ୍ନ ପ୍ରସ୍ତୁତ କରନ୍ତି । ପର୍ବର ପୂର୍ବଦିନ ପୂଜାପୀଠକୁ ପରିଷ୍କାର କରିଥାନ୍ତି। ନୂଆ ଚାଉଳରେ ପିଠାପଣା, ଖିରି, ଖେଚୁଡ଼ି ଇତ୍ୟାଦି ଭୋଗ ପ୍ରସ୍ତୁତ କରନ୍ତି । ନୂଆଧାନ ପେଷାଇ ଚୁଡ଼ା ପ୍ରସ୍ତୁତ କରି ଗୁଡ, ଦହି, ମହୁ, ପାଚିଲାକଦଳୀ ଆଦି ମିଶାଇ ଭୋଗ ପ୍ରସ୍ତୁତ କରି, ପୁନଶ୍ଚ ଜଙ୍ଗଲରୁ କୁରେଇ ପତ୍ର ସଂଗ୍ରହ କରି ଏହି ଭୋଗକୁ ନିଜଘରର ଇଷ୍ଟ ଦେବୀଙ୍କ ନିକଟରେ ପ୍ରଥମେ ସମର୍ପଣ କରନ୍ତି । ଏହିଦିନ ସମ୍ବଲପୁରର ମା' ସମ୍ବଲେଶ୍ୱରୀ, ବଲାଙ୍ଗୀରର ମା' ସମଲାଇ, ସୋନପୁରର ଦେବୀ ସୁରେଶ୍ୱରୀ, ବୌଦର ମା' ଭୈରବୀ ଆଦି ବିଭିନ୍ନ ସ୍ଥାନରେ ନିଜର ଅଧିଷ୍ଠାତ୍ରୀ ଦେବଦେବୀଙ୍କୁ ନବାନ୍ନ ଅର୍ପଣ କରାଯାଇଥାଏ। ଇଷ୍ଟଦେବୀଙ୍କ ନିକଟରେ ନବାନ୍ନଭୋଗ ହେଲାପରେ ନୂଆଅନ୍ନ ପ୍ରଥମେ ଗୃହର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ଖାଇବାକୁ ଦିଆଯାଏ । ପରିବାରର ସମସ୍ତ ସଦସ୍ୟ ଏକତ୍ର ହୋଇ ପ୍ରସାଦ ସେବନ କରନ୍ତି । ଏହି ଚାଉଳକୁ ମଣ୍ଡା, କାକରା,ଖୀରି,ଭାତ, ସାକର କରି ଖିଆଯାଏ। ସେଦିନ ଦ୍ୱାର ମୁହଁରେ ପୂର୍ଣ୍ଣକୁମ୍ଭ ବସାଯାଏ । ସମସ୍ତେ ନୂଆପୋଷାକ ପିନ୍ଧନ୍ତି । ଗ୍ରାମମୁଖ୍ୟ ଅବଧାନ ଝାକରଙ୍କୁ ପ୍ରଣାମ କରି ଆଶୀର୍ବାଦ ଗ୍ରହଣ କରନ୍ତି । ଏହାପରେ ପରସ୍ପରକୁ ଆଲିଙ୍ଗନ କରି 'ନୂଆଖାଇ ଜୁହାର', 'ଜୀଇଁ ଜାଗିଥିଲେ ବରଷେ' ବୋଲି କହି ଖୁସିରେ ନାଚି ଉଠନ୍ତି । ଏହି ପର୍ବକୁ' ଜୁହାରେନ ଭେଟ' ବା ନୂଆଖାଇ ଭେଟଭାଟ ବୋଲି କହିଥାନ୍ତି । ବଂଚିଥିଲେ ପୁଣି ଆସନ୍ତାବର୍ଷରେ ଦେଖାହେବ। ସାଙ୍ଗସାଥି,ଆତ୍ମୀୟ ସ୍ୱଜନ ବନ୍ଧୁ ପରିଜନ ସମସ୍ତଙ୍କ ନିମନ୍ତେ ଶୁଭକାମନା କରିଥାନ୍ତି । ଗ୍ରାମର ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଖେଳ, ସଙ୍ଗୀତ, କବାଡ଼ି, କୁସ୍ତି କସରତ ଆଦି ପ୍ରତିଯୋଗୀତା ହୋଇଥାଏ । ଏହା ସହିତ ସମ୍ବଲପୁରୀ ନୃତ୍ୟ, ଘୁମୁରାନୃତ୍ୟ,ମାଦଳ, ଢୋଲ,ଯୋଡ଼ିନାଗରା ଆଦି ବାଦ୍ୟ ଯନ୍ତ୍ରରେ ଗ୍ରାମ ପରିବେଶ ଦୁଲୁକି ଉଠେ ।

ନୂଆଖାଇ ପରେ ଆରମ୍ଭ ହୁଏ ଭେଟଭାଟ ନିଜର ଗୃହର ଦେବଦେବୀଙ୍କୁ ତଥା ଗୁରୁଜନମାନଙ୍କୁ ଜୁହାର ହେବାପରେ ପାଖ ପଡ଼ିଶା ଚିହ୍ନା ପରିଚୟରେ ମାନ୍ୟ ବ୍ୟକ୍ତିଙ୍କୁ ଜୁହାର କରି ନିଜର ଶ୍ରଦ୍ଧା ଭକ୍ତି ପ୍ରଦର୍ଶନ କରାଯାଏ । ବର୍ଷସାରା ମୁହଁ ଦେଖାଦେଖି ହେଉ ନଥିବା ଲୋକେ ପରସ୍ପରକୁ ନୂଆଖାଇ ଜୁହାର ଜଣାନ୍ତି । ଲୋକେ ନିଜ ନିଜର ଆତ୍ମୀୟ ସ୍ୱଜନ ମାନଙ୍କୁ ନାନା ପ୍ରକାର ପିଠାପଣା ଓ ରୁଚି ଅନୁଯାୟୀ ବ୍ୟଞ୍ଜନ ଖୁଆଇ ଆନନ୍ଦ ଉପଭୋଗ କରନ୍ତି । ଆଦିବାସୀ ଭାଇଭଉଣୀମାନେ ହାତ ଧରାଧରି ହୋଇ ଗୀତବୋଲି ନାଚିଥାନ୍ତି । ପଶ୍ଚିମ ଓଡ଼ିଶାରେ ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି ଏହି ନୂଆଖାଇ ଅବସରରେ ଘରକୁ ଫେରିଆସନ୍ତି । ଭାଇ ଭଗାରୀ ହୋଇଥିଲେ ମଧ୍ୟ ସବୁଠାରୁ ଜ୍ୟେଷ୍ଠଭାଇ ଘରେ ସମସ୍ତେ ଏକାଠି ହୁଅନ୍ତି ଓ ନୂଆ ଖାଆନ୍ତି । ଏହା ଫଳରେ ପରିବାରରେ ଏକତା ଭାବ ଅନୁଭବ ହୋଇଥାଏ । କଳହ, ଅହଂକାରକୁ ଦୂରେଇ ପରସ୍ପର ମଧ୍ୟରେ ସ୍ନେହ,ପ୍ରୀତି ଭରିଦେବାପାଇଁ ବର୍ଷକୁ ଥରେ ଆସିଥାଏ ଏହି ପର୍ବ । ବନ୍ଧୁବାନ୍ଧବଙ୍କ ଗହଣରେ ଭାବର ଆଦାନପ୍ରଦାନ, ଗୁରୁଜନଙ୍କ ପ୍ରତି ଭକ୍ତିଭାବ କନିଷ୍ଠ ମାନଙ୍କ ପ୍ରତି ଜ୍ୟେଷ୍ଠମାନଙ୍କର ଆଶୀର୍ବାଦ ଓ ଶୁଭେଚ୍ଛା ପ୍ରଦାନ ଦ୍ୱାରା ପରମ୍ପରା ରକ୍ଷା ହୋଇଥାଏ । ଏହା ଏକ ସଦ୍ଭାବନା ଓ ସଂହତିର ପର୍ବ । ଏହି ପର୍ବ ପ୍ରତ୍ୟେକ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିବା ସଙ୍ଗେ ସଙ୍ଗେ ଗୋଷ୍ଠୀଗତ ଜୀବନକୁ ପ୍ରଭାବିତ କରିଥାଏ । ହୃଦୟକୁ ପବିତ୍ର କରିବା ସଙ୍ଗେ ସଙ୍ଗେ ବିଶ୍ୱପ୍ରେମରେ ଜନପ୍ରାଣକୁ ଉଦ୍ ବୁଦ୍ଧ କରାଇଥାଏ । ଏହା ଆନନ୍ଦପ୍ରାପ୍ତି ସହିତ ସାତ୍ୱିକ ଭାବସଂଚାର କରେ । ସାଂପ୍ରଦାୟିକ ସଦ୍ ଭାବନାର ଭାବ ବଢାଇଥାଏ । ଏହା ଏକ ସାମାଜିକ ପର୍ବ ।ଏହି ପର୍ବର ବୈଶିଷ୍ଟ୍ୟ ହେଉଛି ଧନୀ, ଦରିଦ୍ର, ରାଜା ପ୍ରଜା ସମସ୍ତେ ଗୋଟିଏ ଦିନ କୁରେଇ ପତ୍ରରେ ନୂଆଅନ୍ନ ଖାଇ ଉତ୍ସବଟି ପାଳନ କରିଥାନ୍ତି । ସଂସ୍କୃତିର ଡ଼ୋରରେ ପରମ୍ପରାଗତ ଭାବଧାରାକୁ ବାନ୍ଧି ରଖିବା ସାମାଜିକ ସମ୍ପର୍କକୁ ବଢେଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ।

+ ଭୁବନେଶ୍ୱର,
ମୋ: ୭୯୭୮୧୧୦୪୭୪

## ବିପିନବିହାରୀ ମହାନ୍ତି

# ଗଣପର୍ବ ନୂଆଖାଇ

ନୂଆଖାଇ ଏକ କୃଷିଭିତ୍ତିକ ପର୍ବ। ଯେଉଁ କୃଷିଭିତ୍ତିକ ଚାଷ ଲବ୍ଧ ଫଳ, ଶସ୍ୟ ଏବଂ ଅନ୍ୟ କିଛି ପ୍ରଥମେ ଅନୁକୂଳ କରାଯାଇ ଦେବଦେବୀଙ୍କୁ ସମର୍ପଣ ପରେ ପରିବାର ସଦସ୍ୟମାନେ ଖାଆନ୍ତି, ତାକୁ ନୂଆଖାଇ କୁହାଯାଏ। ଏମିତିରେ ଧାନ 'ନୂଆଖାଇ' ଆମ୍ବ 'ନୂଆଖାଇ', 'ମହୁଲ ନୂଆଖାଇ' ଏବଂ କେତେ ନୂଆଖିଆ କଥାକୁ ବୁଝାଏ। ତେବେ ସଚରାଚରରେ ନୂଆଖାଇ କହିଲେ ସାଧାରଣତଃ ଭାଦ୍ରବ ମାସରେ ଖିଆ ଯାଉଥିବା ନୂଆଧାନରୁ ଉତ୍ପନ୍ନ ଚାଉଳ ବା ତହିଁରୁ ପ୍ରସ୍ତୁତ ଚୂଡ଼ା, ଅନ୍ନ, ଖିରୀ ବା ପିଠା ଇତ୍ୟାଦିକୁ ନୂଆକରି ଖାଇବା ଅର୍ଥରେ ବୁଝାଯାଏ। ଏ ପ୍ରଥା କେବେଠୁ ଚଳିଆସୁଛି ତାହା ବାସ୍ତବରେ କେହି କହିପାରିବେ ନାହିଁ।

ପ୍ରଚଳିତ ପରମ୍ପରା ଅନୁସାରେ ଭାଦ୍ରବ ଶୁକ୍ଳପକ୍ଷ ଦ୍ୱାଦଶୀ ଅବସରରେ ଅର୍ଥାତ୍ ସୁନିଆଁ ବା ବାମନ ଜନ୍ମଦିନ ନୂଆଖାଇ ପାଳିତ ହୁଏ ଏବଂ ହେଉଥିଲା ମଧ୍ୟ। ଓଡ଼ିଶା ଉପକୂଳ ଅଂଚଳରେ ଢ଼ିପ ବା ପଠାଜମିରୁ ଲଘୁଧାନ ଏହି ମାସରେ ଅମଳ ହୁଏ। ପଶ୍ଚିମ ଓଡ଼ିଶାରେ ଆଦିବାସୀ ବହୁଳ ଅଂଚଳରେ ଏହି ମାସରେ ପାହାଡ଼ିଆ ଜମିରୁ ଧାନ ଫସଲ ଅମଳ ହୁଏ। ଏହି ନୂଆଧାନର ଚୂଡ଼ା ଓ ଚାଉଳକୁ ଆଧାର କରି ଭୋଗରାଗ ପ୍ରସ୍ତୁତ କରାଯାଇ ଦେବତାଙ୍କୁ ସମର୍ପଣ କରାଯାଏ।

ପଶ୍ଚିମ ଓଡ଼ିଶାରେ ଏହା ଏକ ପ୍ରସିଦ୍ଧ ଗଣପର୍ବ। ତେବେ ଏହା ଭାଦ୍ରବ ଶୁକ୍ଳ ଦ୍ୱାଦଶୀଦିନ ପାଳିତ ନହୋଇ ଭାଦ୍ରବ ଶୁକ୍ଳ ପଂଚମୀ ଦିନ ପାଳିତ ହୁଏ। ଏହା ମଧ୍ୟ ସବୁ ସ୍ଥାନରେ ସମାନ ନୁହେଁ। କାରଣ ବିଭିନ୍ନ ଜିଲ୍ଲାରେ ସ୍ଥାନୀୟ ଇଷ୍ଟଦେବ ଦେବୀଙ୍କ ନାମରେ ଲଗ୍ନ ସ୍ଥିର କରାଯାଇ ଅଥବା ପୂର୍ବତନ ଶାସକ ତଥା ରାଜା, ଜମିଦାର ବା ଗଉଁତିଆଙ୍କ ଜାତକ ସିଦ୍ଧ ବାହାର କରି ନବାନ୍ନ ଭକ୍ଷଣ ଲଗ୍ନ ନିଶ୍ଚିତ କରାଯାଏ। ଏଥିକୁ ମଧ୍ୟ ସୁବିଧା ଅସୁବିଧା ପ୍ରତି ଦୃଷ୍ଟି ଦିଆଯାଏ।

ଅନେକ ସ୍ଥାନରେ ଏହା ଏକାଧିକ ଦିବସ ଧରିଚାଲେ। କଳାହାଣ୍ଡିରେ ଏହି ପର୍ବ ଭାଦ୍ରବ ଶୁକ୍ଳ ପଂଚମୀ ଠାରୁ ଆରମ୍ଭ ହୋଇ ତିନିଦିନ ଧରି ଚାଲେ। ଏହି ସମୟରେ କଳାହାଣ୍ଡିର ସଂସ୍କୃତି ପରମ୍ପରାରେ 'ଘୁମୁରା' ନୃତ୍ୟର ଶୁଭାନୁକୂଳ ହୁଏ। ବଲାଙ୍ଗୀରରେ ରାକ୍ଷୀ ପଂଚମୀ ଦିନ ଅନୁକୂଳ ନୂଆଖାଇ ପର୍ବରେ ରାକ୍ଷୀବନ୍ଧନ ଉତ୍ସବ ପାଳନ କରାଯାଏ। ଉପକୂଳ ଅଂଚଳରେ ନୂଆଧାନର ଚୂଡ଼ାଘଷା, ମିଷ୍ଟାନ୍ନ, ପିଠା ଓ ଖିରୀ ଇତ୍ୟାଦି ପ୍ରସ୍ତୁତ ହୋଇ ଇଷ୍ଟ ଦେବାଦେବୀଙ୍କ ସମର୍ପଣ ପୂର୍ବକ ନୂଆଚାଉଳର ଭାତ ଖାଇବା ଆରମ୍ଭ କରାଯାଏ।

ଶ୍ରୀମନ୍ଦିରରେ ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ଦିନ ଯଥାବିଧି ନବାନ୍ନ ଭକ୍ଷଣ ଉତ୍ସବ ପାଳିତ ହୁଏ। ଅନ୍ୟ ସ୍ଥାନମାନଙ୍କରେ ସ୍ଥାନୀୟ ମୁଖ୍ୟ





ଇଷ୍ଟଦେବୀ ବା ଦେବତାଙ୍କୁ ଏହି ନବାନ୍ନ ସମର୍ପଣ ପରେ ଅନ୍ୟାନ୍ୟ ଦେବଦେବୀଙ୍କୁ ସମର୍ପଣ କରାଯାଇ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ ହୁଏ। ସମ୍ବଲପୁରର ସମ୍ବଲେଶ୍ୱରୀ, ଭବାନୀପାଟଣାର ମାଣିକେଶ୍ୱରୀ, ବଲାଙ୍ଗୀରର ପାଟେଣିଶ୍ୱରୀ ଓ ସୋନପୁରର ସୁରେଶ୍ୱରୀ ପ୍ରଭୃତି ପଶ୍ଚିମାଂଚଳର ଏବଂ ପ୍ରସିଦ୍ଧ ଶକ୍ତିପୀଠମାନଙ୍କରେ 'ନୂଆଖାଇ ବେଳା' (ଲଗ୍ନ)ର ଉତ୍ସବ ମହା ଯାକଜମକରେ ପାଳିତ ହୁଏ। ନୂଆଖାଇ ପାଇଁ କିଛିଦିନ ପୂର୍ବରୁ ପ୍ରସ୍ତୁତି ଚାଲିଥାଏ। ପୂର୍ବଦିନ ଘରବାଡ଼ି ଓ ବଗିଚା ଇତ୍ୟାଦି ସଫାସୁତୁରା ସହ ଘର ଅଗଣା ଲିପାପୋଛା କରାଯାଏ। ନୂଆଖାଇ ଦିନ ପାହାନ୍ତା ପହରରୁ ଝିଅବୋହୂମାନେ ସ୍ନାନାଦି ନିତ୍ୟକର୍ମ ସାରି ଘରକୁ ପରିଷ୍କାର ପରିଚ୍ଛନ୍ନ କରନ୍ତି। ତାପରେ ନୂଆଧାନ କୁଟି ସେଥିରେ କ୍ଷୀର, ଘିଅ, ମହୁ ଓ କଦଳୀ ଇତ୍ୟାଦି ମିଶାଇ ନୂଆ ଭୋଗ ତିଆରି କରାଯାଏ। ପୂର୍ବରୁ ନୂଆ ହାଣ୍ଡି, ମାଠିଆ, ସରା ଓ ପଲମ ଇତ୍ୟାଦି କିଣି ପବିତ୍ରତା ସହ ସଜାଇ ରଖାଯାଇଥାଏ। ଏଥିରେ ନବାନ୍ନ ପ୍ରସ୍ତୁତି ହୁଏ ଓ ପିଠାପଣା ଇତ୍ୟାଦି ପ୍ରସ୍ତୁତ ହୁଏ। ଏହାପରେ ଇଷ୍ଟ ଦେବାଦେବୀ ଓ ପିତୃପକ୍ଷଙ୍କୁ ସମର୍ପଣ କରାଯାଏ। ଏଥୁଅନ୍ତେ ପ୍ରସ୍ତୁତ ଭୋଗ ବା ନବାନ୍ନ ଇତ୍ୟାଦି ଘର ବା ଗ୍ରାମର ମୁଖିଆଙ୍କ ଦ୍ୱାରା ପରିବେଷଣ କରାଯାଏ। ବ୍ରାହ୍ମଣମାନଙ୍କୁ ଏହି ଦିନ ମଧ୍ୟ ଦାନ ଭୋଜନ କରାଯାଏ ଏବଂ ଆଶ୍ରିତ ବା ହଳିଆମାନଙ୍କୁ ଚାଉଳ ଓ ନୂଆବସ୍ତ୍ର ସାହୁକାର ମାନେ ଦିଅନ୍ତି। ଏହି ଦିନ ସମସ୍ତେ ନୂତନ ବସ୍ତ୍ର ପରିଧାନ କରନ୍ତି। ପରିବାରଠାରୁ ଦୂରରେ ରହିଥିବା ଭାଇବଂଧୁ ଓ ପରିଜନ ସମସ୍ତେ ଏହିଦିନ ଘରକୁ ଫେରନ୍ତି ଏବଂ ମିଳିତ ଭାବେ ନବାନ୍ନ ଭୋଜନ କରନ୍ତି। ସାନମାନେ ବଡ଼ଙ୍କୁ ପ୍ରଣାମ ଜଣାନ୍ତି ଓ ବଡ଼ମାନେ ସାନମାନଙ୍କୁ ଆଶୀର୍ବାଦ କରନ୍ତି। ଏହାକୁ କୁହାଯାଏ 'ନୂଆଖାଇ ଜୁହାର'। ସାଇପଡ଼ିଶା, ଭାଇବଂଧୁ ଓ କୁଟୁମ୍ବ ଭିତରେ ଥିବା ରାଗ, ରୁଷା, ମାନ, ଅଭିମାନ ଓ ମନୋମାଳିନ୍ୟ ବାଦବିବାଦ ତୁଟାଇ ସମସ୍ତେ ଏକାଠି ହୁଅନ୍ତି। ଏହାକୁ କୁହାଯାଏ 'ନୂଆଖାଇ ଭେଟଭାଟ'। ଏହିଦିନ ସମସ୍ତେ ଆନନ୍ଦରେ ବିଭୋର ଥାଆନ୍ତି।

ଆଧୁନିକ ସଭ୍ୟତାରେ ଅନେକ ପଶ୍ଚିମାଂଚଳ ଲୋକ ଯେଉଁମାନେ ଏହି ପର୍ବ ସହିତ ସଂପୃକ୍ତ ସେମାନେ ତାଙ୍କ ଅଂଚଳ ବାହାରେ ସହରୀ ସଭ୍ୟତାରେ ଚାକିରି ବା ବସବାସ କରୁଥିଲେ, ଏହି ନୂଆଖାଇ ଅବସରରେ ଦୈବାତ୍ ଯଦି ନିଜ ନିଜ ଘରକୁ ଫେରିପାରନ୍ତି ନାହିଁ ସେମାନେ ସେସବୁ ସ୍ଥାନ ମାନଙ୍କରେ ଏକତ୍ରିତ ହୋଇ ନୂଆଖାଇ ଭେଟ୍‌ଭାଟ୍ ପାଳନ କରନ୍ତି।

ଏକାଠି ଖାଇସାରିଲା ପରେ ଗାଁରେ ଖେଳ କସରତ ଚାଲେ : କୋଉଠି ମେଣ୍ଢା ଲଢ଼େଇ ତ, ଆଉ କୋଉଠି ନାଚଗୀତ ବା ସେମିତି କିଛି। ପିଲାରୁ ବୁଢ଼ାଯାଏଁ ଏଥିରେ ବିଭୋର। ଦିନଟି ଖିଆପିଆ, ଦିଆନିଆ ଓ ଖେଳକୁଦରେ କିପରି କଟିଯାଏ ଜାଣିହୁଏନା। ନୂଆଖାଇ ଗୀତ ଶୁଣାଏ :

"ମନୁଷ ଜାଏତ କେ ଏକ କରବାକେ
ଫି ବଛର ଆଏବୁ ଧାଇଁ
ଜୀଁ ଜାଣିଥିଲେ ଆଏଲା ବଛର
କେ ଭେଟ ହେବା ତୁଇଁ ମୁଇଁ।"

ଅର୍ଥାତ୍ ଜୀଇଁ ରହିଥିବାରୁ ନୂଆଖାଇରେ, ଜୀଇଁଥିଲେ ବା ବଂଚିଥିଲେ ଆସନ୍ତାବର୍ଷକୁ ପୁଣି ନୂଆଖାଇ ଶୁଭେଚ୍ଛା ଜଣାଇବୁ ଏହା ଭଗବାନ କରନ୍ତୁ। ଆଉ ବର୍ଷେ ଭଲରେ କଟିଯାଉ। ପୁଣି ଆସନ୍ତା ବର୍ଷ ନୂଆଖାଇରେ ଭେଟଭାଟ ହେବ।

ନୂଆଖାଇ ପର୍ବ ଓଡ଼ିଶାର ଏକ ମହାନ୍ ସାମାଜିକ ଗଣପର୍ବ। ଏହା ଏ ସଂସ୍କୃତିର ଶାନ୍ତି, ମୈତ୍ରୀ, ପ୍ରଗତି ଓ ସଦ୍‌ଭାବନାର ପ୍ରତୀକ !

+ ବିପିନ ବିହାରୀ ପାଠାଗାର,
ବିକାଶନଗର, ଜଟଣୀ, ଖୋର୍ଦ୍ଧା,
ମୋ–୯୯୩୮୩୪୪୧୩୮

# ଗଣେଶ ପୂଜା ପାଇଁ ଚଳଚଞ୍ଚଳ ବାରିପଦା

## ସୁବିଶାଳ ପ୍ରତିମା ପାଇଁ ପ୍ରସିଦ୍ଧ ଲାଲବଜାର ରାଜା ସିଦ୍ଧି ବିନାୟକ ମନ୍ଦିରରେ ଚାଲିଛି ଗଣେଶ ମହୋତ୍ସବ



ବାରିପଦା , ୧୪/୯ (ନି.ପ୍ର): ଆଜି ଗଣେଶ ଚତୁର୍ଥୀ। ଗଣେଶ ପୂଜାକୁ ନେଇ ବାରିପଦା ସହର ଚଳ ଚଞ୍ଚଳ ହୋଇ ଉଠିଛି। ସହରର ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଛି ସୁଉଚ୍ଚ ତୋରଣ ସହିତ ବିଶାଳ କାୟ ଗଣେଶଙ୍କ ମୃଣ୍ମୟୀ ପ୍ରତିମା। ବିଭିନ୍ନ ପୂଜା କମିଟି, ସ୍କୁଲ କଲେଜ ପକ୍ଷରୁ ଗଣେଶ ପୂଜା ଆଜି ଧୂମଧାମରେ ପାଳିତ ହୋଇଯାଇଛି। ସହରର ଲାଲବାଜାର, କଲେଜ ଛକ, ତୁଳସୀ ଚୌରା, ଗାନ୍ଧୀପାର୍କ, ଷ୍ଟାଡିୟମ ଗୋଲେଇ, ତକତପୁର ଆଦି ସ୍ଥାନରେ ସଦୃଶ୍ୟ ତୋରଣ ସଜସଜା ସହ ଗଣେଶ ପୂଜା ଅନୁଷ୍ଠିତ ହେଉଥିବା ବେଳେ, ବାରିପଦାର ସର୍ବବୃହତ ଗଣେଶ ପୂଜା ଭାବେ ପରିଚିତ ଲାଲବଜାର ରାଜା ଗଣେଶପୂଜା ଏବଂ ତୁଳସୀ ଚଉରା ଗଣେଶ ପୂଜା ମେଳାରେ ବିଶେଷ ଭିଡ଼ ପରିଲକ୍ଷିତ ହୋଇଛି। ସେହିପରି ବାରିପଦାର ପ୍ରତିଷ୍ଠିତ ସିଦ୍ଧି ବିନାୟକ ମନ୍ଦିର ରେ ଚଳିତ ବର୍ଷ ଗଣେଶ ମହୋତ୍ସବ ଅନୁଷ୍ଠିତ ହେଉଥିବାରୁ ଆଜି ସକାଳ ଠାରୁ ରାତ୍ରୀ ଯାଏ ମନ୍ଦିରରେ ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ପରମ୍ପରା ଓ ବିଧିବିଧାନ ଅନୁଯାୟୀ ଆଜି ଭୋର ୪ଟା ସମୟରେ ମନ୍ଦିରର ପହୁଡ଼ ଖୋଲାଯାଇଥିଲା। ଏହାପରେ ପୂଜକ ମାନଙ୍କ ଦ୍ୱାରା ପ୍ରଭୁଙ୍କ ମଙ୍ଗଳ ଆଳତି, ସ୍ନାନ, ମାର୍ଜନା, ବେଶ ଏବଂ ସ୍ୱତନ୍ତ୍ର ନୀତିକାନ୍ତି ସମ୍ପନ୍ନ ପରେ ସାଧାରଣ ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ସାର୍ବଜନୀନ ପୂଜା ଆରମ୍ଭ ହୋଇଥିଲା। ପୂଜା ଉପଲକ୍ଷେ ସମଗ୍ର ମନ୍ଦିର ପରିସରକୁ ରଙ୍ଗବେରଙ୍ଗର ଆଲୋକ ମାଳାରେ ସୁସଜ୍ଜିତ କରାଯାଇଥିବା ବେଳେ ଷ୍ଟିଲଗୋଲେଇ ରାସ୍ତାରେ ନିର୍ମିତ ସୁଦୃଶ୍ୟ ଆଲୋକିତ ତୋରଣ ଓ ଲାଇଟିଂ ସାଜସଜା ପଥଚାରୀ ତଥା ଦର୍ଶନାର୍ଥୀଙ୍କୁ ଆକର୍ଷିତ କରୁଛି। ଶ୍ରଦ୍ଧାଳୁ ମାନେ ଶୃଙ୍ଖଳିତ ଭାବେ ଧାଡ଼ି ବାନ୍ଧି ପ୍ରଭୁ ସିଦ୍ଧିବିନାୟକଙ୍କୁ ଲଡୁ, ମୋଦକ ଓ ନୈବେଦ୍ୟ ଅର୍ପଣ କରି ଆଶୀର୍ବାଦ ଭିକ୍ଷା କରୁଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ଓ ଭିଡ଼ ନିୟନ୍ତ୍ରଣ ପାଇଁ ମନ୍ଦିର କମିଟି ଓ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ବସ୍ତା ଅଞ୍ଚଳରେ ଶ୍ରୀଗଣେଶ ପୂଜା ପାଳିତ



ବସ୍ତା, ୧୪/୯ (ନି.ପ୍ର): ବସ୍ତା ଅଞ୍ଚଳରେ ବିଘ୍ନବିନାୟକ ଶ୍ରୀଗଣେଶ ପୂଜା ଆନନ୍ଦ ଉଲ୍ଲାସରେ ପାଳିତ ହୋଇଅଛି । ସରକାରୀ ଦପ୍ତର ସ୍କୁଲ ଓ କଲେଜ ପୂଜାର୍ଚ୍ଚନା ହୋଇଥିବାବେଳେ କୋଚିଙ୍ଗ ସେଣ୍ଟର କ୍ଲବ ରେ ସଧ୍ୟାରେ ଗଜାନନ ପୂଜା ଅନୁଷ୍ଠିତ ହୋଇଅଛି । ଫୁଲମଣୀ ବିଦ୍ୟାପିଠ, ଧାନହଣ୍ଡା ହାଇସ୍କୁଲ, ସାନଖୁଡି ଲକ୍ଷ୍ମୀବାସନ୍ତି ବଧୀର ମୂକ ଆବାସିକ ବିଦ୍ୟାଳୟ ,ମଥାନୀ, ମାଗୁଣି ବାଳାଶ୍ରମ ,ବାହାର୍ଦ୍ଧା ପ୍ରଜ୍ଞାଭାରତୀ, ପୂଜାର୍ଚ୍ଚନା ହେଉଥିବାବେଳେ ବସ୍ତାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ପ୍ରଧାନ ଆଚାର୍ଯ୍ୟ ଶ୍ରୀପତିଚରଣ ପାତ୍ରଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ଆରତୀ ହୋଇଥିଲା ।ଶିକ୍ଷା କେନ୍ଦ୍ରର ଉପ ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ରଞ୍ଜିତା ପାଢ଼ୀ, ସହକାରୀ ଶିକ୍ଷକ ଅଞ୍ଜନ କୁମାରସାହୁ, ସୁଶାନ୍ତୀ ବେହେରା, ନମିତାଦାସ, ପ୍ରଶାନ୍ତଗିରି, ସସ୍ମୀତା ବେହେରା, ରିତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା ଶ୍ରୀଯୁକ୍ତ ଶ୍ୟାମା ପ୍ରସାଦ ବେହେରା ସମେତ କମିଟିର ସଭାପତି ଶଙ୍କର କୁମାର କର, ଉପ ସଭାପତି ଶିଶିର କୁମାର ରଥ,ରାମଚନ୍ଦ୍ର ଦେବ, ସମ୍ପାଦକ ପ୍ରଦୀପ କୁମାର ପରିଡା, ସହ ସମ୍ପାଦକ ହିତାଶୁଂରଞ୍ଜନ ବେହେରା, କୁମୁଦ ରଞ୍ଜନଗିରି ସମେତ ଶିକ୍ଷାକେନ୍ଦ୍ରର ଶିକ୍ଷକ ଶିକ୍ଷୟତ୍ରୀ ଓ ଅଣଶିକ୍ଷକ ଉପସ୍ଥିତ ରହି ଥିଲେ ।

## ନୀଳଗିରିର ବିଭିନ୍ନ ସ୍ଥାନରେ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା



ନୀଳଗିରି, ୧୪/୯ (ନି.ପ୍ର): ଗଣେଶ ଚତୁର୍ଥୀ ଅବସରରେ ନୀଳଗିରିରେ ବିଭିନ୍ନସ୍ଥାନରେ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାବିଧି ପାଳନ କରାଯାଉଥିବା ବେଳେ ନୀଳଗିରି ସହରରେ ବିଭିନ୍ନ କ୍ଲବ ପକ୍ଷରୁ ଭବ୍ୟମୂର୍ତ୍ତି ସାଙ୍ଗକୁ ସୁସଜ୍ଜିତ ଆଲୋକମାଳା ଓ ଆକର୍ଷଣୀୟ ତୋରଣ ଦେଖିବାକୁ ମିଳିଛି। ସହରର ୧୦ରୁଉର୍ଦ୍ଧ୍ୱ ମେଢ଼ରେ ଗଣପତି ବାବା ପୂଜା ପାଇଛନ୍ତି। ସନ୍ଧ୍ୟାରେ ବିଭିନ୍ନ ପୀଠସ୍ଥଳୀରେ ଭଜନ ସନ୍ଧ୍ୟା, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ କରାଯାଉଛି। ଲୋକଙ୍କ ସମାଗମ ପରିଲିଖିତ ହୋଇଥିଲା। ନୀଳଗିରି ବାଇପାସ୍ ନିକଟରେ ଫ୍ରେଣ୍ଡ ସ୍ ଫୋର୍ ଏଭର୍ କ୍ଲବ, ହନୁମାନ ଛକ ନିକଟରେ ମୋଇୟା ବୟେଜ କ୍ଲବ, କୃଷ୍ଣା କ୍ଲବ, ରାଜାବଗିଚା ର ମହାରଜ୍ କ୍ଲବ, ଘାଟଘରସାହି ର କୁମାର ଯୁବକ ସଂଘ, କେ ସି, ହାଇସ୍କୁଲ ନିକଟରେ ସଂଘର୍ଷ କ୍ଲବ ପକ୍ଷରୁ ଧୁମ୍ ଧାମରେ ଗଣେଶ ପୂଜା ପାଳନ କରୁଛନ୍ତି।

## ଖାଦ୍ୟ ସୁରକ୍ଷାରୁ ବଂଚିତ ଦିନ ମଜୁରିଆଙ୍କ ପରିବାର

ଉଦଳା , ୧୪/୯ (ନି.ପ୍ର): କପ୍ତିପଦା ବ୍ଲକର ମଝିଗଡ଼ିଆ ପଂଚାୟତ ଅନ୍ତର୍ଗତ ଛତ୍ରାମ୍ବ ଗ୍ରାମର ବାସିନ୍ଦା ସ୍ୱର୍ଗତଃ ସୁରେନ୍ଦ୍ର ସିଂଙ୍କ ପୁତ୍ର ମାତୁରା ସିଂ ଓ ତାଙ୍କ ପରିବାରର ସମସ୍ତ ସଦସ୍ୟ ଖାଦ୍ୟ ସୁରକ୍ଷାରୁ ବଂଚିତ ଥିବାର ଜଣାଇଛନ୍ତି । ଦିନମଜୁରିଆ ଭାବରେ କାମ କରି ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ପରିବାର ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇପାରୁ ନାହାଁନ୍ତି । ଫଳରେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା କହିଛନ୍ତି । ପରିବାରର ମୋଟ ସଦସ୍ୟ ୪ଜଣ ହୋଇଥିବା ବେଳେ ଆବାସ ଯୋଜନାରେ ଘର ମିଳିନାହିଁ । ସେହିପରି ପାଇଖାନା ଓ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଥିବାର ଜଣାଇଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି ଶୁଣୁ ନଥିବାର ଅଭିଯୋଗ କରିଛନ୍ତି ।

## ବାଲେଶ୍ୱର କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି



ବାଲେଶ୍ୱର, ୧୪/୯ (ନି.ପ୍ର): ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଛି। ଏଥିପାଇଁ ଗଠିତ ଜିଲ୍ଲାସ୍ତରୀୟ କ୍ରିୟାନୁଷ୍ଠାନ ପକ୍ଷରୁ ଡ. କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଅଭୟ ଚନ୍ଦ୍ର ମିଶ୍ର ଗତ ବୈଠକରେ ବିବରଣୀ ପାଠ କରିଥିବା ସହିତ ଆୟ-ବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ସଭା ଆରମ୍ଭରେ ନେପାଳର ପ୍ରଳୟଙ୍କରୀ ହିମସ୍ଖଳନଜନିତ ବନ୍ୟାରେ ମୃତାହତ ଓ ବାସଶୂନ୍ୟ ହୋଇଥିବା ଲୋକଙ୍କ ପ୍ରତି ସମବେଦନା ଜଣାଇବା ସହ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ଶ୍ରୀ ମିଶ୍ର ଦୈନିକ ସମାଜ ୧୪-୦୮-୨୬ରେ ପ୍ରକାଶିତ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ଏକାଡେମୀ ପରିଷଦର ଘୋଷଣା ଅନୁଯାୟୀ ରାଜ୍ୟରେ ଅଧିକ ୨ଟି କୃଷି ମହାବିଦ୍ୟାଳୟ ରାଇରଙ୍ଗପୁର ଓ ବଲାଙ୍ଗୀର ଏବଂ ପଶୁବିଜ୍ଞାନ ଓ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ ଯଥାକ୍ରମେ ଚିପିଲିମା ଓ ସୋନପୁରରେ ପ୍ରତିଷ୍ଠା ନିଷ୍ପତ୍ତି ହୋଇଛି ବୋଲି ପ୍ରକାଶ କରିଥିଲେ। ବିଶେଷକରି ରାଇରଙ୍ଗପୁରରେ ଅସ୍ଥାୟୀ କ୍ୟାମ୍ପସ୍‌ରେ ୬୦ଜଣ ପିଲାଙ୍କ ପାଠପଢ଼ା ଆରମ୍ଭ ହୋଇଛି। ଏହାଦ୍ୱାରା ରାଜ୍ୟରେ ଅଧିକ ବୈଷୟିକ ମାନବ ସମ୍ବଳର ବିକାଶ ହେବାର ଥିବାରୁ ସମିତିରେ ଆନନ୍ଦ ପ୍ରକାଶ ପାଇଥିଲା। ମାତ୍ର ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସମିତିକୁ ତା ୧୬-୦୧-୨୫ରିଖରେ ମିଳିଥିବା ପ୍ରତିଶ୍ରୁତି ଅନୁଯାୟୀ ବାଲେଶ୍ୱରର ଦାବି ପ୍ରତି ଅବହେଳା ପ୍ରଦର୍ଶନ କରାଯାଇଛି ବୋଲି ଗଭୀର କ୍ଷୋଭ ପ୍ରକାଶ ପାଇଛି। ଏ ବିଷୟରେ ଜିଲ୍ଲାର ମାନ୍ୟବର ସାଂସଦ ଓ ମାନ୍ୟବର ସମସ୍ତ ବିଧାୟକମାନଙ୍କୁ ଜଣାଇ ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରାଯିବ ବୋଲି ସ୍ଥିର ହେଲା। ପୁନର୍ବାର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କୁ ସାକ୍ଷାତକରି ଆମର ଦାବି ଆଲୋଚନା କରାଯିବା ନିଷ୍ପତ୍ତି ଗ୍ରହଣ କରାଗଲା। ପୁନଃଚ ଆଗାମୀ ଦିନରେ ଆଞ୍ଚଳିକ ବ୍ଲକ୍ ସମିତିମାନଙ୍କରେ ବୈଠକ କରାଯାଇ ତୃଣମୂଳ ସ୍ତରରୁ ଦୁର୍ବାର ଆନ୍ଦୋଳନ କରାଯିବାକୁ ସ୍ଥିର ହେଲା। ପୁଣି ଆଗାମୀ ମୌସୁମୀ ବିଧାନସଭା ଅଧିବେଶନରେ ଆମର ଦାବି ଉପରେ ଘୋଷଣା ହେବ ବୋଲି ଉପସ୍ଥିତ ସଦସ୍ୟା ଆଶା ବ୍ୟକ୍ତ କଲେ। ଅନ୍ୟଥା ଆଗାମୀ ବଜେଟ୍ ଅଧିବେଶନ ସମୟରେ ବିଧାନସଭା ସମ୍ମୁଖରେ ଧାରଣା ଦେବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଦିଆଗଲା। ବରିଷ୍ଠ ସଭ୍ୟ ଡ. କ୍ଷିତୀଶ ଚନ୍ଦ୍ର ଦାଶ, ପ୍ରଫୁଲ୍ଲ କୁମାର ଦାସ, ଅକ୍ଷୟ କୁମାର ତ୍ରିପାଠୀ, ଡ. ତାରାକାନ୍ତ ନନ୍ଦ, ରବି ନାରାୟଣ ଭୋଳ, ବିଜନ କୁମାର ଦେ, ସୁରେନ୍ଦ୍ର ପ୍ରସାଦ ବେହେରା, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ମାୟାଧର ବିଶ୍ୱାଳ, ସୁରେନ୍ଦ୍ର ପ୍ରସାଦ ଦୀକ୍ଷିତ, ରବି କୁମାର ପାଣିଗ୍ରାହୀ, ଯତୀନ୍ କୁମାର ପାତ୍ର, ସୀତାରାମ ପ୍ରଧାନ, ନିତ୍ୟାନନ୍ଦ ରାଉତ ଓ ପୁରୁଷୋତ୍ତମ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଭ୍ୟ ନିତ୍ୟ ଗୋପାଳ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେବାପରେ ସଭାପତି ସଭାସାଙ୍ଗ କରିଥିଲେ।

## ରାଉରକେଲା ଇସ୍ପାତ କାରଖାନା ବିଭାଗ ଗୁଡିକରେ ନିଆଯାଇଥିବା ରାଜଭାସ ପ୍ରତିଶ୍ରୁତି ସହିତ ହିନ୍ଦୀ ଦିବସ ପାଳିତ

ରାଉରକେଲା, ୧୪/୯ (ନି.ପ୍ର): ସେଲ୍‌ର ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ବିଭିନ୍ନ କାର୍ଯ୍ୟାଳୟ ଏବଂ ବିଭାଗଗୁଡ଼ିକ ଦେଶବ୍ୟାପୀ ହିନ୍ଦୀ ଦିବସ (ରାଜଭାଷା ଦିବସ) ପାଳନ କରିବା ପାଇଁ ରାଜଭାଷା ପ୍ରତିଜ୍ଞା ସମାରୋହର ଆୟୋଜନ କରିଥିଲେ। ଉଲ୍ଲେଖଯୋଗ୍ୟ, ସରକାରୀ କାର୍ଯ୍ୟ ଏବଂ ଦୈନନ୍ଦିନ ଜୀବନରେ ହିନ୍ଦୀର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ସେପ୍ଟେମ୍ବର ୧୪ ତାରିଖକୁ ହିନ୍ଦୀ ଦିବସ ଭାବରେ ପାଳନ କରାଯାଏ। ଏହି ଦିନ ସମ୍ବିଧାନର ଧାରା ୩୪୩(୧) ଅନୁଯାୟୀ, ୧୯୪୯ ମସିହାରେ ଏହି ଦିନରେ ସମ୍ବିଧାନ ସଭା ଦ୍ୱାରା ଦେବନାଗରୀ ଲିପିରେ ହିନ୍ଦୀକୁ ସଂଘର ସରକାରୀ ଭାଷା ଭାବରେ ଗ୍ରହଣ କରାଯାଇଥିଲା। ମୁଖ୍ୟ କାର୍ଯ୍ୟକ୍ରମ ଡିଆଇସି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ଶ୍ରୀ ଆଲୋକ ବର୍ମା, ଡିଆଇସି, ଆରଏସପି ଏବଂ ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀଙ୍କ ସହିତ ଶପଥ ନେଇଥିଲେ। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ସିଜିଏମ ଏବଂ ହୋଡ୍ସଙ୍କ କାର୍ଯ୍ୟାଳୟରେ ମଧ୍ୟ ସମାନ ଶପଥ ଗ୍ରହଣ ସମାରୋହର ଆୟୋଜନ କରାଯାଇଥିଲା, ଯେଉଁଥିରେ ସରକାରୀ ପତ୍ରବିନିମୟ ଏବଂ ଡକ୍ୟୁମେଣ୍ଟେସନ୍ ?ରେ ହିନ୍ଦୀକୁ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଦିଶା ସାଲିଆନ୍ ମୃତ୍ୟୁ ...

ଉଦ୍ଦେଶ୍ୟରେ ସରକାରୀ ପାଣ୍ଠି, ମାନବଶକ୍ତି ଓ ପୁଲିସ ବ୍ୟବସ୍ଥାର ଅପବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି । ଏହି ସମସ୍ତ ଦିଗ ଉପରେ ସିବିଆଇ ତଦନ୍ତ କରିବ । ସୂଚନାଯୋଗ୍ୟ, ୨୦୨୦ ଜୁନ୍ ୮ ତାରିଖରେ ମୁମ୍ବାଇର ଏକ ବହୁତଳ କୋଠାର ୧୨ ମହଲାରୁ ପଡ଼ି ଦିଶା ସାଲିଆନଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା । ଏହାର ମାତ୍ର କିଛି ଦିନ ପରେ, ଜୁନ୍ ୧୪ରେ ସୁଶାନ୍ତ ସିଂହ ରାଜପୁତଙ୍କ ମୃତଦେହ ତାଙ୍କ ଘରୁ ଉଦ୍ଧାର ହୋଇଥିଲା । ପରବର୍ତ୍ତୀ ସମୟରେ ମହାରାଷ୍ଟ୍ର ସରକାରଙ୍କ ନିର୍ଦ୍ଦେଶରେ ସିବିଆଇ ସୁଶାନ୍ତଙ୍କ ମୃତ୍ୟୁକୁ ଆତ୍ମହତ୍ୟା ଦର୍ଶାଇ କ୍ଲୋଜର ରିପୋର୍ଟ ଦେଇଥିଲେ ହେଁ ଦିଶାଙ୍କ ମୃତ୍ୟୁ ରହସ୍ୟ ଉପରୁ ଏପର୍ଯ୍ୟନ୍ତ ପରଦା ହଟିପାରିନଥିଲା । ଏବେ ବମ୍ବେ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ପୁନର୍ବାର ସିବିଆଇ ତଦନ୍ତ ଆରମ୍ଭ ହୋଇଥିବାରୁ ସତ୍ୟ ସାମ୍ନାକୁ ଆସିବା ନେଇ ଚର୍ଚ୍ଚା ଜୋର୍ ଧରିଛି ।

### ଗଣେଶ ପୂଜାରେ...

ବିଘ୍ନନାଶକ ପ୍ରଭୁ ଗଣେଶ । ଆଜି ଅଗ୍ରପୂଜ୍ୟଙ୍କ ଆରାଧନାରେ ନିମଗ୍ନ ପୁରପଲ୍ଲୀ । ଶିକ୍ଷାନୁଷ୍ଠାନରୁ କ୍ଲବ୍ ଓ ବିଭିନ୍ନ ପୂଜା କମିଟି । ସବୁଠି ଶୋଭାପାଇଛି ବକ୍ରତୁଣ୍ଡ ମହାକାୟଙ୍କ ମୃଣ୍ମୟ ପ୍ରତିମା । ଏଥିସହ ସୁଦୃଶ୍ୟ ତୋରଣ ଓ ମଣ୍ଡପରେ ସଜେଇ ହୋଇଛି ରାଜଧାନୀ ଭୁବନେଶ୍ୱର, ଗଣେଶ ପୂଜା ପାଇଁ ପ୍ରସିଦ୍ଧ ଖୋର୍ଦ୍ଧାର ଜଟଣୀ ଓ ତାଳଚେର ସମେତ ରାଜ୍ୟର ବିଭିନ୍ନ ସହର । ସକାଳ ବିଧି ଓ ଆଳତୀ ପରେ ଅନୁଷ୍ଠିତ ହୋଇଛି ଷୋଡ଼ଶ ଉପଚାର ପୂଜା । ଧୂପଦୀପ, ଫୁଲଫଳ, ଭୋଗନୈବେଦ୍ୟ ସହ ପ୍ରଭୁ ଗଣପତିଙ୍କ ପୂଜାର୍ଚ୍ଚନା କରିଛନ୍ତି ଶ୍ରଦ୍ଧାଳୁ । ବୁଦ୍ଧିବିଦ୍ୟାର ବରଦାନ ମାଗିଛନ୍ତି ବିଦ୍ୟାର୍ଥୀ । ଖଡ଼ିଛୁଆଁ ସହ ପରଂପରା ମୁତାବକ ଛୋଟ ଛୋଟ ପିଲାଙ୍କର ହୋଇଛି ବିଦ୍ୟାରମ୍ଭ । ଗଣେଶ ଚତୁର୍ଥୀ ସହ ପାର୍ବଣ ଋତୁର ହୋଇଛି ଶୁଭାରମ୍ଭ । ଉତ୍ସବମୁଖର ହୋଇଛି ଗାଁରୁ ସହର । ରୌପ୍ୟନଗରୀ କଟକରେ କେବଳ ଦୁର୍ଗାପୂଜା ନୁହେଁ, ଗଣେଶ ପୂଜାରେ ବି ଝଲସିଛି ସୁନା ଚାନ୍ଦି । ଝାଞ୍ଜିରୀମଙ୍ଗଳାରେ ଗଣେଶଙ୍କୁ ଚାନ୍ଦି ଅଳଙ୍କାରରେ ସଜା ଯାଇଥିବା ବେଳେ, ଖାନନଗରରେ ସ୍ୱର୍ଣ୍ଣ ଅଳଙ୍କାରରେ ଆଭୂଷିତ ହୋଇଛନ୍ତି ଗଣେଶ ପ୍ରତିମା । ସମ୍ବଲପୁରରେ ୨୫ ଫୁଟ୍‌ର ଲଡୁ ଗଣେଶ ଭକ୍ତଙ୍କୁ ଆକୃଷ୍ଟ କରୁଛନ୍ତି । ଅସ୍ତରଙ୍ଗରେ ଦେବୀ ନଦୀ କୂଳରେ ପୂଜା ପାଉଛନ୍ତି ବୁଢ଼ା ଗଣେଶ । ଭୁବନେଶ୍ୱରର ଜିଜିପି କଲୋନୀରେ ଦଶଭୂଜା ବେଶରେ ନିର୍ମାଣ କରାଯାଇଛି ୪୦ ଫୁଟ୍‌ର ବିଶାଳ ମୂର୍ତ୍ତି ।

### ବଙ୍ଗୋପସାଗରରେ ...

ଏହାସହ ୧୫ଟି ଜିଲ୍ଲାର କିଛି ସ୍ଥାନରେ ବଜ୍ରପାତ ସହ ଝଡ଼ବର୍ଷା ଏବଂ ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିପାରେ। ଗତ ୨୪ ଘଣ୍ଟାରେ କନ୍ଧମାଳ, ପୁରୀ ଓ ଜଗତସିଂହପୁରର କିଛିସ୍ଥାନରେ ଭାରି ବର୍ଷା ହୋଇଛି। ଫୁଲବାଣୀରେ ସର୍ବାଧିକ ୧୦ ସେଣ୍ଟିମିଟର, କାକଟପୁରରେ ୯ ସେଣ୍ଟିମିଟର ଏବଂ ବାଲିକୁଦା ଓ ଫିରିଙ୍ଗିଆରେ ୭ ସେଣ୍ଟିମିଟର ବର୍ଷା ରେକର୍ଡ ହୋଇଛି।୨୦୨୬ ମସିହାର ମୌସୁମୀ ଋତୁରେ, ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟଭାଗ ପର୍ଯ୍ୟନ୍ତ ବଙ୍ଗୋପସାଗର ଉପରେ ଏକାଧିକ ଲଘୁଚାପ ସୃଷ୍ଟି ହୋଇଛି। ଜୁଲାଇ ମାସରେ ୩ଟି ଲଘୁଚାପ ସୃଷ୍ଟି ହୋଇଥିବା ବେଳେ, ଅଗଷ୍ଟ ମାସରେ ୬ଟି ଲଘୁଚାପ ଦେଖାଦେଇଥିଲା ଯାହାର ପ୍ରଭାବରେ ଓଡ଼ିଶାରେ ଭାରିରୁ ଅତିଭାରି ବର୍ଷା ହୋଇଥିଲା।

### ହୁତି କବ୍‌ଜାରେ ମାୟୁନ୍ ...

ଜିବୁତିରେ ଚୀନ୍, ଫ୍ରାନ୍ସ ଓ ଜାପାନ୍‌ର ମଧ୍ୟ ସାମରିକ ସୁବିଧା ରହିଛି। ୟେମେନ୍‌ରେ ୨୦୨୨ରେ ଜାତିସଂଘ ମଧ୍ୟସ୍ଥତାରେ ଅସ୍ତ୍ରବିରତି ହେବା ପରେ ପ୍ରାୟ ଶାନ୍ତି ରହିଥିଲା। ଜୁଲାଇରୁ ପରିସ୍ଥିତି ପୁଣି ଖରାପ ହେବା ଆରମ୍ଭ ହୋଇଥିଲା। ହୁତିମାନେ ୟେମେନ୍‌ର ଅନ୍ତର୍ଜାତୀୟ ସ୍ୱୀକୃତ ସରକାର ବିରୋଧରେ ଏକାଧିକ ମୋର୍ଚ୍ଚା ଖୋଲିଥିଲେ। ହୁତିଙ୍କ ଅଗ୍ରଗତି ରୋକିବାକୁ ସାଉଦି ଆରବ ସମର୍ଥିତ ୟେମେନ୍ ସରକାରୀ ବାହିନୀ ପାଲଟା ଆକ୍ରମଣ କରିଛି। ହୁତି ସାମରିକ ପ୍ରବକ୍ତା ୟାହ୍ୟା ସାରି କହିଛନ୍ତି, ୪୮ ଘଣ୍ଟା ମଧ୍ୟରେ ସାଉଦି ବିମାନ ୭ଟି ପ୍ରଦେଶରେ ୧୨୯ ଥର ଆକ୍ରମଣ କରିଛି। ତେବେ ସାଉଦି ଆରବ ଏହି ଆକ୍ରମଣକୁ ଆନୁଷ୍ଠାନିକ ଭାବେ ସ୍ୱୀକାର କରିନାହିଁ। ଏପଟେ ହୁତିମାନେ ସାଉଦି ଆରବର ଶରୁରାହ୍‌ସ୍ଥିତ ସାମରିକ ଘାଟି ଉପରେ ଆକ୍ରମଣ କରିଥିବା ଦାବି କରିଛନ୍ତି। ସାଉଦି କର୍ତ୍ତୃପକ୍ଷଙ୍କ ଅନୁସାରେ, ଜିଜାନ୍‌ରେ ଅନ୍ୟ ଏକ ହୁତି ପ୍ରକ୍ଷେପାସ୍ତ୍ର ପଡ଼ି ୨ ଜଣ ଆହତ ହୋଇଛନ୍ତି ଏବଂ ଏକ ମସଜିଦ୍, ଗାଡ଼ି ଓ କିଛି କୋଠା କ୍ଷତିଗ୍ରସ୍ତ ହୋଇଛି। ଯୁଦ୍ଧ ଯୋଗୁଁ ସେପ୍ଟେମ୍ବର ଆରମ୍ଭରୁ ୮୨,୦୦୦ରୁ ଅଧିକ ୟେମେନ୍‌ବାସୀ ବିସ୍ଥାପିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨,୦୦୦ରୁ ଅଧିକ ଲୋକ ସଂକୀର୍ଣ୍ଣ ଜଳପଥ ପାର ହୋଇ ଜିବୁତିରେ ପହଞ୍ଚିଛନ୍ତି। ମାୟୁନ୍ ଓ ମୋଚା ଦଖଲ ପରେ ୟେମେନ୍ ଯୁଦ୍ଧ ଏବେ ସାଉଦି ଆରବର ସୁରକ୍ଷା, ବିଶ୍ୱ ତୈଳ ଯୋଗାଣ ଏବଂ ଇରାନ୍-ଆମେରିକା ମଧ୍ୟରେ ଚାଲିଥିବା ବିବାଦ ସହ ଅଧିକ ଜଡ଼ିତ ହୋଇଛି।

### ନନ୍ଦନକାନନରେ...

ତଦାରଖ ପାଇଁ ରାଜ୍ୟ ସରକାର ଏକ ୫ ଜଣିଆ ବୈଷୟିକ କମିଟି ଗଠନ କରିଛନ୍ତି । ଏହା ସହିତ ପଶୁ ଚିକିତ୍ସକ ଏବଂ ତାଲିମପ୍ରାପ୍ତ କର୍ମଚାରୀଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ୨୪ ଘଣ୍ଟା ସେମାନଙ୍କ ଦୈନନ୍ଦିନ ଗତିବିଧି, ଖାଦ୍ୟପେୟ ଓ ସ୍ୱାସ୍ଥ୍ୟ ସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି । ଖାଦ୍ୟ ତାଲିକା ଅନୁଯାୟୀ ସେମାନଙ୍କୁ ପ୍ରତି ଦୁଇ ଘଣ୍ଟାରେ କ୍ଷୀର, ସେଓ ଓ କଦଳୀର ଜୁସ୍, ଏବଂ ସିଝା ଆଳୁ ଦିଆଯାଉଛି । ଶାବକମାନଙ୍କୁ ମାନସିକ ଚାପମୁକ୍ତ ରଖିବା ପାଇଁ ସେମାନଙ୍କ କୋଠରୀରେ ସଫ୍ଟ ଟଏ , ଦୋଳି ଏବଂ ସଙ୍ଗୀତର ବ୍ୟବସ୍ଥା କରାଯାଇଛି । ସୂଚନାଯୋଗ୍ୟ, ଜଣେ ଶାବକଠାରେ ଆଂଶିକ ଜ୍ୱର ଦେଖାଦେଇଥିଲେ ମଧ୍ୟ ଚିକିତ୍ସା ପରେ ସେ ସ୍ଥିର ରହିଛି। ବାତାବରଣ ପରିବର୍ତ୍ତନ ଓ ଯାତ୍ରାଜନିତ କ୍ଲାନ୍ତି ଯୋଗୁଁ ଏପରି ହୋଇଥାଇପାରେ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ମଧ୍ୟ ସେମାନଙ୍କୁ ସମ୍ପୂର୍ଣ୍ଣ ଚିକିତ୍ସା ନିରୀକ୍ଷଣରେ ରଖାଯିବ ।

### ତୈଳ ଦର ବୃଦ୍ଧି ...

ପ୍ରତି ଗ୍ୟାଲନ୍ ପ୍ରାୟ ୫.୮୫ ଡଲାର ଥିଲା। ଗତ ବର୍ଷ ଏହି ସମୟରେ ଡିଜେଲ୍ ଦର ପ୍ରାୟ ୩.୭୧ ଡଲାର ପ୍ରତି ଗ୍ୟାଲନ୍ ଥିଲା ।ଆୟରଲ୍ୟାଣ୍ଡ ଗସ୍ତ ସମୟରେ ସାମ୍ବାଦିକମାନଙ୍କ ସହ ଆଲୋଚନା ବେଳେ ଟ୍ରମ୍ପ କହିଛନ୍ତି ଯେ, ସେ ଜେଲେନସ୍କିଙ୍କ ସମ୍ମୁଖରେ ଡିଜେଲ୍ ଦର ବୃଦ୍ଧିର ପ୍ରସଙ୍ଗ ଉଠାଇଛନ୍ତି। ରୁଷିଆରେ ଡିଜେଲ୍ ଉତ୍ପାଦନ ସହ ଜଡ଼ିତ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ୍ ନ କରିବା ପାଇଁ ସେ ୟୁକ୍ରେନ୍ ନେତୃତ୍ୱକୁ ଅନୁରୋଧ କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ରୁଷିଆରେ ଆକ୍ରମଣ କରିବା ପାଇଁ ୟୁକ୍ରେନ୍ ନିକଟରେ ଅନେକ ଅନ୍ୟ ଲକ୍ଷ୍ୟ ରହିଛି, କିନ୍ତୁ ଡିଜେଲ୍ ଇନ୍ଧନ ସହ ଜଡ଼ିତ ପ୍ରତିଷ୍ଠାନ ଉପରେ ଆକ୍ରମଣ ହେଲେ ବିଶ୍ୱସ୍ତରରେ ଇନ୍ଧନ ଯୋଗାଣ ପ୍ରଭାବିତ ହୋଇପାରେ। ଆମେରିକୀୟ ରାଷ୍ଟ୍ରପତି ଏହା ମଧ୍ୟ ଖଣ୍ଡନ କରିଛନ୍ତି ଯେ, ଡିଜେଲ୍ ଦରରେ ବର୍ତ୍ତମାନର ବୃଦ୍ଧି ମୁଖ୍ୟତଃ ମଧ୍ୟପ୍ରାଚ୍ୟରେ ଜାରି ସଂଘର୍ଷ ଏବଂ ଆମେରିକା-ଇରାନ ମଧ୍ୟରେ ଉତ୍ତେଜନା କାରଣରୁ ହୋଇଛି। ଏହା ପରିବର୍ତ୍ତେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଏବଂ ୟୁକ୍ରେନ୍ର ଆକ୍ରମଣକୁ ଦର ବୃଦ୍ଧିର ପ୍ରମୁଖ କାରଣ ବୋଲି ସେ ଦର୍ଶାଇଛନ୍ତି।

## ଷ୍ଟିଲ୍ ସିଟିରେ ଆନନ୍ଦ ଏବଂ ଉତ୍ସାହର ସହିତ ଗଣେଶ ଚତୁର୍ଥୀ ପାଳିତ



ରାଉରକେଲା, ୧୪/୯ (ନି.ପ୍ର): ୧୪ ସେପ୍ଟେମ୍ବର, ୨୦୨୬ ରେ ଇସ୍ପାତ ନଗରୀର ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଅନ୍ୟାନ୍ୟ ସଂଗଠନରେ ଗଣେଶ ଚତୁର୍ଥୀ ଆନନ୍ଦ ଏବଂ ଉତ୍ସାହର ସହିତ ପାଳନ କରାଯାଇଥିଲା। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଡିଆଇସି ଶ୍ରୀ ଆଲୋକ ବର୍ମା ପୂଜା ଉତ୍ସବ ପରିଦର୍ଶନ କରିଥିଲେ ଏବଂ ସେକ୍ଟର-୧୮ ସ୍ଥିତ ଦୀପିକା ଇସ୍ପାତ ଶିକ୍ଷା ସଦନରେ ଭଗବାନ ବିନାୟକଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ସହିତ ଦୀପିକା ମହିଳା ସଂଘତିର ସଭାପତି ଶ୍ରୀମତୀ ନମ୍ରତା ବର୍ମା, ଶ୍ରୀ ବିକେ ଗିରି, ଇଡି (ଖଣି ବିକାଶ -CMLO), ଶ୍ରୀ ବିଶ୍ୱରଞ୍ଜନ ପଲାଇ, ଇଡି (କାର୍ଯ୍ୟ), ଶ୍ରୀ ଅନିଲ କୁମାର, ଇଡି (ଗଗ), ଶ୍ରୀ ଏମପି ସିଂହ, ଇଡି (ଖଣି), ଶ୍ରୀ ଶ୍ରୀ ଏସ୍ ପାଲଚୌଧୁରୀ, ଇଡି (ପ୍ରୋଜେକ୍ଟ), ଶ୍ରୀମତୀ ସ୍ମିତା ଗିରି, ଡକ୍ଟର ପ୍ରତିଜ୍ଞା ପଲାଇ, ଶ୍ରୀମତୀ ରୀତା ରାଣୀ, ଶ୍ରୀମତୀ ନବନୀତା ପାଲଚୌଧୁରୀ, ସମସ୍ତ ଉପାଧ୍ୟକ୍ଷ ଡିଏମଏସ ଏବଂ ପ୍ଲାଣ୍ଟର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଏକ ପୂଜା ସେକ୍ଟର - ୫ସ୍ଥିତ ବିଗନର୍ସ ଏକାଡେମୀରେ ଦୀପିକା ମହିଳା ସଂଘତିର ସଭାପତି, ଉପାଧ୍ୟକ୍ଷ ଏବଂ ପରିଚାଳନା ପରିଷଦ ସଦସ୍ୟଙ୍କ ଦ୍ୱାରା କରାଯାଇଥିଲା। ଇସ୍ପାତ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଧ୍ୟ ଗଣେଶ ପୂଜା ଉତ୍ସାହ ଏବଂ ଉତ୍ସାହର ସହିତ ପାଳିତ ହୋଇଥିଲା, ଯେଉଁଥିରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଏହା ଉଲ୍ଲେଖନୀୟ ଯେ ହିନ୍ଦୁ କ୍ୟାଲେଣ୍ଡରର ଭାଦ୍ରବ ମାସର ଶୁଭ ପକ୍ଷର ଚତୁର୍ଥ ଦିନରେ ଗଣେଶ ଚତୁର୍ଥୀକୁ ଭଗବାନ ଗଣେଶଙ୍କ ଜନ୍ମଦିନ ଭାବରେ ପାଳନ କରାଯାଏ। ଏହା ଭାରତର ସବୁଠାରୁ ପାଳିତ ପର୍ବଗୁଡ଼ିକ ମଧ୍ୟରୁ ଗୋଟିଏ। ପାରମ୍ପରିକ କାରିଗରମାନଙ୍କ ଦ୍ୱାରା ମୂର୍ତ୍ତି ତିଆରି ଉତ୍ସବର ମାସକ ପୂର୍ବରୁ ଆରମ୍ଭ ହୁଏ। ଘରେ ଏବଂ ବାହାର ପେଣ୍ଡାଲର ମହାନ ବୈଭବରେ ମୂର୍ତ୍ତିଗୁଡ଼ିକୁ ସୁସଜ୍ଜିତ ବେଦୀରେ ସ୍ଥାପନ କରାଯାଉଛି, ବହୁତ ଆଡମ୍ବର ଏବଂ ଉତ୍ସବ ସହିତ।

ମଙ୍ଗଳବାର, ସେପ୍ଟେମ୍ବର ୧୫, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ନିଧିପଣ୍ଡାରେ ୟଙ୍ଗ ଷ୍ଟାର କ୍ଲବ ପକ୍ଷରୁ ଧୁମ୍‌ଧାମରେ ଗଣେଶ ପୂଜା ଅନୁଷ୍ଠିତ



ବସ୍ତା , ୧୪/୯ (ନି.ପ୍ର): ବାଲେଶ୍ୱର ସଦର ଅଧୀନ ନିଧିପଣ୍ଡା, ଓଡ଼ଙ୍ଗି ଅଞ୍ଚଳରେ ୟଙ୍ଗ ଷ୍ଟାର କ୍ଲବ ପକ୍ଷରୁ ଶ୍ରଦ୍ଧା, ଭକ୍ତି ଓ ଉତ୍ସାହର ସହ ଧୁମ୍ ?ଧାମରେ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜାକୁ ନେଇ ଅଞ୍ଚଳର ଯୁବପିଢ଼ିଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଆନନ୍ଦ ପରିଲକ୍ଷିତ ହୋଇଥିଲା। କ୍ଲବର ସଭାପତି ପଙ୍କଜ ପରିଡ଼ା, ଉପସଭାପତି ପ୍ରକାଶ ନାୟକ ଏବଂ ସମ୍ପାଦକ କମଳ ଲୋଚନ ପାତ୍ରଙ୍କ ନେତୃତ୍ୱରେ ପୂଜା କାର୍ଯ୍ୟକ୍ରମ ସୁଚାରୁ ଭାବେ ପରିଚାଳିତ ହୋଇଥିଲା। ପୂଜା ଆୟୋଜନରେ କ୍ଲବ ସେକ୍ରେଟାରୀ ଅବିନାଶ ମଲ୍ଲିକ ଓ ତାପସ ସ୍ୱାଇଁଙ୍କ ସହଯୋଗ ରହିଥିଲା। କାର୍ଯ୍ୟକାରିଣୀ ସଦସ୍ୟ ସିମିତ ମହାନ୍ତି, ସୁଜେନ୍ଦ୍ର ନାଥ ଓ ମାନସ ପତି ପ୍ରମୁଖ ପୂଜା ପରିଚାଳନାରେ ସକ୍ରିୟ ଭାବେ ସହଯୋଗ କରିଥିଲେ। ସେହିପରି କ୍ଲବ ସଦସ୍ୟ ଟୁକୁ, କୁନୁ, ଉତ୍ତମ, ସୁନୁ, ଲିପୁ, ତପନ ଓ ସଞ୍ଜୁଙ୍କ ସମେତ ଅନ୍ୟ ସଦସ୍ୟମାନେ ମଧ୍ୟ ପୂଜା ଆୟୋଜନରେ ସକ୍ରିୟ ଭାବେ ସାମିଲ ହୋଇଥିଲେ। ମଙ୍ଗଳବାର ୨ ହଜାର ଲୋକଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା ଗଣେଶ ପୂଜା ଅବସରରେ ଆସନ୍ତା ମଙ୍ଗଳବାର ପ୍ରାୟ ୨ ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ମଧ୍ୟ ଉତ୍ସାହ ଓ ଆନନ୍ଦ ଦେଖାଦେଇଛି। ଯୁବପିଢ଼ିଙ୍କ ଏଭଳି ଧାର୍ମିକ ଓ ସାଂସ୍କୃତିକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ସ୍ୱାଗତ କରାଯାଇଛି।

# କବି ପ୍ରେମାନନ୍ଦ ଖଣ୍ଡୁଆଳ ପାଇଲେ 'ମହାବିନାୟକ କବିତା ସମ୍ମାନ - ୨୦୨୬'




କେନ୍ଦ୍ରାପଡ଼ା , ୧୪/୯ (ନି.ପ୍ର): ଗତକାଲି ଯାଜପୁର ଜିଲ୍ଲାର ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ଅଷ୍ଟମ ବାର୍ଷିକ ମହାବିନାୟକ କବିତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟ ଦର୍ପଣ ପତ୍ରିକା ପକ୍ଷରୁ ଆୟୋଜିତ ଏହି ଉତ୍ସବକୁ କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାର ପ୍ରାପ୍ତ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ ଉଦ୍ଘାଟନ କରିଥିଲେ । ଏହି ସଭାକୁ ସାହିତ୍ୟ ଦର୍ପଣର ସଂପାଦକ କବି ବିମଳ ପତି ପରିଚାଳନା କରିଥିଲେ, ଔପନ୍ୟାସିକା ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ ଅତିଥି ସଞ୍ଚାଳିକା ଏବଂ ଓଡ଼ିଶାର ବିଶିଷ୍ଟ କଥାକାର ଡ. ଗୌରହରି ଦାସ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ଓଡ଼ିଆ ସାହିତ୍ୟରେ ପ୍ରମୁଖ ଅବଦାନ ପାଇଁ କବି ପ୍ରେମାନନ୍ଦ ଖଣ୍ଡୁଆଳ ଓ ନିରୁପମା ବେହେରାଙ୍କୁ ମୁଖ୍ୟଅତିଥି ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ 'ମହାବିନାୟକ କବିତା ସମ୍ମାନ - ୨୦୨୬'ରେ ସମ୍ମାନିତ କରିଥିଲେ । କବି ଡ. ମମତାମୟୀ ଦାଶ ମାନପତ୍ର ପାଠ କରିଥିଲେ । ଏହି ଅବସରରେ କବି ତ୍ରିଲୋଚନ ରାଉତଙ୍କ ସଭାପତିତ୍ୱରେ ଏକ ମନୋଜ୍ଞ କବିତା ପାଠୋତ୍ସବ ତିରିଶି ଜଣ ଅତିଥିଙ୍କୁ ନେଇ ଆୟୋଜିତ ହୋଇଥିଲା । ପ୍ରାବନ୍ଧିକ ଡ. ଯତିନ୍ଦ୍ର ରାଉତ, ସମାଜସେବୀ ମିନତୀ ସାହୁ, ଡ. ସଂଘମିତ୍ରା ରାୟଗୁରୁ ଅତିଥି ଭାବରେ ଯୋଗ ଦେଇଥିଲେ । ସାମ୍ବାଦିକ ସୀତାକାନ୍ତ ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଶିଶୁ ଓ କିଶୋର ଶ୍ରମ ସମ୍ପର୍କିତ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ସମ୍ପର୍କରେ ସଂକ୍ଷିପ୍ତ ଟିପ୍ପଣୀ



ଖୋର୍ଦ୍ଧା, ୧୪/୯ (ନି.ପ୍ର): ଖୋର୍ଦ୍ଧା କଲେକ୍ଟୋରେଟ୍‌ର ସମ୍ମିଳନୀ କକ୍ଷରେ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟମନ) ଅଧିନିୟମ, ୧୯୮୬ ସମ୍ପର୍କିତ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ଶ୍ରୀ ପ୍ରତାପ ଚନ୍ଦ୍ର ବେହେରିଆ, ଅତିରିକ୍ତ ଜିଲ୍ଲାପାଳ, ଖୋର୍ଦ୍ଧା ତଥା ନୋଡାଲ୍ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକଟି ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ପକ୍ଷରୁ ଆୟୋଜିତ ହୋଇଥିଲା। ବୈଠକରେ ଶ୍ରୀ ଅଜୟ କୁମାର ପ୍ରଧାନ, ପ୍ରଭାଗିୟ ଶ୍ରମ ଆୟୁକ୍ତ ଶ୍ରୀ ପ୍ରଭାକର ବିଶ୍ୱାଳ, ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ସଗ୍ରାମ ଦଳେଇ, ସହକାରୀ ଶ୍ରମ ଅଧିକାରୀ; ଶ୍ରୀ ଜ୍ୟୋତି ରଞ୍ଜନ ବାରିକ, ସହକାରୀ ଶ୍ରମ ଅଧିକାରୀ, ସୁଶ୍ରୀ ଦେବାଶ୍ରୀ ବେହେରା, ସହକାରୀ ଶ୍ରମ ଅଧିକାରୀଙ୍କ ସମେତ ଶିଶୁ କଲ୍ୟାଣ କମିଟି ସଦସ୍ୟ, NGO ପ୍ରତିନିଧି, DCPU, EdTech, SDPO ଖୋର୍ଦ୍ଧା ଏବଂ ଚାଇଲ୍ଡ ହେଲ୍ପଲାଇନ୍ ସଦସ୍ୟମାନେ ଯୋଗଦେଇଥିଲେ। ବୈଠକରେ କେବଳ ଶିଶୁ ଓ କିଶୋର ଶ୍ରମିକଙ୍କ ଉଦ୍ଧାର ଉପରେ ନୁହେଁ, ବରଂ ଉଦ୍ଧାର ପରବର୍ତ୍ତୀ ସ୍ଥାୟୀ ପୁନର୍ବାସନ, ଆବଶ୍ୟକତା ଅନୁଯାୟୀ ଶିଶୁ ଓ କିଶୋରଙ୍କ ଟ୍ରାକିଂ, ତ୍ୱରିତ ଆର୍ଥିକ ସହାୟତା ଏବଂ ନିୟମିତ ଫଲୋଅପ୍ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ପାଇଁ ଏକ ସମର୍ପିତ WhatsApp ଗ୍ରୁପ୍ ଗଠନ କରିବା ଏବଂ ପ୍ରତିମାସ ନିୟମିତ ସମୀକ୍ଷା ବୈଠକ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅଧ୍ୟକ୍ଷ ମହୋଦୟ ଉଲ୍ଲେଖ କରିଥିଲେ ଯେ, ଶିଶୁ ଶ୍ରମ କେବଳ ଏକ ସ୍ୱତନ୍ତ୍ର ସମସ୍ୟା ନୁହେଁ; ଏହା ପଛରେ ଥିବା ଦାରିଦ୍ର୍ୟ, ଶିକ୍ଷାରୁ ବଞ୍ଚିତ ,ସ୍କୁଲ୍ ଛାଡ଼ିବା, ପରିବାରର ଆର୍ଥିକ ଅସୁରକ୍ଷା, ପ୍ରବାସ ଓ ଅନ୍ୟାନ୍ୟ ସାମାଜିକ-ଆର୍ଥିକ କାରଣର ମୂଳ କାରଣ ବିଶ୍ଳେଷଣ କରି ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ନେବା ଆବଶ୍ୟକ। ଏହା ସହିତ ଶିଶୁମାନଙ୍କୁ ଶିକ୍ଷା, କୌଶଳ ବିକାଶ, ଆର୍ଥିକ ସହାୟତା ଓ ଅନ୍ୟାନ୍ୟ ସରକାରୀ ସୁବିଧା ସହିତ ଯୋଡ଼ି ସେମାନଙ୍କର ସୁରକ୍ଷିତ ଓ ସ୍ଥାୟୀ ପୁନର୍ବାସନ ନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# ଝିଅ ଘରକୁ ଯାଉଥିବାର ସୁଯୋଗ ନେଇ ଚୋର କଳାକନା ବୁଲାଇଲେ

ବୈଶିଙ୍ଗା , ୧୪/୯ (ନି.ପ୍ର): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ଗଡଦେଉଳିଆ ଗ୍ରାମରେ ଜନୈକ ବ୍ୟକ୍ତି ତାଙ୍କ ଝିଅ ଘରକୁ ବୁଲିବାକୁ ଯାଇଥିବା ସୁଯୋଗରେ ଘରେ ପଶି ଲୁଟ୍ କରିଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ମୁତାବକ ଦୟାନିଧି ଦାଶ ସପରିବାର ବସ୍ତା ଥାନା ଅର୍ନ୍ତଗତ ସଦାନନ୍ଦପୁର ଠାରେ ଥିବା ତାଙ୍କ ଝିଅ ଘରକୁ ଯାଇଥିଲେ । ଘରେ ତାଙ୍କ ଅନୁପସ୍ଥିତିରେ ସ୍ଥାନୀୟ ଜଣେ ବ୍ୟକ୍ତିଙ୍କୁ ରାତିରେ ତାଙ୍କ ଘରେ ଶୋଇବାକୁ ଦାୟିତ୍ୱ ଦେଇଥିଲେ । ହେଲେ ଶୁକ୍ରବାର ରାତି ପ୍ରାୟ ଦଶଟା ସମୟରେ ସେ ଶୋଇବାକୁ ଆସିବା ବେଳକୁ ଘର ମୂଖ୍ୟ ଦ୍ୱାରର ତାଲା ଭଙ୍ଗା ଯାଇଥିବା ଏବଂ ଭିତରେ ମଧ୍ୟ ସବୁ ଘର ଖୋଲା ଥିବା ଦେଖି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ଖବରପାଇ ତାଙ୍କ ଜ୍ୱାଇଁ ଅଂଶୁମାନ ତ୍ରିପାଠୀ ପହଞ୍ଚିଥିଲେ ଏବଂ ପୋଲିସକୁ ଖବର ଦେଇଥିଲେ । ଘଟଣା ସମ୍ପର୍କରେ ଖବର ପାଇ ବୈଶିଙ୍ଗା ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସବ୍ ଇନ୍ସପେକ୍ଟର ଅଶୋକ କୁମାର ପାତ୍ର ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ତେବେ ଦୁର୍ବୃତ୍ତ ମାନେ ଘରେ ଥିବା ନଗଦ ୨୫ ହଜାର ଟଙ୍କା ଚୋରି କରିନେଇଥିବା ଅଭିଯୋଗରେ ଦର୍ଶାଯାଇଛି । ଶନିବାର ବାରିପଦାରୁ ଫରେନସିକ ଟିମ୍ ଓ ଡଗ୍ ସ୍କ୍ୱାଡ ପହଞ୍ଚି ଘଟଣାର ଛାନଭିନ୍ କରିଥିଲେ ହେଁ କୌଣସି ସୁରାକ ମିଳିପାରିନାହିଁ । ଏହାକୁ ନେଇ ପୋଲିସ ପକ୍ଷରୁ ୪୬୫ / ୨୬ ନଂ ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି ।

# ଭଦ୍ରକରେ ବିଭିନ୍ନ ସ୍ଥାନରେ ଧୂମଧାମରେ ପାଳିତ ହେଲା ଗଣେଶ ପୂଜା

ଭଦ୍ରକ, ୧୪/୯ (ନି.ପ୍ର): ଭାଇଚାରାର ସହର ଭଦ୍ରକରେ ଗଣେଶ ପୂଜାର ଧୁମ୍ ଆରମ୍ଭ ହୋଇଛି। ଭଦ୍ରକରେ ଗଜାନନଙ୍କ ପୂଜା କେବଳ କିଛି ଦିନ ନୁହେଁ, ବରଂ ପୁରା ମାସେ ଧରି ଚାଲିବାର ଏକ ନିଆରା ପରମ୍ପରା ରହିଛି। ଏଠାରେ ପ୍ରଭୁ ଗଣେଶଙ୍କୁ ବିଭିନ୍ନ ରୂପ ଓ ଭିନ୍ନ ବୟସରେ ପୂଜା କରାଯାଏ। ପୁରୁଣା ବଜାରରେ ୫୦୦ ବର୍ଷ ଧରି ପୂଜା ପାଉଥିବା ଐତିହାସିକ ବୁଢ଼ା ଗଣେଶ, ଚାନ୍ଦିମେଢ଼ ଟୋକା ଗଣେଶ, କୁଆଁସରେ ପିଲା, କାଞ୍ଚନ, ଛୁଆ ଗଣେଶ ଏହିପରି ଆହୁରି ଅନେକ ବିଭିନ୍ନ ସ୍କୁଲ, କଲେଜ, କ୍ଲବ, ଅନୁଷ୍ଠାନ ମାନଙ୍କରେ ଗଜାନନଙ୍କର ପୂଜା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଆକର୍ଷଣୀୟ ପୂଜା ମଣ୍ଡପ ଏବଂ ସୁଦୃଶ୍ୟ ତୋରଣରେ ସହର ଆଲୋକିତ ହୋଇଉଠିଛି। ଭଦ୍ରକର ବିଧାୟକଙ୍କ ଘରେ ମଧ୍ୟ ବେଶ୍ ଧୂମଧାମରେ ପାଳିତ ହୋଇଯାଇଛି ଗଜାନନଙ୍କ ପୂଜା । ପାର୍ବଣ ସମୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ପୋଲିସ ପ୍ରଶାସନ ଭଦ୍ରକ ଜିଲ୍ଲାର ପ୍ରସ୍ତୁତିର ସମୀକ୍ଷା କରିଛନ୍ତି।

# କୁନି କୁନି ହାତରେ ତିଆରି ଗଣେଶ ମୂର୍ତ୍ତି ପୂଜା ପାଇଲେ ବିଦ୍ୟାଳୟରେ



ବାରିପଦା, ୧୪/୯ (ନି.ପ୍ର): କୁନି କୁନି ପିଲାମାନେ ଦେଖିଥିବା ଓ ଶିଖିଥିବା କାର୍ଯ୍ୟକୁ ଅତି ସହଜରେ ଅନୁକରଣ କରି ନିଜ ପ୍ରତିଭାର ପରିଚୟ ଦେଇପାରନ୍ତି ଓ ବାରିପଦା ସହରର ୧୫ ନମ୍ବର ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରମାନେ ପ୍ରତିବର୍ଷ ବିଦ୍ୟାଳୟରେ ଗଣେଶ ଓ ସରସ୍ୱତୀ ପୂଜା ଅବସରରେ ନିଜ ହାତରେ ମୂର୍ତ୍ତି ତିଆରି କରି ପୂଜା କରିଥାନ୍ତି ଓ ଚଳିତ ବର୍ଷ ପୂଜାସ୍ଥଳର ସାଜସଜ୍ଜାଠାରୁ ଆରମ୍ଭ କରି ବିଭିନ୍ନ କଳାକୃତି ପର୍ଯ୍ୟନ୍ତ ସବୁକିଛିରେ ପିଲାମାନେ ନିଜର ଦକ୍ଷତାର ପରିଚୟ ଦେଇଛନ୍ତି। କୁନି କୁନି ହାତରେ ଗଢ଼ା ଗଣେଶଙ୍କ ମୂର୍ତ୍ତି ଓ ନିଜ ହାତରେ କରାଯାଇଥିବା ସୁନ୍ଦର ସାଜସଜ୍ଜା ଯେକୌଣସି ବ୍ୟକ୍ତିଙ୍କ ମନକୁ ଆକର୍ଷିତ କରୁଛି। ସୀମିତ ସାଧନ ମଧ୍ୟରେ ପିଲାମାନେ ନିଜର କଳ୍ପନାଶକ୍ତି ଓ ସୃଜନଶୀଳତାକୁ ବ୍ୟବହାର କରି ଯେଉଁ କାର୍ଯ୍ୟ କରିଛନ୍ତି, ତାହା ଅନ୍ୟମାନଙ୍କଠାରୁ ସେମାନଙ୍କୁ ଅଲଗା ପରିଚୟ ଦେଇଛି। ବିଶେଷକରି ବିଦ୍ୟାଳୟର ହଷ୍ଟେଲରେ ରହୁଥିବା ଛାତ୍ରମାନେ ଏହି ମୂର୍ତ୍ତି ତିଆରି ଓ ପୂଜା ସାଜସଜ୍ଜା କାର୍ଯ୍ୟରେ ସମ୍ପୂର୍ଣ୍ଣ ସମୟ ଦେଇଛନ୍ତି। ପାଠପଢ଼ା ସହିତ ନିଜର କଳା ପ୍ରତିଭାକୁ ବିକଶିତ କରି ବିଦ୍ୟାଳୟ ପାଇଁ ଗର୍ବ ଆଣିଦେବା ସହିତ ସେମାନେ ଅନ୍ୟ ପିଲାମାନଙ୍କ ପାଇଁ ମଧ୍ୟ ପ୍ରେରଣା ପାଲଟିଛନ୍ତି। ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ କେବଳ ଚିତ୍ରକଳା ଓ ହସ୍ତକଳାରେ ପାରଙ୍ଗମ ନୁହନ୍ତି, ଖେଳକୁଦ, ନୃତ୍ୟ, ସଙ୍ଗୀତ ସମେତ ବିଭିନ୍ନ କ୍ଷେତ୍ରରେ ମଧ୍ୟ ସେମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଆସୁଛନ୍ତି। ବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ରାଜ୍ୟ ଓ ଜାତୀୟସ୍ତରରେ ପୁରସ୍କୃତ ହୋଇ ବିଦ୍ୟାଳୟର ନାମକୁ ଗୌରବାନ୍ୱିତ କରିଛନ୍ତି। କୁନି କୁନି ହାତରେ ଗଢ଼ା ମୂର୍ତ୍ତି ଓ ହୃଦୟସ୍ପର୍ଶୀ ସାଜସଜ୍ଜା ମାଧ୍ୟମରେ ପୂର୍ଣ୍ଣଚନ୍ଦ୍ରପୁର ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରମାଣ କରିଛନ୍ତି ଯେ, ସୁଯୋଗ ମିଳିଲେ ପିଲାମାନଙ୍କ ସୃଜନଶୀଳତା ଚମତ୍କାର ସୃଷ୍ଟି କରିପାରେ ଓ ବିଦ୍ୟାଳୟ ପରିସରରେ ଥିବା ଗଣଶିକ୍ଷା ବିଭାଗର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆବାସିକ ବିଦ୍ୟାଳୟ ହଷ୍ଟେଲର ଦେବାଶିଷ ଗିରି, ନୀତିକ କୁଣ୍ଡ, ବିଶ୍ୱନାଥ ମହାନ୍ତ, ରାହୁଲ ବେହେରା, ଦେବାଶିଷ କୁଅଁର, ଗୌରାଙ୍ଗ ବେହେରା ଓ ଶିବ ସିଂହ ପ୍ରମୁଖ ସମ୍ପୂର୍ଣ୍ଣ ନେତୃତ୍ୱ ନେଇ ମୂର୍ତ୍ତି ନିର୍ମାଣ ଓ ସାଜସଜ୍ଜା କରିଥିଲେ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ ଜଣାଇଛନ୍ତି ।

# ଭାରସାମ୍ୟ ହରାଇ ଗଛକୁପିଟିଲା ବାଇକ୍: ଆରୋହୀ ଗୁରୁତର

ନୀଳଗିରି, ୧୪/୯ (ନି.ପ୍ର): ନୀଳଗିରି ସହରଦେଇ ଯାଇଥିବା ୧୯ ନଂ ରାଜ୍ୟରାଜପଥର ଘାଟଘରସାହି ଛକ ନିକଟରେ ସୋମବାର ଏକ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ଏକ ଗଛକୁ ବାଡେଇଥିଲେ। ଫଳରେ ବାଇକ ଆରୋହୀ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଗୁରୁତର ଅବସ୍ଥାରେ ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ସଙ୍ଗେସଙ୍ଗେ କଟକର ଅଶ୍ୱିନୀ ମେଡିକାଲକୁ ପରିବାର ଲୋକେ ନେଇଥିବାର ଜଣାପଡିଛି। ସୂଚନା ଅନୁଯାୟୀ ନୀଳଗିରି ଏନ୍.ଏ.ସି ର ବରିସାହି ଗ୍ରାମର ବୈଷ୍ଣବ ବୈଠାର ପୁଅ ମାନୁ ବୈଠା ନିଜ ବାଇକ୍ ରେ ଦୁଇ ସାଙ୍ଗକୁ ବସାଇ ସଜନାଗଡ଼ ଆଡୁ ନୀଳଗିରି ଆସୁଥିବା ବେଳେ ଘାଟଘର ସାହି ଛକ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା।

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by: Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer: ADMISSION OPEN : 2026-27
B.Sc. Nursing
(4 Years Degree Course)
Eligibility : +2 Science with Biology
(Mark 45% & 40% for SC/ST Students)
100% Placement
BETNOTI SCHOOL OF NURSING
G.N.M. 3 YEARS DIPLOMA COURSE
Eligibility : +2 Arts/ Science/ Commerce
A.N.M. 2 YEARS COURSE
(Mark 40% & 35% for SC/ST Students)
Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission:
7008973851, 8455087373, 9861373681

# ଆଚାର୍ଯ୍ୟ ପୁଲକସାଗରଙ୍କୁ ଭେଟିଲେ ମୋହନ ଭାଗବତ

ନୂଆଦିଲ୍ଲୀ,୧୪/୯ : ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍.ଏସ୍.ଏସ୍.) ର ସରସଂଘଚାଳକ ଡକ୍ଟର ମୋହନ ଭାଗବତ ସୋମବାର ଭିଲୱାଡ଼ାରେ ଚତୁର୍ମାସ କରୁଥିବା ରାଷ୍ଟ୍ରସନ୍ତ ଆଚାର୍ଯ୍ୟ ପୁଲକସାଗର ମହାରାଜଙ୍କୁ ଭେଟିଥିଲେ। ସୂର୍ଯ୍ୟମହଲର ଚତୁର୍ମାସ ସ୍ଥଳରେ ପ୍ରାୟ ୪୦ ମିନିଟ୍ ଧରି ଚାଲିଥିବା ଏହି ଆଲୋଚନାରେ ସାମାଜିକ ସୌହାର୍ଦ୍ଦ୍ୟ, ଜୈନ ତୀର୍ଥର ସଂରକ୍ଷଣ, ଗାଇ ବଂଶକୁ ପ୍ରୋତ୍ସାହନ ଏବଂ ରାଷ୍ଟ୍ର ନିର୍ମାଣ ସମେତ ବିଭିନ୍ନ ବିଷୟ ଉପରେ ବିଚାରବିମର୍ଶ କରାଯାଇଥିଲା। ଏହି ଆଲୋଚନାରେ ରାଜନୀତି ବ୍ୟତୀତ ସାମାଜିକ ଏକତା ଏବଂ ସୌହାର୍ଦ୍ଦ୍ୟ ଉପରେ ମଧ୍ୟ ଆଲୋଚନା ହୋଇଥିଲା।

# ଲିଙ୍ଗଗତ ବୈଷମ୍ୟ ଓ ତତ୍‌ଜନିତ ହିଂସା ଉପରେ ଆଲୋଚନାଚକ୍ର




ଉଦଳା , ୧୪/୯ (ନି.ପ୍ର): ସ୍ୱେଚ୍ଛାସେବି ସଂଗଠନ 'ଅନ୍ୱେଷଣ' ତରଫରୁ ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ହାତୀଗଡ଼। ପଂଚାୟତର ଘୋଡ଼ାବିନ୍ଧା ଗ୍ରାମସ୍ଥିତ ଗୋଷ୍ଠୀ ସଭାଗୃହ ପରିସରରେ ଚଳିତ ସେପ୍ଟେମ୍ବର ୧୨ତାରିଖ ଶନିବାର ଦିନ ପୁରୁଷ ଓ ନାରୀ ମଧ୍ୟରେ ଥିବା ଲିଙ୍ଗଗତ ବୈଷମ୍ୟ ଓ ମହିଳା ମାନଙ୍କ ପ୍ରତି ବୃଦ୍ଧି ପାଉଥିବା ହିଂସାର ପ୍ରତିକାର ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ 'ବାଳିକା ସୁରକ୍ଷା, ଜଗତରକ୍ଷା' ପ୍ରକଳ୍ପର ସଂଯୋଜକ ରଶ୍ମିରଂଜନ ବେହେରା ଅଧ୍ୟକ୍ଷତା କରିଥିଲେ। ସହଯୋଗି ଭାବରେ ସ୍ୱେଚ୍ଛାସେବି କେଦାରନାଥ ମହାନ୍ତି ଓ ବଂଶୀଧର ବେହେରା କାର୍ଯ୍ୟକ୍ରମର ଉଦେଶ୍ୟ ସଂପର୍କରେ ଅବଗତ କରାଇଥିଲେ । ଲିଙ୍ଗଗତ ବୈଷମ୍ୟ, ଘରୋଇ ହିଂସା, କନ୍ୟା ସନ୍ତାନ ପ୍ରତି ଅବହେଳା, ବାଲ୍ୟ ବିବାହ, ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ ଓ ବ୍ୟବହାରରେ ପୁଅ ଓ ଝିଅ ମଧ୍ୟରେ ସମାନ ଆଭିମୁଖ୍ୟ ଗ୍ରହଣ କରିବା ସହିତ ପ୍ରସୂତୀ ଓ ଗର୍ଭବତୀ ମା' ମାନଙ୍କର ଉପଯୁକ୍ତ ଚିକିତ୍ସା ଓ ଯତ୍ନ ନେବାକୁ ସଚେତନତା ସୃଷ୍ଟି କରାଯାଇଥିଲା । ବହୁସଂଖ୍ୟାରେ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ବିଶ୍ୱକବିଙ୍କ କାବ୍ୟ ଓ ଜୀବନଦର୍ଶନ ଉପରେ ଆଲୋଚନାଚକ୍ର

ନୀଳଗିରି, ୧୪/୯ (ନି.ପ୍ର): କବିତୀର୍ଥ ଶାନ୍ତିକାନନରେ ଫକୀର ମୋହନ ସାହିତ୍ୟ ପରିଷଦ ତରଫରୁ ସଭାପତି ଡ. ସୁବାଷ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ବିଶ୍ୱକବି ରବୀନ୍ଦ୍ରନାଥ କାବ୍ୟଜଗତ ଓ ଜୀବନ ଦର୍ଶନ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି ।ଏଥିରେ ରବୀନ୍ଦ୍ରନାଥ ଠାକୁରଙ୍କ ଉପରେ ବିଶେଷ ଭାବରେ ଗବେଷଣା କରିଥିବା ଡ.ସାନ୍ତ୍ୱନା ହାଲଦାର, ଡ.ହରିଶ୍ଚନ୍ଦ୍ର ବେହେରା ଓ ଶାନ୍ତିନିକେତନର ଅବସରପ୍ରାପ୍ତ ପ୍ରଫେସର ଡ.ଅରୁଣ ରଞ୍ଜନ ମିଶ୍ର ଯୋଗଦେଇ ରବୀନ୍ଦ୍ର ସାହିତ୍ୟ ଉପରେ ଆଲୋଚିତ ଓ ଅନାଲୋଚିତ ଗବେଷଣା ତଥ୍ୟମାନ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ। ଜନ୍ମର ୧୬୬ବର୍ଷ ପରେ ରବୀନ୍ଦ୍ର ସାହିତ୍ୟ ଆଜିବି କିପରି ପ୍ରାସଙ୍ଗିକ ହୋଇ ରହିଛି ତଥ୍ୟ ସହ ଡ.ହାଲଦାର ପ୍ରକାଶ କରିଥିଲେ ।ରବୀନ୍ଦ୍ର ନାଥଙ୍କ ଅନେକ କବିତା ରହସ୍ୟମୟ ଭାବରେ ଜଗନ୍ନାଥଙ୍କ ନାମ ପ୍ରକାଶ ନ କରି ରଚିତ ହୋଇଛି ସେ ତଥ୍ୟ ଡ. ମିଶ୍ର ପ୍ରକାଶ କରିଥିଲେ। ୨୦୦୮ ମସିହାରୁ ରବୀନ୍ଦ୍ରଙ୍କର୫୧ଟି ଗଳ୍ପ ଅନୁବାଦ ପରେ ସେ କିପରି ରବୀନ୍ଦ୍ର ସାହିତ୍ୟର ଭକ୍ତଟିଏ ପାଲଟି ଯାଇଛନ୍ତି ଏବଂ ଅଚିରେ ରବୀନ୍ଦ୍ର ନାଥଙ୍କର ୧୦୦ଟି ନିର୍ବାଚିତ କବିତା ସଙ୍କଳନ ଟାଇମପାସ ତରଫରୁ ପ୍ରକାଶିତ ହେବାକୁ ଯାଉଛି ତାର ସୂଚନା ଡ. ବେହେରା ପ୍ରଦାନ କରିଥିଲେ। ପରିଷଦର ସମ୍ପାଦକ ଡ. ରତ୍ନାକର ସିଂହ ପ୍ରାକ କଥନ ଉପସ୍ଥାପନ କରିଥିବାବେଳେ ଯୁଗ୍ମ ସମ୍ପାଦକ ରାଜେଶ ଗିରି ମଞ୍ଚଆହ୍ୱାନ ଓ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ପ୍ରାରମ୍ଭରେ ରବୀନ୍ଦ୍ର ସଙ୍ଗୀତ ଗାନ ସହ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଡ.ଶ୍ରୀକାନ୍ତ ଚରଣ ପାତ୍ର,ଡ.ଶିରୀଶ ଚନ୍ଦ୍ର ଜେନା, ଡ.ରମାକାନ୍ତ ନାୟକ,ଲମ୍ବୋଦର ନାୟକ, ଦୀନବନ୍ଧୁ ଲେଙ୍କା, ଜୁମର ନାଥ ପାତ୍ର, ରଂଜନ ବାଗ, ଶରତ ଚନ୍ଦ୍ର ମହାପାତ୍ର, ବିଦ୍ୟାଧର ଦାସ, ଅଞ୍ଜଳି ପଣ୍ଡା,ଅରୁଣା ରାୟ, ଜ୍ୟୋସ୍ନା ରାୟ, ପୁଷ୍ପଲତା ଚକ୍ରବର୍ତ୍ତୀ,ପ୍ରତିମା ପଣ୍ଡା, ମାମିନା ମହାପାତ୍ର ଆଦି ବହୁ ବିଶିଷ୍ଟ ବ୍ୟକ୍ତି ସଭାରେ ଯୋଗଦାନ କରିଥିଲେ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida